ଧରିତ୍ରୀ 51 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜୁନ୍ ୭/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 7/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୧୯୨ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 192 ମୂଲ୍ୟ₹୭/-




# ମା'ବାପାଙ୍କ ସେବାକର, ଗରିବଙ୍କୁ ନ୍ୟାୟ ଦିଅ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ଶୁକ୍ରବାର ୭ ବିଭାଗର ୧୨୯୪ ପଦବୀ ପୂରଣ ପାଇଁ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ମଞ୍ଚରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗର ମନ୍ତ୍ରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୬।୬(ସୁଚିସ୍ମିତା ସାହୁ)

### ୭ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତି
### ବର୍ଷକରେ ୨୭,୪୨୮ ସରକାରୀ ପଦବୀ ପୂରଣ


ମାଆ ବାପାଙ୍କ ଆଶୀର୍ବାଦରୁ ଚାକିରି ମିଳିଛି। ତାଙ୍କର ସେବା ସବୁବେଳେ କରନ୍ତୁ। କେବେ ମଧ ପରିବାର ଲୋକଙ୍କ ମନରେ କଷ୍ଟ ଦିଅନ୍ତୁ ନାହିଁ। ସମାଜରେ ଗରିବ ଲୋକମାନେ ବହୁ କଷ୍ଟରେ ରହୁଛନ୍ତି। ସେମାନଙ୍କୁ ମଧ ଠିକ୍ ସମୟରେ ନ୍ୟାୟ ପ୍ରଦାନ କରିବାକୁ ଭୁଲନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ୧୨୯୪ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଉପଦେଶ ଦେଇଛନ୍ତି। ଶୁକ୍ରବାର ରେଳ ଅଡିଟୋରିୟମଠାରେ ୭ ବିଭାଗରେ ୧୨୯୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୨୬ ସ୍ନାତକୋତ୍ତର ଶିକ୍ଷକ ପଦବୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ପ୍ରାଧ୍ୟାପକ, କ୍ଲିନିକାଲ ମନୋବିଜ୍ଞାନୀ, ମନସ୍ତତ୍ତ୍ୱ ସାମାଜିକ କର୍ମୀ, ନର୍ସିଂ ଅଫିସର ଏବଂ ଡ୍ରଗ୍ ଇନ୍ସପେକ୍ଟର ପଦବୀକୁ ମିଶାଇ ମୋଟ ୨୨୪ଟି ପଦବୀ ଏବଂ ବାଣିଜ୍ୟ ଓ ପରିବହନ ☞ପୃଷ୍ଠା-୪


# ମୁଖ୍ୟମନ୍ତ୍ରୀ ସହରୀ ଯୋଜନାରେ ୧୧ଶହ କୋଟି ମଞ୍ଜୁର


ଭୁବନେଶ୍ୱର,୬।୬(ରବିନାରାୟଣ ଜେନା)

### ରାଜ୍ୟ କ୍ୟାବିନେଟ୍‌ରେ ୪ ପ୍ରସ୍ତାବକୁ ମୋହର

ରାଜ୍ୟରେ ସମସ୍ତ ସହରାଞ୍ଚଳବାସୀଙ୍କୁ ସୁଖଦ ଜୀବନଯାପନ ଯୋଗାଇବା ଏବଂ ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶକୁ ଦୃଷ୍ଟିରେ ରଖି ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୟାବିନେଟ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଗଣମାଧ୍ୟମକୁ କହିଛନ୍ତି, ସହରାଞ୍ଚଳଗୁଡ଼ିକର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପ୍ରଣୟନ କରାଯାଇଛି। ଏଥିରେ ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକବର୍ଷ ମଧ୍ୟରେ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି। ଚଳିତବର୍ଷ ଲାଗି ଏଥିପାଇଁ ୧୧ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ୨୦୩୬ ମସିହା ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳର ବିକାଶ କରାଯିବାକୁ ଲକ୍ଷ୍ୟ ରହିଛି। ☞ପୃଷ୍ଠା-୪






# ଛେଲିଗଡ଼ ଜଳସେଚନ ଲାଗି ୧୫୧.୭୮ କୋଟି ମଞ୍ଜୁର

## ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

ଭୁବନେଶ୍ୱର,୬।୬(ରବିନାରାୟଣ ଜେନା)

'ଛେଲିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ୍ ଡ୍ୟାମ ଏବଂ ସ୍ପିଲୱେ ନିର୍ମାଣ କାର୍ଯ୍ୟ ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କହିଥିଲେ, ଛେଲିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଗଜପତି ଜିଲା ଆର.ଉଦୟଗିରି ବ୍ଲକର ଛେଲିଗଡ଼ ଗ୍ରାମ ନିକଟରେ ବଂଶଧାରା ନଦୀର ବଡଜୋର ଉପନଦୀରେ ଏକ ଜଳାଶୟ ନିର୍ମାଣ କରିବା ନିମନ୍ତେ ୨୬୬ ମି. ଦୀର୍ଘ କଂକ୍ରିଟ ଡ୍ୟାମ ସହିତ ୭ ଗୋଟି ରେଡିଆଲ ଗେଟ୍ (୧୨ ମି. x ୬ ମି. ଆକାର) ନିର୍ମାଣ କରାଯିବ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଲାଗି ୧୫୧କୋଟି ୭୮ ଲକ୍ଷ ୨୦ହଜାର ୪୭୬ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଟିକୁ ୧୮ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ, ଗଜପତି ଜିଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବ। ଏତଦ୍‌ବ୍ୟତୀତ ବ୍ରହ୍ମପୁର ସହରର ଲୋକଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ୩୧.୫୪ ମିଲିଅନ କ୍ୟୁବିକ ମିଟର ଜଳ ଉପଲବ୍ଧ କରାଇବା ସହିତ ମାଛ ଚାଷ, ପଶୁଧନ ପାଳନ କାର୍ଯ୍ୟ ଓ ଭୂତଳ ଜଳ ପୁନଃଭରଣରେ ସହାୟକ ହେବ। ଏହି ପ୍ରକଳ୍ପଟି ୩୬ ମେଗାୱାଟ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରିବା ସହ ସ୍ଥାନୀୟ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ଭଦ୍ରକର ନୂତନ ଏସ୍‌ପି



ଭଦ୍ରକର ପୂର୍ବତନ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରୁଛନ୍ତି ନୂତନ ଏସ୍‌ପି ମନୋଜ ରାଉତ।

ଭଦ୍ରକ,୬।୬(ସନାତନ ରାଉତ)

ଭଦ୍ରକର ନୂତନ ଏସ୍‌ପି ଭାବେ ମନୋଜ କୁମାର ରାଉତ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ନବରଙ୍ଗପୁର ବଦଳି ହୋଇଥିବା ବେଳେ ତାଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭଦ୍ରକରେ କୋଇଲା ଚୋରା ଚାଲାଣ, ବ୍ରାଉନସୁଗାର, ବେଆଇନ ଗୋଚାଲାଣ, ଚୋରି, ଡକାୟତି, ଛିନ୍‌ତାଇ ବଢ଼ିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉତ୍କଟ ରହିଥିଲା। ଭଦ୍ରକ ଭଳି ଏକ ସମ୍ବେଦନଶୀଳ ଜିଲାରେ ମନୋଜ ରାଉତଙ୍କ ପରି ଜଣେ ଦକ୍ଷ ପୋଲିସ ଅଧିକାରୀଙ୍କୁ ଜିଲାବାସୀ ଚାହୁଁଥିଲେ। ସେ ପୂର୍ବରୁ ଭଦ୍ରକ ଟାଉନ ଥାନା, ଗ୍ରାମାଞ୍ଚଳ ଥାନା, ଆଗରପଡ଼ା, ତିହିଡ଼ି, ଭଣ୍ଡାରିପୋଖରୀ ଆଦି ବିଭିନ୍ନ ଥାନାରେ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ୩ ଦିନ ତଳେ ଜଣେ ଯୁବକଙ୍କୁ ଗୋମାଫିଆଙ୍କ ଆକ୍ରମଣ ଓ ଭଦ୍ରକର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଡିଜିପିଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ଏହାପରେ ଏସ୍‌ପି ମଡ଼କରଙ୍କୁ ବଦଳି କରାଯାଇ ମନୋଜ ରାଉତଙ୍କୁ ଦାୟିତ୍ୱ ଦିଆଯାଇଥିବା ଆଲୋଚନା ହେଉଛି। ଭଦ୍ରକରେ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରହିବା ପାଇଁ ଏସ୍‌ପି ରାଉତ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଅପରାଧମୁକ୍ତ ସମାଜ ସୃଷ୍ଟି କରିବା ଓ କୋର୍ ପୋଲିସ ୱାର୍କ ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ପୂର୍ବତନ ବିଧାୟକ ମହମ୍ମଦ ରଫିକ୍‌ଙ୍କ ପରଲୋକ

ସୋହେଲା,୬।୬ (ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ମେଲଛାମୁଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ମହମ୍ମଦ ରଫିକ(୭୧)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ରକ୍ତ ଶର୍କରାଜନିତ ରୋଗ ପାଇଁ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସକାଳ ପ୍ରାୟ ସାଢ଼େ ୬ଟାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

ରଫିକ୍‌ଙ୍କ ମୃତ୍ୟୁ ଖବର ପାଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଜିଲା ଉପସଭାପତି ଗୁନାରୁ ପଧାନ ସ୍ୱର୍ଗତ ରଫିକ୍‌ଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୋହେଲା ଦୁର୍ଗାପୂଜା କମିଟି, ସୋହେଲା ସାମ୍ବାଦିକ ସଂଘ, ବ୍ୟବସାୟୀ ସଂଘ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରଫିକ୍‌ଙ୍କ ପାର୍ଥିବ ଶରୀରକୁ ସନ୍ଧ୍ୟା ୬ଟାରେ ସୋହେଲା ମସ୍‌ଜିଦ୍‌କୁ ନିଆଯାଇଥିଲା। ପରେ ସ୍ଥାନୀୟ କବରସ୍ଥାନକୁ ନେଇ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। ସ୍ୱର୍ଗତ ରଫିକ୍‌ଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,



ସ୍ୱର୍ଗତ ମହମ୍ମଦ ରଫିକ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ଉପନେତା ତଥା ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରଫିକ୍ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତତ୍କାଳୀନ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ଏହା ସହିତ ସେ ସୋହେଲା ଦୁର୍ଗାପୂଜା କମିଟିର ଉପସଭାପତି ଥିଲେ ଏବଂ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ ମଧ କାମ କରିଥିଲେ। ରଫିକ୍ ଅବିବାହିତ ଥିଲେ। ନିଜର ଅମାୟିକ ବ୍ୟବହାର ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ରଫିକ ଅତି ପ୍ରିୟ ଥିଲେ।

# ଟ୍ରକ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା, ଫେରାର ଡ୍ରାଇଭର ଗିରଫ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ଟ୍ରକ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଚାଳକଙ୍କୁ ଖାରବେଳନଗର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିର ବିଚିତ୍ର କୁମାର ସାହୁ (୫୪)। ତାଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ବିଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୟୁନିଟ-୩ ଅଞ୍ଚଳସ୍ଥିତ ରିକ୍ସା କଲୋନୀର ରବି ବେହେରା ସତ୍ୟନଗର ଓଭର ବ୍ରିଜ ନିକଟ ମାଲଗୋଦାମରେ ଶ୍ରମିକ ଭାବେ କାମ କରିବା ସହ ଉକ୍ତ ବ୍ରିଜ ତଳେ ରହୁଥିଲେ। ଏପ୍ରିଲ ୧୬ ବିଳମ୍ବିତ ରାତିରେ ରବି ବ୍ରିଜ ତଳେ ଶୋଇଥିବା ବେଳେ ବିଚିତ୍ର ଦ୍ରୁତ ଗତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଚଳାଇ ଆଣି ତାଙ୍କ ଉପରେ ଚଢ଼ାଇ ଫେରାର ହୋଇଯାଇଥିଲେ। ପରିବାର ଲୋକ ପହଞ୍ଚି ଗୁରୁତର ରବିଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଅ ଶୁଭ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା (ନଂ.୧୭୧/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

# ବସ୍-ବାଇକ୍ ଧକ୍କା, ୨ ମୃତ

କୋଲାବିରା,୬।୬(ଚିନ୍ମୟ କୁମାର ବହିଦାର)

କୋଲାବିରା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଶିରିଆପାଲିଠାରେ ଶୁକ୍ରବାର ଅପରାହ୍ନରେ ଯାତ୍ରୀବାହୀ ବସ୍-ବାଇକ୍ ଧକ୍କା ହୋଇଛି। ଏଥିରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ସମ୍ବଲପୁର ଜିଲା ବୁର୍ଲା ଟିପିଲିମା ଅଞ୍ଚଳର ମନୋଜ ମେହେର(୪୫) ଏବଂ ସୁଶାନ୍ତ ମେହେର(୪୦)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୧ଟାରେ ଜୟମାତାଦୀ ନାମକ ବସ୍ (ନଂ.ଓଡି୧୪ଜି-୨୦୩୩) କୁଚିଣ୍ଡାରୁ ଝାରସୁଗୁଡ଼ା ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ମନୋଜ ଓ ସୁଶାନ୍ତ ଏକ ବାଇକ୍ (ନଂ.ଓଆର୧୫ଆର-୨୧୯୭) ଆସୁଥିଲେ। ସେମାନଙ୍କ ଆଗରେ ଥିବା ଏକ ଟ୍ରକ୍ ହଠାତ୍ ବ୍ରେକ୍ ମାରିବାରୁ ସେମାନେ ଡାହାଣ ପାର୍ଶ୍ୱକୁ ପଳାଇଥିଲେ। ଫଳରେ ସମ୍ମୁଖରୁ ଆସୁଥିବା ବସ୍ ସହ ସେମାନେ ଧକ୍କା ହୋଇ ଛିଟିକି ପଡିବା ସହ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତକରି ତଦନ୍ତ ଚଳାଇଛି।

# ୨୨ରେ ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା

କଟକ,୬।୬(କାର୍ତ୍ତିକ ସାହୁ)

କଟକ ଜିଲାରେ ଖାଲି ପଡ଼ିଥିବା ମୋଟ ୨୧୨ଟି ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଜୁନ ୨୨ରେ ଅନୁଷ୍ଠିତ ହେବ। କଟକ ଜିଲାର ବିଭିନ୍ନ ଉପଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ (ପ୍ରବେଶ ପତ୍ର) ପ୍ରାର୍ଥୀମାନେ ଆବେଦନ କରିଥିବା ନିଜର ଥାନା ଅଞ୍ଚଳରେ ଉପଲବ୍ଧ ହେବ। ବୈଧ ଆବେଦନପତ୍ରଗୁଡ଼ିକର ଆବେଦନକାରୀମାନଙ୍କୁ ପରୀକ୍ଷାକେନ୍ଦ୍ରରେ ପ୍ରବେଶ ନିମନ୍ତେ ପ୍ରବେଶ ପତ୍ର ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ଥାନାଗୁଡ଼ିକରେ ପ୍ରଦାନ କରାଯିବ। ପ୍ରବେଶ ପତ୍ର ନେବା ସମୟରେ ପ୍ରାର୍ଥୀମାନେ ନିଜ ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡର ନକଲ) ଏବଂ ପାସପୋର୍ଟ ସାଇଜ ଫଟୋ ଦାଖଲ କରିବା ବାଧ୍ୟତାମୂଳକ। ଅବୈଧ ଆବେଦନପତ୍ରଗୁଡ଼ିକର ତାଲିକା ନିଜର ଥାନା ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ ବକ୍ସିବଜାର, କଟକ, ରିଜର୍ଭଲାଇନ୍ ଫଳକ ଏବଂ କାନ୍ଥରେ ପ୍ରକାଶ କରାଯାଇଛି। ପରୀକ୍ଷା କେନ୍ଦ୍ର ଓ ସମୟ ସମ୍ପର୍କରେ ପ୍ରାର୍ଥୀମାନଙ୍କ ଆଡ୍‌ମିଟ କାର୍ଡରେ ଉଲ୍ଲେଖ ରହିବ। ସୂଚନାଯୋଗ୍ୟ, ଗୃହରକ୍ଷୀ ସେବା ସ୍ଥାୟୀ ଚାକିରି ନୁହେଁ। ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ଏହାର ଅବଧି ୩ବର୍ଷ ସମୟସୀମା ମଧ୍ୟରେ ସୀମିତ।

# କଳାହାଣ୍ଡି ଡେପୁଟି କଲେକ୍ଟର ନିଲମ୍ବିତ

## ହେରଫେର ଅଭିଯୋଗ

ଭବାନୀପାଟଣା,୬।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟିକଲେକ୍ଟର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିଶ କ୍ରମେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୨୦୨୦ରୁ ୨୦୨୨ ମଧ୍ୟରେ ସେ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବା ସମୟରେ ବଡ଼ଧରଣର ହେରଫେର କରିଥିଲେ। ସରକାରୀ ଜମିକୁ ମ୍ୟୁଟେସନ, ଲିଜ ଜମିକୁ କିସମ ପରିବର୍ତ୍ତନ, ନିଜେ ରିଜେକ୍ଟ କରିଥିବା କେସକୁ ରିଓପନ କରି ମ୍ୟୁଟେସନ କରିଥିବା ନେଇ ଚିତ୍ତରଞ୍ଜନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଜମି ହେରଫେରକୁ ନେଇ ଇଓଡବ୍ଲ୍ୟୁରେ ମଧ ମାମଲା ରହିଛି। ଏସବୁକୁ କେନ୍ଦ୍ର କରି ରାଜ୍ୟ ସରକାର ତାଙ୍କୁ ନିଲମ୍ବିତ କରିଛନ୍ତି। ବର୍ତ୍ତମାନ ସେ ଭବାନୀପାଟଣା ଜିଲାପାଳଙ୍କ ଅଫିସର ଗ୍ରିଭାନ୍ସ ସେଲ୍‌ରେ କାର୍ଯ୍ୟରତ ଥିଲେ।

# ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

## ଦୁର୍ଘଟଣାରୁ ବର୍ତ୍ତିଗଲେ ମନ୍ତ୍ରୀ

ବାରଙ୍ଗ,୬।୬(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଷଣ୍ଢପୁର ବଜାର ନିକଟରେ ଶୁକ୍ରବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗାଡ଼ି ସହିତ ଏକ କଂକ୍ରିଟ୍ ମିକ୍ସର ଗାଡ଼ି ଧକ୍କା ହୋଇଛି। ସୌଭାଗ୍ୟବଶତଃ ମନ୍ତ୍ରୀ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।

ପ୍ରକାଶ ଯେ, ସକାଳ ୯ଟାରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ପାତ୍ର ନିଜ ନିର୍ବାଚନମଣ୍ଡଳୀ ଢେଙ୍କାନାଳରୁ କାର୍ (ଓଡି ୦୨ ସିୱାଇ ୫୫୫୫) ଯୋଗେ କାର୍‌କେଡ ନେଇ ଭାୟା ଆଠଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ବାରଙ୍ଗ ଥାନା ଅଧୀନ ଷଣ୍ଢପୁର ଛକ ନିକଟରେ ପହଞ୍ଚିଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କଂକ୍ରିଟ୍ ମିକ୍ସର ଗାଡ଼ି (୦୨ ବିୟାଇ ୦୦୩୯) ତାଙ୍କ ଗାଡ଼ିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ମନ୍ତ୍ରୀଙ୍କ ଗାଡ଼ିର ଡାହାଣ ପାର୍ଶ୍ୱ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କଂକ୍ରିଟ୍ ମିକ୍ସର ଗାଡ଼ିକୁ ଜବତ କରି ଥାନାକୁ ଆଣି ତଦନ୍ତ କରୁଥିବାବେଳେ ମନ୍ତ୍ରୀ ଅନ୍ୟ ଏକ ଘରୋଇ ଗାଡ଼ିରେ ଭୁବନେଶ୍ୱର ଫେରିଥିବା ଜଣାପଡ଼ିଛି।

# ମାମୁଙ୍କ ସହ ୨ ଭାଣିଜୀଙ୍କ ମୃତ୍ୟୁ

## ବୁଲେଟ୍‌କୁ ଧକ୍କା ଦେଲା ଟ୍ୟାଙ୍କର



ବର୍ଷା ରେଡ୍ଡୀ



ରୁଦ୍ରିକା ରେଡ୍ଡୀ



ତ୍ରିନାଥ ରେଡ୍ଡୀ

ଦିଗପହଣ୍ଡି,୬।୬(ଅଶେଷନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି - ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୁଲେଟ୍‌କୁ ତେଲ ଟ୍ୟାଙ୍କର ଧକ୍କା ଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଜି.ତ୍ରିନାଥ ରେଡ୍ଡୀ(୩୬) ଓ ତାଙ୍କର ଦୁଇ ଭାଣିଜୀ ବ୍ରହ୍ମପୁର ସଦର ଥାନା ଗୌତମୀ ଗ୍ରାମର ବର୍ଷା ରେଡ୍ଡୀ(୧୬) ଏବଂ କବିସୂର୍ଯ୍ୟନଗର ଥାନା ପଥରା ଗ୍ରାମର ରୁଦ୍ରିକା ରେଡ୍ଡୀ (୫)।

ସୂଚନା ଅନୁଯାୟୀ, ବର୍ଷା ଓ ରୁଦ୍ରିକା ସେମାନଙ୍କ ପରିବାର ଲୋକଙ୍କ ସହ ମାମୁଘର ଗାଁ ଦକ୍ଷିଣପୁରକୁ ଏକ ଭୋଜିକୁ ଆସିଥିଲେ। ମାମୁ ତ୍ରିନାଥ ଭାଣିଜୀମାନଙ୍କ ନୂଆ ଡ୍ରେସ କିଣିବା ପାଇଁ ସେମାନଙ୍କୁ ବୁଲେଟ୍ (ନଂ. ଓଡ଼ି୦୭ ଏୱାଇ ୫୭୦୯)ରେ ବସାଇ ଦିଗପହଣ୍ଡି ଆସୁଥିଲେ। ସହର ଉପକଣ୍ଠ ରାଜପଥରେ ବୁଲେଟକୁ ଗଜପତି ଜିଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ତେଲ ଟ୍ୟାଙ୍କର (ନଂ. ଓଆର ୦୫ ଏଟି ୫୭୪୫) ଧକ୍କା ଦେଇଥିଲା। ଏଥିରେ ଗାଡ଼ିରୁ ଛିଟିକି ପଡି ମାମୁ ଓ ୨ ଭାଣିଜୀ ଗୁରୁତର ହୋଇଥିଲେ। ବୁଲେଟ୍ ଚୂରମାର ହୋଇ ରାସ୍ତାରେ ପଡି ରହିଥିଲା। ଏହି ସମୟରେ ବାଇକ୍ (ନଂ. ଓଡ଼ି୦୭ ଜେଡ -୮୧୫୬)ରେ ଫେରୁଥିବା ଗଜପତି ଜିଲା ମୋହନା ଥାନା ଡେଙ୍ଗମା ଗ୍ରାମର ଭାସ୍କର ବିଷୋୟୀ(୫୨) ଦୁର୍ଘଟଣାଗ୍ରସ୍ତ ବୁଲେଟରେ ଧକ୍କା ହେବାରୁ ସେ ମଧ କଚାଡ଼ି ହୋଇ ପଡ଼ିଯାଇ ଗୁରୁତର ହୋଇଥିଲେ। ଖବରପାଇ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତ୍ରିନାଥ ଓ ତାଙ୍କ ୨ ଭାଣିଜୀଙ୍କୁ ଡାକ୍ତର ମୃତ ଘୋଷଣା କରିଥଲେ। ଭାସ୍କରଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ସହ ବୁଲେଟ ଓ ବାଇକ୍ ଜବତ କରିଛି। ୩ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି।

# ଚାପିହୋଇ ଡ୍ରାଇଭର ମୃତ, ଜଣେ ଗୁରୁତର

## କୋଇଲା ଟ୍ରକ୍-ବାଲିବୋଝେଇ ଡମ୍ଫର ଧକ୍କା


ବାସୁଦେବପୁର, ୬।୬ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ମଖଲପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରକ୍ ଓ ବାଲି ଡମ୍ଫର ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଚାପିହୋଇ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିବୋଝେଇ ଡମ୍ଫର ଡ୍ରାଇଭର ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ଗ୍ରାମର ଗୌରାଙ୍ଗ ସୂତାର(୩୫)। କୋଇଲା ବୋଝେଇ ଟ୍ରକ୍ ଡ୍ରାଇଭର ଧାମରା ଗ୍ରାମର ଜିତୁ ଦାସ(୩୨) ଗୁରୁତର ହୋଇଛନ୍ତି। ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, କୋଇଲା ବୋଝେଇ ଟ୍ରକ୍‌ଟି ଧାମରାଆଡୁ ଆସୁଥିବା ବେଳେ ମଖଲପୁର ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ବାଲିବୋଝେଇ ଡମ୍ଫର ସହ ମୁହାଁମୁହିଁ ହୋଇଥିଲା। ଫଳରେ ୨ ଡ୍ରାଇଭର ଗାଡ଼ିତଳେ ଚାପିହୋଇ ରହିଯାଇଥିଲେ। ଅଗ୍ନିଶମ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ୨ ଘଣ୍ଟା ପରେ ଦୁଇ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇଥିଲା।



ଡମ୍ଫର ଡ୍ରାଇଭର ଗୌରାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନାକୁ ପଠାଯାଇଥିଲା। ଦୁର୍ଘଟଣା ପାଇଁ ଅପରାହ୍ନ ୪ଟାରୁ ବାସୁଦେବପୁର-ଧାମରା ରାସ୍ତାରେ ଯାତାୟାତ ଠପ୍ ହୋଇଥିଲା। ପ୍ରକାଶଥାଉ କି, ୩ ଦିନ ତଳେ ଦୁଇଟି ଟ୍ରକ୍ ପାରାପୋଖରୀ ଛକଠାରେ ମୁହାଁମୁହିଁ ହେବା ଫଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଡ୍ରାଇଭର ଗୁରୁତର ହୋଇଥିଲେ।




# ଡେବ୍ରିଗଡ଼ରେ ବୃଦ୍ଧି ପାଉଛି ଗୟଳଙ୍କ ସଂଖ୍ୟା

- ୬ ମାସ ମଧ୍ୟରେ ବୃଦ୍ଧି ପାଇଲେ ୧୨୯
- ଥିଲେ ୬୫୯ ଗୟଳ, ହେଲେ ୭୮୮

ସମ୍ବଲପୁର, ୬।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଚଳିତବର୍ଷ ହୋଇଥିବା ଗଣନାରେ ଏଠାରେ ଗୟଳଙ୍କ ସଂଖ୍ୟା ୭୮୮ରେ ପହଞ୍ଚିଛି। ଗତବର୍ଷ ଏଠାରେ ଗୟଳଙ୍କ ସଂଖ୍ୟା ୬୫୯ ଥିଲା ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗତ ମେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଡେବ୍ରିଗଡ଼ ଅଭୟାରଣ୍ୟରେ ଗୟଳ ଗଣନା ହୋଇଥିଲା। ଏଠାରେ ଠାବ ହୋଇଥିବା ମୋଟ ୭୮୮ଟି ଗୟଳଙ୍କ ମଧ୍ୟରୁ ୧୨୮ଟି ସଦ୍ୟ ଜନ୍ମିତ ୩ ମାସରୁ କମ୍ ଓ ୩୧୫ଟି ୨ ବର୍ଷରୁ କମ୍ ଶାବକ ରହିଛନ୍ତି। ବର୍ତ୍ତମାନ ୬୦ଟି ଗୋଠରେ ଭାଗ ହୋଇ ଗୟଳ ରହୁଛନ୍ତି। ୨୦୨୪ ନଭେମ୍ବର ୧୨ରୁ ୧୩ ତାରିଖ ମଧ୍ୟରେ ହୋଇଥିବା ଗଣନାରେ ଏଠାରେ ୫୨ଟି ଗୋଠରେ ୬୫୯ଟି ଗୟଳ ରହିଥିବା ଜଣାପଡ଼ିଥିଲା। ତେବେ ମାତ୍ର ୬ ମାସର ବ୍ୟବଧାନରେ ୧୨୯ ବୃଦ୍ଧି ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ଏକ ଶୁଭ ସୂଚନା ବୋଲି ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି।



ଡେବ୍ରିଗଡ଼ ଅଭୟାରଣ୍ୟରେ ଗଣନା ସମୟରେ ଦେଖାଯାଇଥିବା ଗୟଳ।

ମୁଖ୍ୟତଃ ମଧ୍ୟଭାରତୀୟ ଅଞ୍ଚଳ ସହିତ ଅନ୍ୟ କେତେକ ଅଞ୍ଚଳ ଗ୍ରୀଷ୍ମଋତୁ ହିଁ ଗୟଳମାନଙ୍କ ପ୍ରଜନନ ପାଇଁ ଶୀର୍ଷ ସମୟ। ଏହାସହ ହୀରାକୁଦ ଜଳଭଣ୍ଡାରସ୍ଥିତ ଆର୍ଦ୍ରଭୂମି ଓ ଅନୁକୂଳ ନିରାପଦ ପରିବେଶ ଡେବ୍ରିଗଡ଼ ଅଭୟାରଣ୍ୟ ଗୟଳଙ୍କ ପ୍ରଜନନକୁ ପ୍ରୋତ୍ସାହିତ କରିଥାଏ। ଫଳରେ ବହୁ ଦୂରଦୂରାନ୍ତକୁ ଯିବାରେ ଅଭ୍ୟସ୍ତ ଗୟଳମାନେ ଏହିଠାରେ ହିଁ ଆବଦ୍ଧ ହୋଇ ରହିବା ଯୋଗୁ ଏଠାରେ ନିୟମିତ ଭାବେ ଗୟଳଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ଡେବ୍ରିଗଡ଼ ଅଭୟାରଣ୍ୟକୁ ଗୟଳଙ୍କ ଭୂମିରେ ନାମିତ କରାଯାଇଛି। ସେହିପରି ବର୍ତ୍ତମାନ ଗୟଳ ଏକ ଲୁପ୍ତପ୍ରାୟ ଅବସ୍ଥାରେ ଉପନୀତ ହୋଇ ସାରିଛି। ଗୟଳଙ୍କ ସଂରକ୍ଷଣ ଏକାନ୍ତ ଆବଶ୍ୟକ। ତେଣୁ ଚଳିତ ମୌସୁମୀ ଓ ଶୀତଋତୁରେ ଡେବ୍ରିଗଡ଼ ବନ ବିଭାଗ ପକ୍ଷରୁ ଗୟଳମାନଙ୍କ ବଂଶବୃଦ୍ଧିର ମାସିକିଆ ସମୀକ୍ଷା ଓ ବିଶ୍ଳେଷଣ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଦାସ ସୂଚନା ଦେଇଛନ୍ତି।

# ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ହ୍ରାସ

## ଗୃହ, ଗାଡ଼ି ଋଣ ଶସ୍ତା ହେବ

ମୁମ୍ବାଇ,୬।୬(ପି.ଟି.)

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଅପ୍ରତ୍ୟାଶିତ ଭାବେ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ହ୍ରାସ କରିଥିବାରୁ ଗୃହ, ଗାଡ଼ି ଋଣ ସମେତ ଅନ୍ୟାନ୍ୟ ଋଣ ଶସ୍ତା ହେବାକୁ ଯାଉଛି। ଆର୍‌ବିଆଇର ୬ ଜଣିଆ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବସି ରେପୋ ରେଟ୍ ୫.୫୦ ପ୍ରତିଶତକୁ ହ୍ରାସ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲା। ୨୦୨୫ ଫେବୃଆରୀରୁ କ୍ରମାଗତ ତୃତୀୟ ଥର ପାଇଁ ରେପୋ ରେଟ୍ ହ୍ରାସ ପାଇଛି। ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ୪ ପ୍ରତିଶତରୁ କମ୍ ରହିଥିବାରୁ ଅଭିବୃଦ୍ଧି ସମ୍ଭାବନା ବଢ଼ାଇବା ଲକ୍ଷ୍ୟରେ ଏମ୍‌ପିସି ଏଭଳି ନିଷ୍ପତ୍ତି ନେଇଛି। ଏହା ଫଳରେ ବିଶେଷ କରି ଗୃହଋଣ ନେଇଥିବା ବ୍ୟକ୍ତିମାନେ ଉପକୃତ ହେବାକୁ ଥିବାବେଳେ ଆଗାମୀ ଦିନରେ ଜମାକାରୀଙ୍କୁ କମ୍ ସୁଧ ମିଳିପାରେ। କେନ୍ଦ୍ରୀୟ ବ୍ୟାଙ୍କ କ୍ୟାଶ୍ ରିଜର୍ଭ ରେସିଓ (ସିଆର୍‌ଆର୍)କୁ ମଧ୍ୟ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରି ୩ ପ୍ରତିଶତ ରଖିଛନ୍ତି। ରିଜର୍ଭ ବ୍ୟାଙ୍କ ଏହାର ଋଣ ସମ୍ବଳରୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ୨.୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ଏମ୍‌ପିସି ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବା ଲକ୍ଷ୍ୟରେ ଏହାର ନୀତି ଆଭିମୁଖ୍ୟକୁ ପରିବର୍ତ୍ତନ କରିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ମୁଦ୍ରାନୀତି କମିଟି କହିଥିବାବେଳେ ମୁଦ୍ରାସ୍ଫୀତି ୩.୭ ପ୍ରତିଶତରେ ସୀମିତ ରହିବ ବୋଲି ଆକଳନ କରିଛି।

# କୋଟିଆ ପ୍ରସଙ୍ଗ: ସ୍ୱତନ୍ତ୍ର କମିଟିର ପ୍ରଥମ ବୈଠକ

## ମାସକ ଭିତରେ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

କୋଟିଆ ବିବାଦର ସମାଧାନ ଲାଗି ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଟିଆ ବିବାଦର ସମାଧାନ ସହ ସ୍ଥାନୀୟ ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ସୁବିଧା ପହଞ୍ଚାଇଦେବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଟିଆକୁ ନେଇ ସ୍ୱତନ୍ତ୍ର କମିଟିର ପ୍ରଥମ ବୈଠକ ହୋଇଛି। ଏହି ଅବସରରେ ମନ୍ତ୍ରୀ ପୂଜାରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ କହିଛନ୍ତି, କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। କୋଟିଆକୁ ନେଇ କେବେ ବି ସାଲିସ କରାଯିବନାହିଁ। କୋଟିଆ ପାଇଁ ସ୍ୱତନ୍ତ୍ର ରୋଡମ୍ୟାପ୍ ତିଆରି ହେବ। ସୁପ୍ରିମକୋର୍ଟରେ ମଧ୍ୟ ହାରିଥିବା ମାମଲାକୁ ପୁନର୍ଜୀବିତ କରାଯିବ। ଏନେଇ ସମସ୍ତ ବିଭାଗକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କୋଟିଆର ବିକାଶ ଲାଗି ମାସକ ମଧ୍ୟରେ ଅଧିକାରୀମାନେ ନିଜ ନିଜ ବିଭାଗର ରୋଡ୍‌ମ୍ୟାପ୍ ଦେବେ। ସବୁ ବିଭାଗର ସଚିବମାନେ ଜିଲାପାଳଙ୍କ ସହ ଆଲୋଚନାକରି ନିଜ ବିଭାଗର ଯୋଜନା ଏବଂ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବେ। ଆର୍ଥିକ, ସାମାଜିକ, ସାଂସ୍କୃତିକ ବିକାଶ ପାଇଁ ସବୁ ପ୍ରକାର ଯୋଜନା ହାତକୁ ନିଆଯିବ। ରାସ୍ତାଘାଟ ସହ ଭିତ୍ତିଭୂମିର ବିକାଶ, ଚାଷୀଙ୍କ ପାଇଁ ମାର୍କେଟ ସୁବିଧା, ଯୁବକଙ୍କ ପାଇଁ କାମ ଆଖି ଆଗରେ ରଖି ବିଭାଗଗୁଡ଼ିକ ରୋଡ୍‌ମ୍ୟାପ୍ ତିଆରି କରିବେ। ଦେଶରେ କିଭଳି ସବୁ ସୁବିଧା ପହଞ୍ଚିବ ସେନେଇ ଗୁରୁତ୍ୱ ଦିଆଯିବ।

### ବିବାଦରେ ନ ପଶି କୋଟିଆବାସୀଙ୍କ ମନ ଜିଣିବା ପ୍ରଥମ ଲକ୍ଷ୍ୟ: ମନ୍ତ୍ରୀ ପୂଜାରୀ

କୋଟିଆକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ଭିତରେ ଶହେ ବର୍ଷ ହେଲା ସମସ୍ୟା ଲାଗି ରହିଛି। ଏନେଇ ମକଦ୍ଦମା ମଧ୍ୟ ଚାଲିଥିଲା। କିନ୍ତୁ ଠିକ୍ ଭାବେ ପରିଚାଳନା ନ ହେବା କାରଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହେଲା। ପୂର୍ବ ସରକାର ଠିକ୍ ତଥ୍ୟ ରଖିପାରି ନ ଥିଲେ। ସୁପ୍ରିମକୋର୍ଟରେ ଅନ୍ୟ ଏକ ମାମଲାରେ ହାରିବା ପରେ ତାକୁ ପୁନର୍ଜୀବିତ ପାଇଁ ଉଦ୍ୟମ କରାଯାଇଛି। ଓକିଲମାନଙ୍କ ସହ ପରାମର୍ଶ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ଏହି ବୈଠକରେ କମିଟିର ସଦସ୍ୟ ଥିବା ଏକାଧିକ ବିଭାଗର ସଚିବ, କୋରାପୁଟ ଜିଲାପାଳ, ଏସ୍‌ପି ଏବଂ ପୂର୍ବତନ ଜିଲାପାଳ ମଧ୍ୟ ଉପସ୍ଥିତ ଥିଲେ।

ମନ୍ତ୍ରୀ ପୂଜାରୀ କହିଛନ୍ତି, ଗୃହ କମିଟି ଦେଇଥିବା ସୁପାରିସ ନେଇ ଆଲୋଚନା ହୋଇଛି। ପୂର୍ବ ସରକାର ନେଇଥିବା ପଦକ୍ଷେପ ସମ୍ପର୍କିତ ରିପୋର୍ଟ ଉପସ୍ଥାପିତ କରାଯାଇଛି। ଦେଢଘଣ୍ଟା ଧରି ଚାଲିଥିବା ଆଲୋଚନାର ସବୁ କଥା ସାର୍ବଜନୀନ କରାଯିବା ଠିକ୍ ହେବ ନାହିଁ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହି ବିବାଦ ଚାଲିଛି। ବିବାଦର କାରଣ ଅନୁଧ୍ୟାନ ସରିଲାଣି। ସେଠାକାର ଲୋକଙ୍କ ମନ ଜିଣିବା ଏବଂ ସେମାନଙ୍କ ପାଖରେ ଯୋଜନା ପହଞ୍ଚାଇବାକୁ ସମସ୍ତ ପଦକ୍ଷେପ ମୋହନ ସରକାର ନେବେ। ଏହି ପ୍ରସଙ୍ଗରେ ବିବାଦରେ ନ ପଶି କୋଟିଆବାସୀଙ୍କ ପାଖରେ ସବୁ ଯୋଜନା ପହଞ୍ଚାଇବା ମୂଳ ଦାୟିତ୍ୱ ବୋଲି ମନ୍ତ୍ରୀ କହିଛନ୍ତି।













# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଷୁଦ୍ର କବିତା ପାଠ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ରାଜ୍ୟର ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ କନ୍‌ଭେନଶନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ରାଇଟ୍‌ସ ଏଜୁକେଶନ ପକ୍ଷରୁ ସାମ୍ବିଧାନିକ ଅଧିକାର ଶିକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶ୍ରମିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦୟାନିଧି ଦାସଙ୍କ ୯୮ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଜିକେସିଏମ୍‌ଓଆର୍‌ସି, ସମୟ: ଅପରାହ୍ନ ୫ଟା ୩୦।
- କଳାଭୂମି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଇଦ୍-ଉଲ-ଜୁହା ପର୍ବ ପାଳନ, ସ୍ଥାନ: ଜମାତ୍ ଅହମ୍ମଦିୟା ଇଦ୍‌ଗାହା, ପଙ୍କାଳ, ତିଗିରିଆ, ସମୟ: ସକାଳ ୯ଟା ୩୦।
- କବି ନନ୍ଦକିଶୋର ସାମଲଙ୍କ ୨୨ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସାମୂହିକ ନମାଜ ପାଠ, ସ୍ଥାନ: ଦରଘା ମଇଦାନ, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।

## ଭଦ୍ରକ

- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଗୋପୀନାଥପୁର(ବନ୍ତ), ସୁଦର୍ଶନପୁର, (ବାସୁଦେବପୁର), ବିଷ୍ଣୁପୁରବିନ୍ଧା(ଭଦ୍ରକ), ଖଡ଼ିପଦା(ଧାମନଗର), ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ନାଆମୀ(ଭଣ୍ଡାରିପୋଖରୀ), ଅର୍ଣ୍ଣପାଳ (ଭଦ୍ରକ), ଚାରିଗାଁ(ବନ୍ତ), ଜାମଯୋଡ଼ି(ତିହିଡ଼ି), ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ

- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ରାଜ୍ୟସ୍ତରୀୟ ଶିଶୁ ଗଳ୍ପ କର୍ମଶାଳା, ସ୍ଥାନ:ବିବେକାନନ୍ଦ ବିହାର, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ପିଏଲ୍‌ର ଫାଇନାଲ ମ୍ୟାଚ, ସ୍ଥାନ: ନିଚୁଆପଦା ଖେଳ ପଡ଼ିଆ, ମୋରଡ଼ା,ସମୟ: ଅପରାହ୍ନ ୨ଟା।
- ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ବ୍ଲକ୍ ଅଧୀନ ଡିହିରାକୁଳ ଜଗନ୍ନାଥ ମନ୍ଦିର ସଭାମଣ୍ଡପ,ସମୟ:ଅପରାହ୍ନ ୪ଟା୩୦।
- ଡିଆର୍‌କେ କ୍ଲବ୍ ଆନୁକୂଲ୍ୟରେ ଟି-୨୦କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଗୁଡନାଇଟ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଇଦ୍ ଉଲ ଜୁହା ଉପଲକ୍ଷେ ସମୂହ ନମାଜ ପାଠ, ସ୍ଥାନ: କେନ୍ଦ୍ରାପଡ଼ା ସହରର ରଣପଡାସ୍ଥିତ ନୁରୀ ମସଜିଦ୍, ରାଜା ମସଜିଦ୍, ରସୁଲାବାଦ ମସଜିଦ, ସଫିଆ ଇଦଗାହ, ସମୟ: ସକାଳ ୭ଟା, ଫକିରାବଦସ୍ଥିତ ମରକଜି ମସଜିଦ, ପୁରୁଣା ଇଦ୍‌ଗାହ, ସମୟ: ସକାଳ ୮ଟା, ନୂଆ ଇଦଗାହ, ସମୟ: ସକାଳ ୬ଟା ୩୦ ।
- ଜିଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପ୍ରସ୍ତୁତି ବୈଠକ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା।

## ଯାଜପୁର

- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ନାରଦ ଜୟନ୍ତୀ, ସ୍ଥାନ: ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ରାମଲୀଳାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ବାପୁଜୀନଗର ରଘୁନାଥ ପୀଠ, ସମୟ: ରାତି ୧୧ଟା ।

## ନବରଙ୍ଗପୁର

- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଅଞ୍ଚଳ, ସମୟ: ପୂର୍ବାହ୍ନ ୯।

## କୋରାପୁଟ

- ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଡିପି କ୍ୟାମ, ସୁନାବେଡା-୩, ସମୟ: ସକାଳ ୮ଟା।

## ମାଲକାନଗିରି

- ଶିଶୁ ଗୃହ ଅନ୍ତେବାସୀଙ୍କ ଗ୍ରୀଷ୍ମକାଳୀନ ଶିବିର ଦ୍ୱିତୀୟ ଦିବସ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନ, ମାଲକାନଗିରି, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶ୍ରୀରାମ କଥା ମହୋତ୍ସବ, ସ୍ଥାନ: ହୀରାକୁଦ ଲକ୍ଷ୍ମୀନାରାୟଣ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୧୫।

## ବଲାଙ୍ଗୀର

- ସମନ୍ୱିତ ଲୋକକଳା ସଂସ୍କୃତି ଚର୍ଚ୍ଚା ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଗରିମା ପାରିବାର ପକ୍ଷରୁ ରଜ ମଉଜ ପ୍ରତିଯୋଗିତା-୨୦୨୫, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମ ଶିବିର ଉପଲକ୍ଷେ ହସ୍ତକଳା ପ୍ରଦର୍ଶନୀ, ସ୍ଥାନ: ସେକ୍ଟର-୧୭, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଜିଲା ରେଳ ଉପଭୋକ୍ତା ସଂଘର ବୈଠକ, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ:ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନସମାବେଶକୁ ସମ୍ବୋଧନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ପଞ୍ଚମ ଦିବସ, ସ୍ଥାନ: କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ରାତ୍ର ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କେନ୍ଦ୍ରସ୍ଥ ଚନ୍ଦ୍ର ଶୁଭଫଳସ୍ୱରୂପ କର୍ମକ୍ଷେତ୍ରର ଜଟିଳତାକୁ ସରଳୀକରଣ କରିବାରେ ସାହାଯ୍ୟ କରିବେ। ଭାବପ୍ରବଣତାରୁ ଜମିଜମା, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା କାର୍ଯ୍ୟକ୍ଷେତ୍ରର ବିଫଳତାକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ସ୍ଥିତି,ପରିବହନ, ନିର୍ମାଣ, କାରିଗରି ବିଦ୍ୟା, ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

**ବୃଷ** – କେନ୍ଦ୍ରାଧିପ ରବିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରାଇବ। କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବାରୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମୂଲ୍ୟବାନ୍ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

**ମିଥୁନ** – ବୁଧ ସହ ବୃହସ୍ପତି ଦୈହିକ ଅସୁସ୍ଥତା କିମ୍ବା ମାନସିକ ଉତ୍ତେଜନା ସୃଷ୍ଟି କରିପାରନ୍ତି। କାର୍ଯ୍ୟବ୍ୟସ୍ତତାରୁ ଆଜି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ଉପକୃତ ହୋଇପାରନ୍ତି।

**କର୍କଟ** – ରାଶ୍ୟାଧିପତି ରାହୁ ଦୃଷ୍ଟିରେ ଥିବାରୁ ମାନସିକ ଅସ୍ଥିରତା ପ୍ରଦାନ କରିବ। ବନ୍ଧୁ ମିଳନ ସଙ୍ଗକୁ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମରେ ସାମିଲ୍ ହେବେ। ଜମିଜମା, ମକଦ୍ଦମା, ଯୋଗାଯୋଗ, ସାମ୍ବାଦିକତା, ଏଜେନ୍ସିପ୍‌ରେ ପ୍ରତିଷ୍ଠାର୍ଜନ କରିବେ। ବିବାଦୀୟ ଘଟଣାରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେପରି କିଛି ହେବନି।

**ସିଂହ** – ରବି ଉଚ୍ଚଭାବରେ ଥିବାରୁ ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ନିରଙ୍କୁଶ ରହିବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଭୁଲ୍ ନିଷ୍ପତ୍ତି ନେଇ ସମସ୍ୟା ଘେରରେ ପଡ଼ିପାରନ୍ତି।

**କନ୍ୟା** – କର୍ମକ୍ଷେତ୍ରରେ ଖର୍ଚ୍ଚାନ୍ତ ହେଲେ ମଧ୍ୟ କାର୍ଯ୍ୟ ହାସଲ ହେବା କଷ୍ଟକର ହୋଇପାରେ। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷାନକଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** – ମଙ୍ଗଳ ଦୃଷ୍ଟ ଶନି ପାରିବାରିକ କ୍ଷେତ୍ରକୁ କିଛି ମାତ୍ରାରେ ପ୍ରଭାବିତ କରିବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ଜିନିଷପତ୍ର ଅଦଳ ବଦଳ ହୋଇଯାଇପାରେ। ବନ୍ଧୁମାନଙ୍କ ସାହଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ। ବୃହସ୍ପତିଙ୍କ ଶୁକ୍ରଙ୍କ ପ୍ରତି ଦୃଷ୍ଟି ରୋଗ, ଋଣ ଓ ଶତ୍ରୁତା ସମ୍ବନ୍ଧୀୟ ଟେନସନ ସୃଷ୍ଟି କରିପାରେ।

**ବିଛା** – କର୍ମକ୍ଷେତ୍ରରେ ମଙ୍ଗଳଙ୍କ ପ୍ରଭାବରୁ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ପରିବାରରେ ମତଦ୍ୱୈଧ ଘଟିବା କାରଣରୁ କାମଗୁଡ଼ିକ ଶୃଙ୍ଖଳିତ ହୋଇ ନ ପାରେ। ସାମ୍ବାଦିକତା, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶିକ୍ଷା, ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନା ଜ୍ୟେଷ୍ଠା ନକ୍ଷତ୍ର ପାଇଁ ଫଳପ୍ରଦ ହେବ।

**ଧନୁ** – ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ସତର୍କରେ ନ ଚଳିଲେ ଅସୁବିଧା ଭୋଗ କରିବାକୁ ପଡ଼ିପାରେ। କୌଣସି କଥାରେ ଅନ୍ୟମାନଙ୍କୁ ପୂର୍ଣ୍ଣ ବିଶ୍ୱାସ କରି କାମ କରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ଅଧିକାଂଶ ସମୟ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର** – ଚନ୍ଦ୍ରଙ୍କ ସମେତ ଏକାଧିକ ଗ୍ରହ ଶୁଭଫଳଦାୟକ କାରଣରୁ ଆପଣଙ୍କ ଉଦ୍ୟମ ନିଷ୍ଫଳ ହେବନାହିଁ। ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ବହୁତ ସାହାଯ୍ୟ କରିବ। ବନ୍ଧୁଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଅତୀତ ସମସ୍ୟା ମନକୁ ଭାରାକାନ୍ତ କରିପାରେ।

**କୁମ୍ଭ** – ସ୍ୱାସ୍ଥ୍ୟ ଭଲ ନ ଥିଲେ ମଧ୍ୟ ଦିନଚର୍ଯ୍ୟାରେ ତାହା ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** – ବୃହସ୍ପତିଙ୍କ କେନ୍ଦ୍ରସ୍ଥିତି କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଆନୁଷ୍ଠାନିକ କିମ୍ବା ଶୁଭକାର୍ଯ୍ୟ ସମ୍ପାଦନ କରିବେ ଏବଂ ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଅସାବଧାନତା କିମ୍ବା ଅନ୍ୟମନସ୍କ କାରଣରୁ ମୂଲ୍ୟବାନ୍ ଜିନିଷ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇ ପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଜୁନ୍ ୭ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ଚମ୍ପକ ଦ୍ୱାଦଶୀ, ଶନିବାର। ଶ୍ରୀମନ୍ଦିରରେ ଗୁଆଲି ନୀତି, ବୈଷ୍ଣବ ସମ୍ମତ ବ୍ୟୁଳିନୀ ଏକାଦଶୀ ଉପବାସ, ଇଦ୍-ଉଦ୍-ଜୁହା, ବକ୍ରିଦ୍, ହଜ୍‌ଶେଷ, ରାଶିନକ୍ଷତ୍ର-ଦିବା, ଘ.୦୯।୩୯, ଗତେ ସ୍ୱାତୀ/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୧ ମଧ୍ୟେ, ଘ.୦୩।୦୩ ଗତେ ଘ.୦୩।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୮।୨୮ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଚେନାବ ରେଳ ...

ତତ୍‌ପରବର୍ତ୍ତୀ ଅପରେଶନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଜମ୍ମୁ ଓ କଶ୍ମୀର ଗସ୍ତରେ ଯାଇ ଚେନାବ ବ୍ରିଜ୍‌କୁ ଇଞ୍ଜିନିୟରିଂର ଚମତ୍କାରୀ କହି ପ୍ରଶଂସା କରିଛନ୍ତି। ଏହି ବ୍ରିଜ୍‌ରେ ୩୦,୦୦୦ ଟନ୍ ଇସ୍ପାତ ଏବଂ ବିସ୍ଫୋରଣ ନିରୋଧୀ ଟ୍ରାକ୍ ବ୍ୟବହାର କରାଯାଇଛି। ଚେନାବ ନଦୀର ୩୫୯ ମିଟର ଉଚ୍ଚରେ ନିର୍ମିତ ଏହି ବ୍ରିଜ୍ ବିଶ୍ୱରେ ସର୍ବୋଚ୍ଚ ବର୍ତ୍ତୁଳାକାର ରେଳ ବ୍ରିଜ୍, ଯାହାର ଦୈର୍ଘ୍ୟ ୧,୩୧୫ ମିଟର। ଏହି ସଫଳତା ପାଇଁ ବ୍ରିଜ୍ ନିର୍ମାଣରେ ନିୟୋଜିତ ଥିବା ଶ୍ରମିକମାନଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଶ୍ରମିକମାନଙ୍କ ସହ କଥା ହୋଇଥିଲେ।

ପରେ ସେ ଚେନାବର ଉପନଦୀ ଅଞ୍ଜି ଉପରେ ନିର୍ମିତ ଦେଶର ପ୍ରଥମ କେବୁଲ-ଷ୍ଟେ ରେଳ ବ୍ରିଜ୍‌କୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହା ବ୍ୟତୀତ କାଟ୍ରାରୁ ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ସେବାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। କଶ୍ମୀର ଉପତ୍ୟକା ଏବଂ ଜମ୍ମୁ ଅଞ୍ଚଳ ମଧ୍ୟରେ ଏହା ପ୍ରଥମ ରେଳ ଯୋଗାଯୋଗ। କାଟ୍ରାରୁ ଶ୍ରୀନଗର ଯିବା ପାଇଁ ଉକ୍ତ ଟ୍ରେନ୍‌ରେ ମାତ୍ର ୩ ଘଣ୍ଟା ଲାଗିବ, ଯାହା ବର୍ତ୍ତମାନ ଲାଗୁଥିବା ସମୟଠାରୁ ୨ରୁ ୩ ଘଣ୍ଟା କମ୍। ଏଥିସହିତ ପ୍ରଧାନମନ୍ତ୍ରୀ ୨୭୨ କିଲୋମିଟର ଦୀର୍ଘ ଉଧାମପୁର-ଶ୍ରୀନଗର, ବାରାମୁଲ୍ଲା ରେଳ ଲିଙ୍କ୍ ପ୍ରକଳ୍ପ (ୟୁଏସ୍‌ବିଆର୍‌ଏଲ୍)କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଥୋଇଛୁ ଯାହା ପରଲୋକକୁ**
**ଦେଇଛୁ ଯାହା ପରଲୋକକୁ।**

ସଞ୍ଚିତ ଧନ ପର ଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

**ଥାଉ ମାନ,**
**ଯାଉ ଧନ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନ ସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ଧନସମ୍ପତ୍ତି ଥରେ ଚାଲିଗଲେ ତାହା ହୁଏତ ଫେରି ଆସିବାର ସମ୍ଭାବନା ରହିଥାଏ, କିନ୍ତୁ ମାନସମ୍ମାନ ପୁନଶ୍ଚ ଫେରି ଆସି ନ ଥାଏ। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ଏଥି ପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨ ବରିଷ୍ଠ ନାଗରିକଙ୍କୁ ମିଳିଲା ସରକାରୀ ସହାୟତା

## ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ

କଟକ,୬।୬(କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ୨ବରିଷ୍ଠ ନାଗରିକ କେନ୍ଦ୍ରାପଡ଼ା ଜିଲା କୋରା ଗ୍ରାମର ଶ୍ରୀଧର ସାହୁ ଏବଂ ବଲାଙ୍ଗୀର ଜିଲା ପାଣ୍ଡସରା ଗ୍ରାମର ସୁରେଖା ନାଗଙ୍କୁ ସରକାରୀ ସହାୟତା ମିଳିଛି। ୨ ଜିଲାର ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ପତ୍ର ମାଧ୍ୟମରେ ଏ ନେଇ ଅବଗତ କରାଯାଇଥିବା ଜଣାଯାଇଛି।

ସୂଚନାନୁସାରେ, ବଲାଙ୍ଗୀର ଜିଲା ଆଇନ ସେବା ପ୍ରାଧିକରଣ ଶୁକ୍ରବାର ଜଣାଇଛନ୍ତି ଯେ, ପାଟଣାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଖା ନାଗଙ୍କୁ ଚକଯୁକ୍ତଚୌକି ପ୍ରଦାନ କରିବା ସହ ଅନ୍ତୋଦୟ ଯୋଜନାରେ ବାସଗୃହ ଯୋଗାଇବା ପାଇଁ ନାମ ସୁପାରିସ କରିଛନ୍ତି। ଏହାସହ ସୁରେଖାଙ୍କ ପେନସନ ବର୍ତ୍ତମାନ ମଧୁବାବୁ ବିଧବା ଭତ୍ତା ଯୋଜନାକୁ ସ୍ଥାନାନ୍ତର କରାଯାଇଛି। ଘଷିଆନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନଙ୍କ ସହଯୋଗରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

ସେହିପରି କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଗତ ୨ ତାରିଖରେ ଜଣାଇଛନ୍ତି, ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଶ୍ରୀଧର ସାହୁଙ୍କ ସ୍ୱାସ୍ଥ୍ୟା ପରୀକ୍ଷା କରିଛନ୍ତି। ତାଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲାପାଳ ଶ୍ରୀଧରଙ୍କୁ ଚକଯୁକ୍ତଚୌକି, ଅନ୍ତୋଦୟ ଯୋଜନା ଅନୁଯାୟୀ ପକ୍କାଘର, ମାଗଣା ବିଜୁଳି ବ୍ୟବସ୍ଥା, ଶୌଚାଳୟ ଏବଂ ପାଲ ପ୍ରଦାନ କରିଥିବା ସମ୍ପର୍କରେ ଜଣାଇଛନ୍ତି। ଏଥିସହ ଶ୍ରୀଧରଙ୍କ ବାସଗୃହରେ ମଧୁବାବୁ ପେନସନ ଯୋଜନା ଅନୁଯାୟୀ ବର୍ଦ୍ଧିତ ହାରରେ ୩,୫୦୦ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କେନ୍ଦ୍ରାପଡା ଜିଲା ପ୍ରଶାସନ ଅବଗତ କରାଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ସମ୍ବିତ୍ ନିଜ ପଦମର୍ଯ୍ୟାଦା ରକ୍ଷାକରନ୍ତୁ : ଯୁବ କଂଗ୍ରେସ



କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବକଂଗ୍ରେସ ନେତାମାନେ।

ଭୁବନେଶ୍ୱର, ୬।୬ (ରବିନାରାୟଣ ଜେନା)

ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ନିୟନ୍ତ୍ରଣରେ ରହୁନାହାନ୍ତି। ନିଜକୁ ଚର୍ଚ୍ଚା ପରିସରକୁ ଆଣିବା ପାଇଁ ସେ ଅନେକଥର ଅରୁଚିକର ମନ୍ତବ୍ୟ ଦେଇ ସାଧାରଣରେ ନିନ୍ଦିତ ହୋଇଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ୍ ପାତ୍ର କହିଛନ୍ତି। ଶୁକ୍ରବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରଣଜିତ୍ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ବିରୋଧରେ ସମ୍ବିତ୍ ଯେଉଁ ଅପମାନସୂଚକ ମନ୍ତବ୍ୟ ଦେଇଛନ୍ତି ତାହା ଦୁର୍ଭାଗ୍ୟଜନକ। ଅତୀତରେ ସେ ନିଜର ହିତାହିତ ଜ୍ଞାନ ଭୁଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭକ୍ତ ବୋଲି ସମ୍ବୋଧିତ କରିଥିଲେ। ଏଥିପାଇଁ ସାରାଦେଶରେ ନିନ୍ଦିତ ହେବା ପରେ ସେ କ୍ଷମାପ୍ରାର୍ଥନା କରିଥିଲେ। ଯିଏ ମୋଦିଙ୍କୁ ଜଗନ୍ନାଥଙ୍କଠାରୁ ବଡ଼ ବୋଲି ବିଚାର କରେ ସେହି ବ୍ୟକ୍ତି ରାହୁଲ ଗାନ୍ଧୀଙ୍କୁ କିପରି ବୁଝିପାରିବେ ବୋଲି ରଣଜିତ୍ ପ୍ରଶ୍ନ କରିଛନ୍ତି।

ଏହି ଅବସରରେ ଭୁବନେଶ୍ୱର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସୟଦ ୟାସିର ନୱାଜ୍ କହିଛନ୍ତି, ଦେଶର ବିରୋଧୀ ଦଳର ନେତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଜଣେ ଏମ୍‌ପି ଦେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ସମ୍ବିତ୍‌ଙ୍କ ଉପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ରହିଛନ୍ତି। ଏ ଖବର ସମ୍ବିତ୍‌ଙ୍କୁ ଜଣାପଡ଼ିଲା କିନ୍ତୁ ସେମାନେ କେମିତି ଜାଣିପାରିଲେନାହିଁ ବୋଲି ନୱାଜ୍ ପ୍ରଶ୍ନ କରିଛନ୍ତି। ଏଥିସହ ଯୁବ କଂଗ୍ରେସ କର୍ମୀଙ୍କ ଉପରୁ ମିଥ୍ୟା ମକଦ୍ଦମା ଉଠାଇ ନ ନିଆଯାଏ ତେବେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ନୱାଜ୍ କହିଛନ୍ତି। ଏହି ସମ୍ମିଳନୀରେ ସୁଦୀପ ସାମଲ, ଆଲୋକ ଦାସ, ମହମ୍ମଦ ପର୍‌ଭେଜ ପ୍ରମୁଖ ଉପସ୍ଥିତ ଥିଲେ।

# ଶୃଙ୍ଖଳିତ ରଥଯାତ୍ରା ଲାଗି ସରକାର ଗଠନ କଲେ ମନ୍ତ୍ରୀସ୍ତରୀୟ କମିଟି

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)

ପୁରୀରେ ଚଳିତ ଥର ଶୃଙ୍ଖଳିତ ରଥଯାତ୍ରା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଅଧକ୍ଷ ରହିଛନ୍ତି। କମିଟିରେ ଅନ୍ୟମାନଙ୍କ ମଧ୍ୟରେ ୪ଟି ବିଭାଗର ମନ୍ତ୍ରୀ ରହିଛନ୍ତି। ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା କମିଟିର ସଦସ୍ୟ ରହିଛନ୍ତି। ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ଏହି କମିଟିର ଆବାହକ ନିଯୁକ୍ତ କରାଯାଇଛି। ଏହି କମିଟିର ତତ୍ତ୍ୱାବଧାନରେ ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯିବ। ରଥଯାତ୍ରାର ସମସ୍ତ ପ୍ରକାର ପ୍ରସ୍ତୁତି ସମ୍ପର୍କରେ ଉକ୍ତ କମିଟି ତଦାରଖ କରିବେ। ଏନେଇ ଶୁକ୍ରବାର ଆଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# କୋଟିଆ ଭିତ୍ତିଭୂମି ବିକାଶ କହୁଛନ୍ତି ହେଲେ ସୀମା ବିବାଦ ନେଇ ନୀରବ: ବିଜେଡି

ଭୁବନେଶ୍ୱର, ୬।୬(ସୁନିତ୍ ମିଶ୍ର)


କ୍ଷମତାକୁ ଆସିବାର ପ୍ରାୟ ବର୍ଷେ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଚୁପ୍ ରହିଥିଲେ। କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଥିଲେ ମଧ୍ୟ ସୀମା ବିବାଦର ସମାଧାନ ଉପରେ ନୀରବ ରହିଛନ୍ତି ବୋଲି ବିଜେଡି । ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟ ସରକାର କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗତ ବର୍ଷକ ମଧ୍ୟରେ ମୁହଁ ଖୋଲିନାହାନ୍ତି। ବର୍ଷ ପୂର୍ତ୍ତିକୁ ନେଇ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ କେବଳ ଉପରଠାଉରିଆ ଭାବେ ଏବେ କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ରାଜସ୍ୱ ମନ୍ତ୍ରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର ସଦୃଶ। କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ସେ ଦିଗରେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି।

# କୋଭିଡ୍ ସକ୍ରିୟ ମାମଲା ୫,୩୬୪

ନୂଆଦିଲ୍ଲୀ,୬।୬

କୋଭିଡ୍ ସକ୍ରିୟ ମାମଲା ସଂଖ୍ୟା ୫,୦୦୦ ଅତିକ୍ରମ କରି ଶୁକ୍ରବାର ୫,୩୬୪ରେ ପହଞ୍ଚିଛି। ଗୁରୁବାର ସଂକ୍ରମିତଙ୍କ ସଂଖ୍ୟା ୪,୮୬୬ ଥିଲା। କେରଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୬୦୦ ଟପିଥିବାବେଳେ ମହାରାଷ୍ଟ୍ର, ଗୁଜରାଟ ଓ ଦିଲ୍ଲୀରେ ମାମଲା ୫୦୦ରୁ ଅଧିକ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଶୁକ୍ରବାର କେରଳରେ ୧୯୨ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ଗୁଜରାଟରେ ୧୦୭, ପଶ୍ଚିମବଙ୍ଗରେ ୫୮ ଏବଂ ଦିଲ୍ଲୀରେ ୩୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ବିକାଶରେ ବାଧକ ସାଜିପାରିବନି ଆତଙ୍କବାଦ: ପ୍ରଧାନମନ୍ତ୍ରୀ



**କଟ୍ରା,୬।୬**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଜମ୍ମୁ-କଶ୍ମୀରର ବିକାଶ କାର୍ଯ୍ୟରେ ବାଧକ ହେବାକୁ ଦିଆଯିବ ନାହିଁ। କଶ୍ମୀରବାସୀଙ୍କ ପ୍ରତି ପୂର୍ଣ୍ଣ ସମର୍ଥନ ଜାରି ରହିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ରେଳବ୍ରିଜ୍ ଉଦ୍‌ଘାଟନକରି ପ୍ରଧାନମନ୍ତ୍ରୀ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନୀ ସେନାର ଗୁଳିଗୋଳାକୁ ସାମ୍ନା କରିଥିବା ସୀମାନ୍ତବାସୀଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ପାକିସ୍ତାନର ସୀମାପାର ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଅତିରିକ୍ତ ରିଲିଫ୍ ସହାୟତା ଘୋଷଣା କରିଛନ୍ତି। ତଦନୁସାରେ ସମ୍ପୂର୍ଣ୍ଣ ବାସଚ୍ୟୁତ ହୋଇଥିବା ପରିବାରକୁ ୨ ଲକ୍ଷ ଓ ଆଂଶିକ ଘର ଭାଙ୍ଗିଥିବା ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦି ଚେନାବ ବ୍ରିଜ୍‌ରେ ପ୍ରଥମ ରେଳସେବାର ଲୋକାର୍ପଣ କରି ଜମ୍ମୁ-କଶ୍ମୀରକୁ 'ଭାରତର ମୁକୁଟ' ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏପ୍ରିଲ ୨୨ରେ ପାକିସ୍ତାନ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ କରାଇ ମାନବିକତା ଉପରେ ଆକ୍ରମଣ କରିଛି। ଭାରତରେ ସାମ୍ପ୍ରଦାୟିକ ସଂଘର୍ଷ ସୃଷ୍ଟି କରି କଶ୍ମୀରୀଙ୍କ ପର୍ଯ୍ୟଟନଭିତ୍ତିକ ଜୀବିକାକୁ ଛଡ଼ାଇନେବା ଏହାର ଉଦ୍ଦେଶ୍ୟ ଥିଲା। ତେବେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ସେ ବିକାଶରେ ବାଧକ ହେବାକୁ ଦେବେନାହିଁ। ଯୁବତୀଯୁବକଙ୍କ ସ୍ୱପ୍ନ ପୂରଣ ହେବ। ଯଦି କିଛି ପ୍ରତିବନ୍ଧକ ଆସେ ତେବେ ତାକୁ ପ୍ରଥମେ ସେ ନିଜେ ସାମ୍ନା କରିବେ। ଆଜି ଜମ୍ମୁ-କଶ୍ମୀରବାସୀ ଏକ ନୂଆ ସ୍ୱପ୍ନ ଦେଖୁଛନ୍ତି ଏବଂ ତାକୁ ପୂରଣ ମଧ୍ୟ କରୁଛନ୍ତି। ସେମାନେ ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ଏକ ପ୍ରମୁଖ ଫିଲ୍ମ ଶୁଟିଂ ଡେଷ୍ଟିନେଶନ୍‌ରେ ପରିଣତ ହେଉ ବୋଲି ଚାହୁଁଛନ୍ତି। ଏହି ଅଞ୍ଚଳକୁ କ୍ରୀଡ଼ାର ଏକ ହବ୍ କରିବାକୁ ଚାହୁଁଛନ୍ତି। କଶ୍ମୀରୀ ପଣ୍ଡିତଙ୍କ ବଡ଼ ପର୍ବ କ୍ଷୀର ଭୱାନୀ ମେଳା ଏବଂ ଆସନ୍ତା ଜୁଲାଇ ୩ରେ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ସମ୍ପର୍କରେ ଅବତାରଣା କରିଛନ୍ତି। ସେହିପରି ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ପାକିସ୍ତାନର ଷଡ଼ଯନ୍ତ୍ର ବିରୋଧରେ ଏକାଠି ଛିଡ଼ାହୋଇଥିବା ଉପତ୍ୟକାବାସୀଙ୍କ ମନୋବଳ ସାରା ବିଶ୍ୱରେ ଆତଙ୍କବାଦୀ ମାନସିକତାର ଲୋକଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି- କଶ୍ମୀରବାସୀ ଆତଙ୍କବାଦକୁ ମୁହଁତୋଡ଼ ଜବାବ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ଦୀର୍ଘ ଦଶନ୍ଧିର ଆତଙ୍କବାଦ କଶ୍ମୀରରେ ସ୍କୁଲଗୁଡ଼ିକୁ ଜାଳିଦେଇଛି। ୨ ପିଢ଼ିର ଭବିଷ୍ୟତକୁ ନଷ୍ଟ କରିଦେଇଛି। କେବଳ ସ୍କୁଲ ନୁହେଁ, ସେମାନେ ହସ୍ପିଟାଲଗୁଡ଼ିକରେ ମଧ୍ୟ ନିଆଁ ଲଗାଇଦେଇଥିଲେ। ନିର୍ବାଚନ ଲଢ଼ିବା ବି ସ୍ଥାନୀୟ ଲୋକଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଥିଲା। ଜମ୍ମୁ-କଶ୍ମୀରକୁ ଆତଙ୍କବାଦର ଭୟରୁ ମୁକ୍ତକରିବା ଜରୁରୀ ଥିଲା, ଆମେ ତାହା ସଫଳତାର ସହ କରିଛୁ। ପାକିସ୍ତାନ କିପରି ଘର, ସ୍କୁଲ, ମନ୍ଦିର, ମସ୍‌ଜିଦ ଓ ଗୁରୁଦ୍ୱାରାଗୁଡ଼ିକୁ ଧ୍ୱଂସ କରିଦେଇଛି ତାହା ସାରା ବିଶ୍ୱ ଦେଖିଛି। ସୀମାନ୍ତବାସୀଙ୍କ ସାହସ ମଧ୍ୟ ସାରା ଦେଶ ଦେଖିଛି। ପ୍ରଭାବିତ ପରିବାରଗୁଡ଼ିକ ସହ ଭାରତର ସମସ୍ତ ନାଗରିକ ଛିଡ଼ା ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରରୁ ଜଣଙ୍କୁ କ୍ଷତିପୂରଣ ରୂପେ ସରକାରୀ ନିଯୁକ୍ତି ଦିଆଯାଇଛି। ଘରଦ୍ୱାର ହରାଇଥିବା ୨,୦୦୦ରୁ ଊର୍ଦ୍ଧ୍ୱ ପରିବାରକୁ ପର୍ଯ୍ୟାପ୍ତ ସହଯୋଗ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



ଚେନାବ ବ୍ରିଜ୍ ଉପରେ ଜାତୀୟ ପତାକା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା।

# ମୋଦିଙ୍କୁ ରାଜ୍ୟ ମାନ୍ୟତା ମାଗିଲେ ଓମାର

**କେନ୍ଦ୍ରଶାସିତ** ଅଞ୍ଚଳ ଜମ୍ମୁ-କଶ୍ମୀରକୁ ଏହାର ରାଜ୍ୟ ମାନ୍ୟତା ଫେରାଇଦେବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଚେନାବ ବ୍ରିଜ୍‌ର ଲୋକାର୍ପଣ ସହ କଟ୍ରା-ଶ୍ରୀନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ଉଦ୍‌ଘାଟନ ଏବଂ ୪୬,୦୦୦ କୋଟି ଟଙ୍କା ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ବେଳେ ପ୍ରଧାନମନ୍ତ୍ରୀ ଓ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ ମଞ୍ଚାସୀନ ଓମାର ରାଜ୍ୟ ମାନ୍ୟତା ଫେରସ୍ତ ପ୍ରସଙ୍ଗ ଉଠାଇଥିଲେ। ଓମାର କହିଥିଲେ, ଜମ୍ମୁ-କଶ୍ମୀରରେ ସମସ୍ତ ରେଳପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହ ଯୋଡ଼ିହୋଇ ସେ ନିଜକୁ ଭାଗ୍ୟବାନ୍ ମନେକରୁଛନ୍ତି। ପ୍ରଥମେ ଅନନ୍ତନାଗ ରେଳପଥର ଉଦ୍‌ଘାଟନ ହୋଇଥିଲା ଓ ଦ୍ୱିତୀୟରେ ବନିହାଲ ରେଳୱେ ଟନେଲ ଲୋକାର୍ପିତ ହୋଇଥିଲା। ଏଲ୍‌ଜି ମନୋଜ ସିହ୍ନାଙ୍କୁ ଏକ କନିଷ୍ଠ ପଦରୁ ପଦୋନ୍ନତି ମିଳିଥିବାବେଳେ ତାଙ୍କୁ ଏକ ରାଜ୍ୟ ପରିବର୍ତ୍ତେ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ କରି ପଦାବନତି କରାଯାଇଛି। ୨୦୧୪ରେ କଟ୍ରା ରେଳ ଷ୍ଟେଶନ୍ ଉଦ୍‌ଘାଟନବେଳେ ସିହ୍ନା ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ। ତାଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ଭାବେ ପ୍ରମୋଶନ୍ ମିଳିଛି। କିନ୍ତୁ ସେତେବେଳେ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ଓମାର ଏବେ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ହୋଇଯାଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ରାଜ୍ୟ ମାନ୍ୟତା ଫେରାଇଦେଲେ ସବୁକିଛି ସ୍ୱାଭାବିକ ହୋଇଯିବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର କହିଛନ୍ତି। ରାଜ୍ୟ ମାନ୍ୟତା ପୁନଃ ଅବସ୍ଥାପିତ କରିବା ଦାବିକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ତାଳିମାରି ସ୍ୱାଗତ କରିଥିଲେ।

ପ୍ରକାଶ ଯେ, ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇ ଜମ୍ମୁ-କଶ୍ମୀରକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ।

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି, ପ୍ରତିଶ୍ରୁତିବଦ୍ଧ ପ୍ରୟାସ ଓ ଫୋକସ୍ ଯୋଗୁ ହିଁ କଶ୍ମୀରକୁ ଭାରତର ଅବଶିଷ୍ଟ ଭାଗ ସହ ଯୋଡ଼ିବାର ସ୍ୱପ୍ନ ପୂରଣ ହୋଇପାରିଛି। ଭାରତ ମାତାର ମୁକୁଟରେ ଆଉ ଏକ ମୁକ୍ତା ଖଚିତ ହୋଇଯାଇଛି।

**-ଅଶ୍ୱିନୀ ବୈଷ୍ଣବ, ରେଳମନ୍ତ୍ରୀ**

" ୧୯୯୫ରେ ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବାବେଳେ ଚେନାବ ରେଳ ବ୍ରିଜ୍ ସମେତ ଜମ୍ମୁ-କଶ୍ମୀରରେ ଅନେକ ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଶ୍ରେୟ ନେବାକୁ ଉଦ୍ୟମ କରିବା ଦୁର୍ଭାଗ୍ୟଜନକ।

**-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ**

" ମୋଦି ସରକାର ଯାହା ଆରମ୍ଭ କରିଥିଲେ, ସେସବୁକୁ ସମ୍ପୂର୍ଣ୍ଣ କରିଛନ୍ତି। କଂଗ୍ରେସ କେବଳ ଘୋଷଣା କରି ଚୁପ୍ ବସିଯାଏ। କଂଗ୍ରେସ ସରକାର ଅମଳର ରେଳ ଲିଙ୍କ୍ ପ୍ରକଳ୍ପଗୁଡ଼ିକ ଉପରେ ଧୂଳି ଜମିଗଲାଣି।

**-ପ୍ରଦୀପ ଭଣ୍ଡାରୀ, ଭାଜପା ମୁଖପାତ୍ର**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଞ୍ଜି ନଦୀ ଉପରେ ନିର୍ମିତ ଦେଶର ପ୍ରଥମ କେବୁଲ-ଷ୍ଟେ ରେଳବ୍ରିଜ୍‌କୁ ଉଦ୍‌ଘାଟନ କରିବା ଅବସରରେ।

# ଗୁଜରାଟ କଂଗ୍ରେସ ସାଧାରଣ ସମ୍ପାଦକ ଗିରଫ



ରାଜେଶ ସୋନି

**ଅହମଦାବାଦ,୬।୬**

ଅପରେଶନ ସିନ୍ଦୂର ଉପରେ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଅଭିଯୋଗରେ ଗୁଜରାଟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜେଶ ସୋନିଙ୍କୁ ଗାନ୍ଧୀନଗର ସାଇବର କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଛି। ସୋନି ନିଜ ଫେସ୍‌ବୁକ୍ ପେଜ୍‌ରେ ଅପରେଶନ ସିନ୍ଦୂର, ରାଫାଲ

### ଅପରେଶନ ସିନ୍ଦୂର ଉପରେ ବିବାଦୀୟ ପୋଷ୍ଟ

ଚୁକ୍ତିନାମା ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ବିବାଦୀୟ ପୋଷ୍ଟ କରିଥିଲେ, ଯାହାକୁ ନେଇ ସାରା ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଭାରତୀୟ ସେନାର ମନୋବଳକୁ ନ୍ୟୂନ କରାଇବା, ସେମାନଙ୍କ କର୍ତ୍ତବ୍ୟ ଉପରେ ସନ୍ଦେହ ପ୍ରକଟ କରାଇବା ଏବଂ ସଶସ୍ତ୍ର ବଳ ଉପରୁ ଜନସାଧାରଣଙ୍କ ଆସ୍ଥା ହ୍ରାସ ଲକ୍ଷ୍ୟରେ ସୋନି ଏଭଳି ପୋଷ୍ଟ କରିଥିବା ଅଭିଯୋଗ ହୋଇଥିଲା। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏଭଳି ପୋଷ୍ଟ ଜାତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା ବଢ଼ାଇଥିଲା। ଆପତ୍ତିଜନକ ପୋଷ୍ଟ ପାଇଁ ସୋନିଙ୍କ ନାଁରେ ଏତଲା ଦାଏର ହୋଇଥିଲା।

# ଦଳାଚକଟା ଘଟଣାରେ ସିଦ୍ଧାରାମାୟାଙ୍କ ରାଜନୈତିକ ସଚିବ ବହିଷ୍କୃତ

**ବେଙ୍ଗାଲୁରୁ,୬।୬**

ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଦଳାଚକଟା ଘଟଣାରେ କର୍ଣ୍ଣାଟକ ସରକାର ଶୁକ୍ରବାର ବିଧାନ ପରିଷଦ ସଦସ୍ୟ କେ. ଗୋବିନ୍ଦରାଜଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ପଦରୁ ବହିଷ୍କାର କରିଛନ୍ତି। ଗତ ବୁଧବାର ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟିମ୍ ଆଇପିଏଲ୍ ବିଜୟ ଉତ୍ସବ ପାଳନ କରୁଥିବାବେଳେ ଦଳାଚକଟା ଘଟି ୧୧ ଜଣଙ୍କ ମୃତ୍ୟୁ



କେ. ଗୋବିନ୍ଦରାଜ

ହୋଇଥିଲା। ଏହି ଘଟଣାରେ ଗୁରୁବାର ବେଙ୍ଗାଲୁରୁ ପୋଲିସ କମିଶନର ବି. ଦୟାନନ୍ଦ ଓ ଅନ୍ୟ ଶୀର୍ଷ ଅଧିକାରୀଙ୍କୁ ନିଲମ୍ବନ କରାଯିବା ସହ ଗୋଇନ୍ଦା ମୁଖ୍ୟ ହେମନ୍ତ ନିମ୍ବଲକରଙ୍କୁ ବଦଳି କରାଯାଇଥିଲା। ସରକାର ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଯାଇ ଅଫିସରମାନଙ୍କୁ ବିଦା କରୁଥିବାବେଳେ ଦୟାନନ୍ଦଙ୍କ ନିଲମ୍ବନକୁ ନେଇ ସାଧାରଣରେ ଉତ୍ତେଜନା ଦେଖାଦେଇଛି। ବେଙ୍ଗାଲୁରୁ ପୋଲିସ ମୁଖ୍ୟଙ୍କ ପ୍ରତି ସମର୍ଥନ ବଢ଼ିଚାଲିଥିବାବେଳେ ପୂର୍ବତନ ଅଫିସର, ବିରୋଧୀ ଦଳ, ନାଗରିକ ଏବଂ ସୋସିଆଲ ମିଡିଆ ୟୁଜରମାନେ ତାଙ୍କ ପଛରେ ଛିଡ଼ା ହୋଇଛନ୍ତି।

# ଅଗଷ୍ଟ ୩ରେ ଏନ୍‌ଇଇଟି-ପିଜି ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୬।୬(ପି.ଟି.)**

ଉଚ୍ଚତର ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ପିଜି) ଅଗଷ୍ଟ ୩ରେ କରାଇବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଜାତୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇ)କୁ ଅନୁମତି ଦେଇଛନ୍ତି। ଏନ୍‌ଇଇଟି-ପିଜି ଦୁଇଟି ଶିଫ୍ଟ ପରିବର୍ତ୍ତେ ଗୋଟିଏ ଶିଫ୍ଟରେ କରାଇବା ପାଇଁ ଗତ ମେ' ୩୦ରେ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ଏଥିପାଇଁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା ଆବଶ୍ୟକ ଥିଲା। ପରୀକ୍ଷା କରାଇବା ପାଇଁ ୨ ମାସ ସମୟ ଆବଶ୍ୟକ କାହିଁକି ବୋଲି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଏନ୍‌ବିଇକୁ ପ୍ରଶ୍ନ କରିବା ସହ ପରେ ଆଉ ସମୟ ବଢ଼ାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଗୋଟିଏ ଶିଫ୍ଟରେ ପରୀକ୍ଷା କରାଇବା ପାଇଁ ଅଧିକ ୧,୦୦୦ ପରୀକ୍ଷା କେନ୍ଦ୍ରର ଆବଶ୍ୟକ ଥିବା ଏନ୍‌ବିଇ ଜଣାଇଥିଲା।

# ଭାରତରେ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବା ପାଇଁ ମସ୍କଙ୍କ ଷ୍ଟାର୍‌ଲିଙ୍କ୍‌କୁ ଲାଇସେନ୍ସ

**ନୂଆଦିଲ୍ଲୀ,୬।୬**

ଏଲନ୍ ମସ୍କଙ୍କ ଷ୍ଟାର୍‌ଲିଙ୍କ୍‌କୁ ଭାରତରେ ବ୍ରଡ୍‌ବ୍ୟାଣ୍ଡ ସେବା ପାଇଁ ଗ୍ଲୋବାଲ୍ ମୋବାଇଲ୍ ପର୍ସନାଲ କମ୍ୟୁନିକେଶନ ବାଏ ସାଟେଲାଇଟ୍ (ଜିଏମ୍‌ପିସିଏସ୍) ଲାଇସେନ୍ସ ମିଳିଛି। ଏହି କମ୍ପାନୀ ୨୦୨୧ରୁ ଭାରତର ସାଟେଲାଇଟ୍ ଯୋଗାଯୋଗ ମାର୍କେଟରେ ପ୍ରବେଶ ପାଇଁ ଉଦ୍ୟମ ଚଳାଇଥିଲା। ଭାରତରୁ ଏଭଳି ଲାଇସେନ୍ସ ପାଇବାରେ ଷ୍ଟାର୍‌ଲିଙ୍କ୍ ତୃତୀୟ କମ୍ପାନୀ। ପୂର୍ବରୁ ଇଉଟେଲସାଟ୍‌ର ୱାନ୍‌ୱେବ୍ ଏବଂ ରିଲାଏନ୍ସ ଜିଓକୁ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ଷ୍ଟାର୍‌ଲିଙ୍କ୍ ୧୨୫ରୁ ଊର୍ଦ୍ଧ୍ୱ ଦେଶରେ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଜେଫ୍ ବେଜୋସ୍‌ଙ୍କ ଆମାଜନ କୁଇପର ଭାରତରେ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବା ପାଇଁ ଆବେଦନ କରିଥିବାବେଳେ ଆପଲ୍‌ର ଗ୍ଲୋବାଲଷ୍ଟାର ମଧ୍ୟ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଇବାକୁ ଆଗ୍ରହ ପ୍ରକାଶ କରିଛି।

# ଟ୍ରମ୍ପ୍-ମସ୍କ ବ୍ରେକ୍‌ଅପ୍



ଡୋନାଲ୍ଡ ଟ୍ରମ୍ପ୍



ଏଲନ୍ ମସ୍କ

**ୱାଶିଂଟନ୍,୬।୬**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଟେସ୍‌ଲା-ସ୍ପେସେକ୍ସ ମାଲିକ ଏଲନ୍ ମସ୍କଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଛି। ଦୁଇ ମଲ୍ଟି ବିଲିୟନେୟାର ସୋସିଆଲ ମିଡିଆରେ ପରସ୍ପର ବିରୋଧରେ ପୋଷ୍ଟ କରିବାରେ ଲାଗିଛନ୍ତି। ସଂଘୀୟ ଖର୍ଚ୍ଚ ହ୍ରାସ ପାଇଁ ଟ୍ରମ୍ପ୍ ନିଜ ପୂର୍ବ ପ୍ରତିଶ୍ରୁତିରୁ ଓହରି ଯାଇଥିବା ନେଇ ମସ୍କ ଅଭିଯୋଗ ଆଣିବା ସହ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବା ଉଚିତ ବୋଲି ମନ୍ତବ୍ୟ ଦେବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ତେବେ ବିଶ୍ୱର ୨ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କରେ ସୁଧାର ଆଣିବା ପାଇଁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି।

କିଛିଦିନ ହେଲା ମସ୍କ ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ମସ୍କ ଟ୍ରମ୍ପ୍‌ଙ୍କୁ ଖୋଲାଖୋଲି ସମାଲୋଚନା କରିବାକୁ ପଛାଉନାହାନ୍ତି। ଏଭଳି ସମୟରେ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଜଣେ ୟୁଜର ଟ୍ରମ୍ପ୍‌ଙ୍କ ଟାରିଫ୍‌କୁ 'ସୁପର ଷ୍ଟୁପିଡ୍' ବୋଲି ଉଲ୍ଲେଖ କରିଥିଲେ। ଏହାର ଉତ୍ତରରେ ମସ୍କ ଲେଖିଥିଲେ, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନୂଆ କଠୋର ଟାରିଫ୍ ନୀତି ଯୋଗୁ ୨୦୨୫ ଦ୍ୱିତୀୟାର୍ଦ୍ଧରେ ଆମେରିକା ଅର୍ଥନୀତି ପାଇଁ ମାନ୍ଦାବସ୍ଥା ଆଣିପାରେ। ସେ ଏପରି ସତର୍କ କରାଇବା ପରେ ପୁଞ୍ଜି ବଜାର ଦୋହଲିଯାଇଥିଲା। ଟେସ୍‌ଲା ଷ୍ଟକ୍ ଗୁରୁବାର ୧୪%ରୁ ଅଧିକ ତଳକୁ ଖସିଯାଇଥିଲା। ଏଥିଯୋଗୁ ଟେସ୍‌ଲାର ମାର୍କେଟ ଭାଲ୍ୟୁ ୧୫୦% ହ୍ରାସ ପାଇଥିଲା। ଇତିମଧ୍ୟରେ ମସ୍କ ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି। ଏକ୍ସ'ରେ ମସ୍କ ଏନେଇ ତାଙ୍କର ୨୦୦ ନିୟୁତରୁ ଅଧିକ ଫଲୋୟର୍ସଙ୍କୁ ମତାମତ ମାଗିଥିଲେ। ୮୧% ଫଲୋୟର୍ସ ଏଥିରେ ସହମତି ପ୍ରକାଶ କରିଛନ୍ତି।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାନ୍ତାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ



# ପୁନଶ୍ଚ ଜାଲିଆତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାବୁ ପରିସରରେ ଗୋଟିଏ ପରେ ଗୋଟିଏ ଜାଲିଆତି ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏଥର ୧୫ ଜଣ ସିଭିଲ ସର୍ଭାଣ୍ଟଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ସେମାନେ ନକଲି ଉପାୟରେ ସଂରକ୍ଷଣ ଦାବିକରି ଆଇଏଏସ୍, ଆଇପିଏସ୍ ଓ ଆଇଆର୍‌ଏସ୍ ପଦବୀ ପାଇଥିବା ବିଷୟ ଏବେ ତଦନ୍ତ ପରିସରଭୁକ୍ତ ହୋଇଛି। ଏଭଳି ଜାଲିଆତି ଉପରେ ଲଗାତର ଅଭିଯୋଗ ଆସିବା ପରେ ଶେଷରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)ତଦନ୍ତ ଆରମ୍ଭ କରିଛି। ଆରଟିଆଇ ଆକ୍ଟିଭିଷ୍ଟ ବିଜୟ କୁମ୍ଭାର ଅନେକ ଅଭିଯୋଗ କରିଥିଲେ ଏବଂ ଏଥିରେ ଭୁଲ୍ ଜାତି, ଇଡ୍‌ବ୍ଲ୍ୟୁଏସ୍ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଦିଆଯାଇଥିବା ଦର୍ଶାଯାଇଥିଲା। କେତେକ ଅଧିକାରୀ ପିଡବ୍ଲ୍ୟୁବିଡି (ନିର୍ଦ୍ଦିଷ୍ଟ ସ୍ତରର ଦିବ୍ୟାଙ୍ଗ ସ୍ଥିତି)ର ଭୁଲ୍ ପ୍ରମାଣ ପତ୍ର ଦେଇଥିବାବେଳେ ଅନ୍ୟମାନେ ତଫସିଲଭୁକ୍ତ ଜାତି, ଜନଜାତି କିମ୍ବା ପଛୁଆବର୍ଗ ପ୍ରମାଣପତ୍ର ଦେଇ ୟୁପିଏସ୍‌ସିରେ ସଫଳ ହେବା ଲାଗି ବେଆଇନ ପନ୍ଥା ଧରିଥିଲେ ବୋଲି ସନ୍ଦେହ କରାଯାଉଛି। କେବଳ ଏହି ଘଟଣା ନୁହେଁ, ମହାରାଷ୍ଟ୍ର କ୍ୟାଡରର ପୂଜା ଖେଡ୍‌କରଙ୍କ ମାମଲା ପାଠକଙ୍କର ମନେଥିବ। ସେ ୟୁପିଏସ୍‌ସିରେ ସଫଳ ହେବା ପାଇଁ ଜାତି ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଜାଲିଆତି କରିଥିଲେ। ଯଦି ୟୁପିଏସ୍‌ସି ଓ ରାଜ୍ୟ ସରକାର ନିଯୁକ୍ତି ପୂର୍ବରୁ ଠିକ୍ ଭାବେ ପ୍ରମାଣପତ୍ର ଯାଞ୍ଚ କରିବେ ନାହିଁ, ତେବେ ଯୋଗ୍ୟତା ମାନକ ଦର୍ଶାଇବା ମାନେ କ'ଣ ? କାର୍ଯ୍ୟ କ୍ଷେତ୍ରରେ ସମାନତା ଆଣିବା ହେଉଛି ସଂରକ୍ଷଣର ଲକ୍ଷ୍ୟ, କିନ୍ତୁ ପଛଦ୍ୱାର ଦେଇ ଜାଲିଆତି କରି ଚାକିରିରେ ପ୍ରବେଶ କରିବା ପାଇଁ ନୁହେଁ। ଜାଲିଆତି କରି ଯଦି ସିଭିଲ ସର୍ଭିସରେ ପ୍ରବେଶ କରନ୍ତି ତେବେ ବ୍ୟବସ୍ଥା ଉପରେ ଥିବା ନାଗରିକ ତଥା ବଞ୍ଚିତ ଆଶାୟୀଙ୍କ ବିଶ୍ୱାସ ଧୂଳିସାତ ହୋଇଯିବ। ସ୍ୱଚ୍ଛତା, ଠିକ୍ ସମୟରେ ଯାଞ୍ଚ ଓ ଗମ୍ଭୀର ସଚେତନତା ନିହାତି ଦରକାର। ଯଦି ଶୀର୍ଷକୁ ଯାଉଥିବା ବ୍ୟକ୍ତି ବ୍ୟବସ୍ଥାରେ ହେରଫେର କରିପାରୁଛନ୍ତି, ତେବେ ଆମମାନଙ୍କଠାରୁ କ'ଣ ଆଶା କରାଯାଇପାରେ।

### ସ୍ଥାୟିତ୍ୱକୁ ଭୁଲିଯାଅ

ଉତ୍ତର ପ୍ରଦେଶରେ ପୋଲିସ ମୁଖ୍ୟ ହେବା ଅର୍ଥ କ୍ୟାରିୟରର ଶୀର୍ଷ ସଫଳତା ପାଇବାର ଗୁରୁତ୍ୱ କମ୍ ମନେ ହୁଏ ବରଂ ଅଧିକ ଅତିଥି ଭଳି ବିଶେଷକରି କାର୍ଯ୍ୟନିର୍ବାହୀ ଭୂମିକା ବୋଲି ଜଣାପଡ଼େ। ନିକଟରେ ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ୧୯୯୧ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ରାଜୀବ କ୍ରିଷ୍ଣ ନିଯୁକ୍ତ ହୋଇଛନ୍ତି। ପ୍ରଶାନ୍ତ କୁମାର ଡିଜିପି ପଦବୀରୁ ମେ ୩୧ରେ ଅବସର ନେବା ପରେ ତାଙ୍କ ସ୍ଥାନରେ କ୍ରିଷ୍ଣଙ୍କୁ ଅବସ୍ଥାପିତ କରାଯାଇଛି। କୁମାର ତାଙ୍କ ଲମ୍ବା କାର୍ଯ୍ୟକାଳ ମଧ୍ୟରେ ସାହସିକ କାର୍ଯ୍ୟ ପାଇଁ ଅନେକ ପଦକ ଏବଂ ୩୦୦ରୁ ଅଧିକ ଏନ୍‌କାଉଣ୍ଟର ସହ ଜଡ଼ିତ ଥିବା ଜଣାପଡ଼ିଛି। ତେବେ ଅବସର ପୂର୍ବରୁ ଅନେକ ସପ୍ତାହ ଧରି କୁମାରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲେ ମଧ୍ୟ ସରକାର ନୀରବ ରହିଥିଲେ ଓ କୌଣସି ନିଯୁକ୍ତି ତାଲିକା ୟୁପିଏସ୍‌ସିକୁ ପଠାଯାଇ ନ ଥିଲା। ବ୍ୟବସ୍ଥାର ନିୟମ ଅନୁଯାୟୀ କୌଣସି ଚୟନ କମିଟି ଗଢ଼ାଯାଇ ନାହିଁ। କେବଳ ନୀରବତା ପରେ ଦାୟିତ୍ୱ ହସ୍ତାନ୍ତର ହୋଇଛି। ୨୦୨୨ ପରଠାରୁ କ୍ରିଷ୍ଣ ପଞ୍ଚମ କାର୍ଯ୍ୟନିର୍ବାହୀ ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକଥା ଭୁଲି ଯାଆନ୍ତୁନି ଯେ, ଡିଜିପି ଚୟନ ପାଇଁ ସୁପ୍ରିମକୋର୍ଟ ସ୍ପଷ୍ଟ ମାନକ ନିର୍ଦ୍ଧାରଣ କରିଛନ୍ତି, ତାହା ହେଉଛି ସ୍ୱଚ୍ଛତା, ଯୋଗ୍ୟତା ଓ ଉପଯୁକ୍ତ ପ୍ରକ୍ରିୟା। ହେଲେ ଉତ୍ତରପ୍ରଦେଶରେ ଏହିସବୁ ନିୟମ ମାର୍ଗଦର୍ଶନ ଭଳି ମନେହେଉଛି। ଜଣେ କାର୍ଯ୍ୟନିର୍ବାହୀ ଡିଜିପି ସ୍ଥାୟୀ ହୋଇପାରୁ ନାହାନ୍ତି। ଏଣୁ ସ୍ଥାୟିତ୍ୱକୁ ଭୁଲିଯାଅ।

### ବିଫଳ ପଦକ୍ଷେପ

ହରିୟାଣାରେ ୨୭ ଜଣ ରାଜ୍ୟ ସିଭିଲ ସର୍ଭିସ ଅଧିକାରୀଙ୍କୁ ଆଇଏଏସ୍ ପଦବୀକୁ ପଦୋନ୍ନତି ଦେବା ଲାଗି ନିଆଯାଇଥିବା ପଦକ୍ଷେପ ଯୋଜନା ଅନୁସାରେ ସଫଳ ହେଲା ନାହିଁ। ଏଥିରେ ୟୁପିଏସ୍‌ସି ପକ୍ଷରୁ ବାଧା ଆସିଛି। ତେବେ ରାଜ୍ୟରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଥିବାବେଳେ ଏଭଳି ପଦକ୍ଷେପର ସମୟ ଖରାପ ହୋଇ ନ ପାରେ। ସମସ୍ୟାର କେନ୍ଦ୍ର ହେଉଛି, ପଦୋନ୍ନତି ପାଇଁ ପ୍ରସ୍ତୁତ କରାଯାଇଥିବା ଶର୍ଟଲିଷ୍ଟରେ ଅତି କମ୍‌ରେ ୮ ଜଣ ଅଧିକାରୀଙ୍କ ବିରୋଧରେ ଆପରାଧିକ ଅଭିଯୋଗ ରହିଛି। ଏମାନଙ୍କ ବିରୋଧରେ କୋର୍ଟରେ ସମ୍ପୂର୍ଣ୍ଣ ଅଭିଯୋଗପତ୍ର ଦାଖଲ ହୋଇଛି। ତଥାପି ରାଜ୍ୟ ସରକାର ଏହି ଘଟଣାକୁ ଆଢୁଆଳରେ ରଖି ଯୁକ୍ତି କରୁଛନ୍ତି ଯେ, ଅପରାଧ ଦଣ୍ଡ ସଂହିତାର ଧାରା ୧୭୩ ଅନୁଯାୟୀ ଏକ ଅଭିଯୋଗ ପତ୍ରକୁ ବୃତ୍ତାନ୍ତ ରିପୋର୍ଟ ଭାବେ ଗଣାଯାଏ ନାହିଁ। ଏଣୁ ଜଣଙ୍କୁ ପଦୋନ୍ନତିରୁ ବାଦ୍ ଦିଆଯିବା ପାଇଁ ଆପରାଧିକ ଅଭିଯୋଗ ଯଥେଷ୍ଟ ନୁହେଁ। ସରକାରଙ୍କର ଏହା ଏକ ସୁନ୍ଦର ପ୍ରଚେଷ୍ଟା, କିନ୍ତୁ ୟୁପିଏସ୍‌ସି ବୁଝିଲା ନାହିଁ କି ଗ୍ରହଣ କଲା ନାହିଁ। ୟୁପିଏସ୍‌ସି ସରକାରଙ୍କ ଯୁକ୍ତି ଆଇନଗତ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି କହି ପୂରା ତାଲିକାକୁ ଫେରାଇ ଦେଇ ଏକ ସ୍ୱଚ୍ଛ ଲିଷ୍ଟ ପଠାଇବାକୁ କହିଲା। ଦୁର୍ଭାଗ୍ୟବଶତଃ, ଯେଉଁ ଅଧିକାରୀଙ୍କ ବିରୋଧରେ କୌଣସି ମାମଲା ନାହିଁ ସେମାନେ ବି ଅନିଶ୍ଚିତତା ମଧ୍ୟରେ ରହିଲେ। ଏହି ଘଟଣା ମଧ୍ୟ ହରିୟାଣା ଆଇଏଏସ୍‌ର ମୁଣ୍ଡବିନ୍ଧାର କାରଣ ପାଲଟିଛି। କାରଣ ରାଜ୍ୟରେ ୨୧୫ ଆଇଏଏସ୍ ଦରକାର , କିନ୍ତୁ ଏବେ ଅଛନ୍ତି ୧୭୧। ଏଭଳି ବଡ଼ ଅଭାବକୁ ଅସ୍ପଷ୍ଟ ଚୟନ କିମ୍ବା ଅଧୁରା ଆଇନଗତ ଯୁକ୍ତି ମାଧ୍ୟମରେ ପୂରଣ କରାଯାଇପାରିବ ନାହିଁ। ଏହା ସ୍ପଷ୍ଟ ଯେ, ୟୁପିଏସ୍‌ସି ଏଥିରେ ସମସ୍ୟା ଥିବା ଅନୁଭବ କରୁଥିବାବେଳେ ଏହାକୁ ସହଜରେ ଛାଡ଼ିଦେବା ମୁଡ୍‌ରେ ନାହିଁ।

Email: dilipcherian@gmail.com

# ଆମ ବଞ୍ଚିବାର ବର୍ଣ୍ଣବୋଧ



ବ୍ରଜମୋହନ ମିଶ୍ର

ଏ ସଂସାର କେବଳ ବିରାଟ ନୁହଁ, ଏହା ସୁନ୍ଦର ପୁଣି ଆନନ୍ଦମୟ। ଏହା ପ୍ରକାଶ କରି ଭକ୍ତକବି ମଧୁସୂଦନ ଆମ ଆଖି ଖୋଲିଦେବା ସହ ହୃଦୟ ଭେଦିଛନ୍ତି। ବିରାଟତା ସହ ସୌନ୍ଦର୍ଯ୍ୟ ଓ ଆନନ୍ଦ ଏତେ କୋଳାକୋଳି ହୋଇଯାଇଛନ୍ତି ଯେ, ଗୋଟାକଠାରୁ ଆରଟିକୁ ଅଲଗା ଦେଖିହେବ ନାହିଁ କି ଅନୁଭବ କରିହେବ ନାହିଁ। ଏ ତିନି ପ୍ରସ୍ତ ସମସ୍ତଙ୍କ ସମକ୍ଷରେ ବେଶ୍ ଖୋଲାମେଲା। ପୁଣି ଏଗୁଡ଼ିକୁ ନେଇ ସମସ୍ତେ ନିତିଦିନ ବଞ୍ଚୁଛନ୍ତି। ଏଗୁଡ଼ିକ ସମସ୍ତଙ୍କ ଜୀବନ ଧାରଣର ପୋଷଣ ରୂପେ କ୍ରିୟା ସମ୍ପାଦନ କରୁଛନ୍ତି ନିଃଶବ୍ଦରେ ଓ ନିର୍ବିଶେଷରେ। ଯେଉଁଠି ଘଞ୍ଚ ବନରାଜି ମାଇଲ ମାଇଲଧରି ଲମ୍ବିଯାଉଛି ସେଇଠି କେଉଁ ଜାଗାରେ ହୁଏତ କୁଳୁକୁଳୁ କରି ଝରଣାଟିଏ ବହିଯାଉଛି ତ କେଉଁ ଗହଳ ଗଛ ଉପରେ ଚଢ଼େଇମାନେ ବସି କିଚିରିମିଚିରି କରୁଛନ୍ତି। ଏହା ଏକାଧାରରେ ସୁନ୍ଦର, ତେଣୁ ଆନନ୍ଦଦାୟୀ । ଆନନ୍ଦାଳୟ ସୌନ୍ଦର୍ଯ୍ୟ ସହ ବିରାଟତାର ଏଇ ନିବିଡ଼ ସମ୍ପର୍କ ଆମ୍ଭମାନଙ୍କୁ ବିସ୍ମିତ, ବିହ୍ୱଳିତ ଓ ବିଗଳିତ ତଥା ବିପଶ୍ଚିତ୍ କରନ୍ତା। ସେହି ଶକ୍ତି ସେମାନଙ୍କ ପାଖରେ ନିତ୍ୟ ବିଦ୍ୟମାନ ଥିଲେ ସୁଦ୍ଧା ଆମେ ବୁଦ୍ଧିମାନ୍ ମତିହୀନମାନେ ସେ ଦିଗରେ କେବେ ଆଗ୍ରହୀ ହୋଇ ନ ଥାଉ। ଜୀବନ ସଂଗ୍ରାମ ନାଁରେ ଆମେ ଚେତାଶୂନ୍ୟ ହୋଇ ଏଡ଼େ ଜୋର୍‌ରେ ଆମର ଖଣ୍ଡାଟିମାନ ବୁଲାଉ ଯେ, ଆଉ କିଛିକୁ ମନ କରୁନାହୁଁ। ହେଲେ ଜୀବନ ସଂଗ୍ରାମ ଭିତରକୁ ତ ଆମେ କେବେ ପଶୁନା। ସତରେ ଜୀବନ ପାଇଁ ସଂଗ୍ରାମ ଓ ବାହାର ସଂଗ୍ରାମ। ଭିତର ସଂଗ୍ରାମ ବାହାର ସଂଗ୍ରାମ ଅପେକ୍ଷା ଅଧିକ ଶକ୍ତିଶାଳୀ, ଅଧିକ ଏକନିଷ୍ଠ, ଅଧିକ ଶ୍ରଦ୍ଧାମୟ ହେବା କଥା। ସେଇ ସଂଗ୍ରାମ କରିବାକୁ ହେଲେ ଆମକୁ ତା' ସହ ଯଥେଷ୍ଟ ପରିଚିତ ହେବା ଆବଶ୍ୟକ।

ବାହାର ଓ ଭିତର – ଏ ଦୁଇଟି ଅଲଗା ପୁଣି ଅଭିନ୍ନ। ଅଲଗା ଏଇଥିପାଇଁ ଯେ 'ବାହାର' ଆଖିକୁ ଦେଖାଯାଏ, 'ଭିତର'ଟି ନୁହେଁ। ଦେଖା ନ ଯାଉଛି ବୋଲି ତାହାକୁ ଆମେ ଅସ୍ୱୀକାର କରିବା ଠିକ୍ ନୁହେଁ। ମୋତେ ନିର୍ବାଚନରେ ଅଂଶଗ୍ରହଣ କରି ଜିତିବାକୁ ହେବ। ଏ ବାହାର କଥା– ଏହା ପ୍ରତ୍ୟକ୍ଷ। ସେଥିପାଇଁ ମୁଁ କେତେମନ୍ତେ ସକ୍ରିୟ, ସଜାଗ ଓ ସଶସ୍ତ୍ର। ସେହିପରି ମୋତେ ଏ ସଂସାରରେ 'ପରୀକ୍ଷିତ ଜୀବନ' ଧାରଣ କରିବାକୁ ହେବ। ତା' ନ ହେଲେ ମୋର ଏ ସଂସାର ସହ ଆତ୍ମୀୟତା ଆସିବ ନାହିଁ। କାରଣ ସଂସାରରେ ଥାଇ ମଧ୍ୟ ମୁଁ ସଂସାରର ହୋଇ ନ ଥିବି। ସଂସାରର ହେବାକୁ ମୁଁ ସଂସାରକୁ ଆସିଛି– ଏଇ ବିଶ୍ୱାସର ଚେର ମୋ ଭିତରେ ମାଡ଼ିଯିବ। ତାହା ଯେତେ



ଭିତରକୁ ଭେଦୁଥିବ ମୁଁ ସେତେ ସଂସାରର ପାରାୟଣ କରିବାକୁ ଉତ୍ସାହୀ ହୋଇଉଠୁଥିବି। ସେଥିପାଇଁ ମୋତେ ସଂସାର ପରାୟଣ ହେବାକୁ ପଡ଼ିବ। ଏଇ ଅବବୋଧକୁ ଗଣ୍ଠିଧନ କରି ମୁଁ ମୋ ଭିତର ସଂଗ୍ରାମ ଆରମ୍ଭ କରିବି। ଭିତର ସଂଗ୍ରାମ ଅର୍ଥ ମୋ ଭିତରେ ସଦା ପ୍ରସ୍ତୁତ ଏକ ସୀମାବଦ୍ଧ, ଅଶ୍ରଦ୍ଧାଳୁ ଏବଂ ଅବୈଷ୍ଣବ ଅପଶକ୍ତି ସହ ସତ୍ୟାଗ୍ରହ। ଏଠାରେ ସଂଗ୍ରାମ ସତ୍ୟାଗ୍ରହ କରାଯାଏନା, ତା' ସହ ପୁଣି ତା' ପାଇଁ ସଂଗ୍ରାମ କରାଯାଏ। ତା' ଭିତରେ ଉଦ୍ଦେଶ୍ୟ ଥାଏ ଅନ୍ୟାୟର, ଅସତ୍ୟର, ଦୁରାଗ୍ରହର ରୂପାନ୍ତର ଆଉ ଏ ରୂପାନ୍ତର ଅହଂର ଆକ୍ରୋଶରେ ନୁହେଁ ଆତ୍ମଶକ୍ତିରେ ସମ୍ଭବ। ଏହି ତତ୍ତ୍ୱ ଅଭ୍ରାନ୍ତ ଓ ବହୁବାର ପରୀକ୍ଷିତ। ଅଧ୍ୟାତ୍ମ ବିଜ୍ଞାନର ଏହା ପରମ ପ୍ରମାଣ।


ଯେଉଁ ବିକଳ ବାସନାଗୁଡ଼ା ବ୍ୟକ୍ତିକୁ ଭାରି ହନ୍ତସନ୍ତ କରନ୍ତି, ସେଇଗୁଡ଼ିକ ସହ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କରି ସେଗୁଡ଼ିକୁ ଅକ୍ତିଆରକୁ ଆଣିବା। ଅଧିକାର କରିବାକୁ ଛଟପଟ ହେଉଥିବା ସେଇ ଅତୃପ୍ତ ବାସନା ଅଶନି ସହ ସ୍ନେହରେ କଥାବାର୍ତ୍ତା କରି, 'ଅଧିକାର' ଯେ ଅଳ୍ପ ଓ ଅଳୀକ, ତାହା ବୁଝାଇ ଦେବା କାହାକୁ ବା କିଛି 'ଅଧିକାର' କରିବାରେ ଅଧିକ ଅତୃପ୍ତି, ଅଧିକ ଅସନ୍ତୋଷ ଜନ୍ମ ନେଇଥାଏ – ଏ ତତ୍ତ୍ୱଟି ସହ ସେହି 'ଅଶାନ୍ତ' କୁ ପରିଚିତ କରାଇଦେବା। କେତେ କେତେ ପ୍ରକାରେ କେତେକେତେ ଲୋକ ରାଜ୍ୟ ଅଧିକାର କରିଛନ୍ତି, ସମ୍ପତ୍ତି ଅଧିକାର କରିଛନ୍ତି ହେଲେ ସେମାନେ ଅଧିକାରୀ ଅବା କ୍ଷମତାଶୀଳ ହୋଇ ଅଧିକ ଅତୃପ୍ତ ହୋଇ ଅଧିକ ବିଭ୍ରାନ୍ତ ଓ ବିଭ୍ରଷ୍ଟ ବି ହୋଇଛନ୍ତି। ସେମାନେ ନା ହୋଇପାରିଛନ୍ତି ସଂଘର, ନା ଧର୍ମର, ନା ହୋଇପାରିଛନ୍ତି ବୁଦ୍ଧର। ବୁଦ୍ଧ, ସଂଘ, ଧର୍ମ – ହେଉଛନ୍ତି ସୀମାହୀନତା ଆଉ ଶ୍ରଦ୍ଧାମୟତା। ଅଧିକାର ଲାଳସୀ ପ୍ରପଞ୍ଚ ସତ୍ତା ଅଧିକାର ଦ୍ୱାରା ଅନେକ ସଂଗ୍ରହ କରିପାରେ, ହେଲେ ତା' ଫଳରେ ସେ ସୀମାବଦ୍ଧ ହେବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଶୂନ୍ୟ ହୋଇଥାଏ। ଅଧିକାର ଏକ ଅସ୍ୱାଭାବିକ ଓ ଅଶିଷ୍ଟ ପ୍ରାପ୍ତି। ଏପରି ପ୍ରାପ୍ତି ସଦା ଉତ୍ତେଜକ, ଉନ୍ମାଦକ ତେଣୁ ଭାରି ଉତ୍ପୀଡ଼କ ଓ ଉଚ୍ଛୃଙ୍ଖଳ। ବସ୍ତୁ 'ଅଧିକାର' କରି ବ୍ୟକ୍ତି ଆଗେଇ ପାରେନାହିଁ କି ସତରେ ଆଗକୁ ଦେଖେ ନାହିଁ କି ଆଗକୁ ମନ କରେ ନାହିଁ। ତା'ର ସକଳ ସଂକ୍ରାନ୍ତିର ଦ୍ୱାର ବନ୍ଦ ହୋଇଯାଏ। ଏହି 'ଅଧିକାର' ବାସନାକୁ ଆମେ ବିଭିନ୍ନ ରୂପରେ ଦେଖି ପାରିବା।

କିଛି ଅଧିକାର କରିବାକୁ ସଂସାର ବିରାଟ, ସୁନ୍ଦର ଏବଂ ଆନନ୍ଦମୟ ହୋଇନାହିଁ। ତା'ର ଏପରି ଆଧ୍ୟାତ୍ମିକ ଅଭିବ୍ୟକ୍ତି ମଧ୍ୟରେ ଯେଉଁ ସାତ୍ତ୍ୱିକ ସଂଦର୍ଭ ଫୁଟିଉଠେ ତାହା ହେଉଛି ଏକ ପୂର୍ଣ୍ଣପ୍ରାଣତା ଯାହା ସବୁ ସହ ଗୁନ୍ଥି ହୋଇଯିବାକୁ ଚାହେଁ। ପକ୍ଷାନ୍ତରେ ଆମେମାନେ ସଂସାରଯାକର ସବୁକୁ ଅଧିକାର କରିବାକୁ ଅନବରତ ଦୌଡ଼ୁଛୁ। ଏହି ଅବୁଝା ଅଧିକାରପ୍ରବଣତା ପାଖରେ ସଖାଟିଏ ପରି ବସି, ହସିହସି ଯୁକ୍ତିବାଢ଼ି ତା'ର ଆଣ୍ଠ ଭାଙ୍ଗିବା ହେଉଛି ଭିତର ସଂଗ୍ରାମର ଲକ୍ଷଣ। ତାହା ହିଁ ଜୀବନ ସଂଗ୍ରାମର ମୂଳ କଥା, ସାର କଥା ଓ ବଞ୍ଚିବାର ବର୍ଣ୍ଣବୋଧ। ଆମର ସର୍ବବିଧ ପ୍ରଗତି ତାରି ଉପରେ ନିର୍ଭର କରେ। ସଂସାରକୁ ଦିନ ଦିନ ଦେଖୁଥିଲେ ମଧ୍ୟ ତା'ର ଉଦାରତା, ନିର୍ବିକାରତା ଏବଂ ଅପରିଗ୍ରହତା ପ୍ରତି ଆମେ କାହିଁକି ଏତେ ଅମନଯୋଗୀ ? ସଂସାରକୁ ସତରେ ଆମେ ଦେଖୁଛୁ ତ ? ମନେ ହୁଏ, ଆମେ ସଂସାରରେ ଜୀବନ ସଂଗ୍ରାମ ନାଁରେ ନିଜ ପାଇଁ ଯେଉଁ ବନ୍ଧନ ସୃଷ୍ଟି କରୁଛୁ, ତାହା ଫଳରେ ସଂସାରକୁ ସତରେ ଦେଖି ପାରୁନାହୁଁ। ଆମର ଆଖି ସଂସାର ଯାକର ଦ୍ରବ୍ୟ ଉପରେ ନିବଦ୍ଧ ହୋଇ ବନ୍ଦୀ ହୋଇଯିବାରୁ ସଂସାରର ଆହ୍ୱାନ ଶୁଣିବାରେ ଏହା ଅସମର୍ଥ ହେଉଛି। ତା'ସତ୍ତ୍ୱେ ଅସାମର୍ଥ୍ୟ ବର୍ଜନ କରିବାର ସାମର୍ଥ୍ୟ ମଧ୍ୟ ଆମ ପାଖରେ ରହିଛି। ତାକୁ ଆଧ୍ୟାତ୍ମିକ ଭାଷାରେ 'ଆସ୍ପୃହା' ବୋଲି କୁହାଯାଇଛି। ଖୁବ୍ ପ୍ରସନ୍ନ ଭାବରେ, କୌଣସି ନୀଚ କି ନିମ୍ନକୁ ମନ ନ କରି ବିରାଟକୁ ବାଞ୍ଛିବା ଯେଉଁ ବିରାଟ ଏକାଧାରରେ ସୁନ୍ଦର ଓ ଆନନ୍ଦମୟ। ତାହା ହେଉଛି ଆସ୍ପୃହା। ହେଲେ ଭିତର ସଂଗ୍ରାମ ବ୍ୟତିରେକେ ଏହା କେବେ ସମ୍ଭବ ନୁହଁ। ଉପରଟା ତ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୋଇଯାଏ। କିନ୍ତୁ ଭିତର, 'ଅଳ୍ପ'ର ସ୍ୱରୂପ ଜାଣିଥିବାରୁ ଏଥିରେ ଲାଖିଯାଏ ନାହିଁ। ଅଥଚ ତାହା ଅଗ୍ରଗାମୀ ହୋଇ 'ଅନଳ୍ପର' ଆବାହନ କରେ। ତେଣୁ ଉପଦ୍ରବ କରେ ନାହିଁ କିମ୍ବା ଉପଦ୍ରୁତ ହୁଏନାହିଁ।

ଅନେକ ପ୍ରକାରେ ବଞ୍ଚୁଥିବା ଆମ୍ଭେମାନେ ଭିତର ବଞ୍ଚିବା ଉପରେ ଭାରି ଜୋର୍ ଦେବା। ତେଣୁ ଭିତର ଆଡୁ ବଞ୍ଚିବା ଅବା ଭିତର ସହ ବଞ୍ଚିବା। ତା'ହେଲେ ସଂସାର ତତ୍ତ୍ୱ ସହ ଆମ ବଞ୍ଚିବା ଯୁକ୍ତ ହୋଇ ପାରିବ। ଫଳରେ ଆମ ଜୀବନ ଯାହା ଗଭୀର ଭାବରେ ଆବଶ୍ୟକ କରେ, ତାହା ଆମକୁ ଅବଶ୍ୟ ମିଳିବ। ଆମ ଜୀବନ ଗତିଶୀଳ ଏବଂ ଗରିମାମୟ ହୋଇଯିବ। ସଂସାରକୁ ଚାହିଁ ପୁଣି ନିଜ ଭିତରକୁ ଶୁଣି ଆମେ ଏଇ ବୈଜ୍ଞାନିକ ପରୀକ୍ଷଣ କରିବାକୁ ସମ୍ମତ ହେବା। ସେଇ ସ୍ଥିତିରେ ଆମେ ମଧ୍ୟ ସୁନ୍ଦର, ବିଶାଳ ଓ ଆନନ୍ଦମୟ ହୋଇପାରିବା। ଏହା ଆମର ନିର୍ଧାର୍ଯ୍ୟ ମାର୍ଗ ଓ ଲକ୍ଷ୍ୟ ହେଉ।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ବୁଝି ବିଚାରି ଖାଇବା



ବୃହସ୍ପତି ସାମଲ

ଭାରତୀୟ ପାରମ୍ପରିକ ଦୃଷ୍ଟିକୋଣରେ ଖାଦ୍ୟ କେବଳ ଶରୀର ପାଇଁ ଆବଶ୍ୟକ ଉର୍ଜା ନୁହେଁ, ବରଂ ଏହା ଏକ ପବିତ୍ର ଅନୁଭୂତି, ଏକ ଧାର୍ମିକ ଚିନ୍ତନ ଭାବରେ ଗ୍ରହଣ କରାଯାଇଥାଏ। ତୈତ୍ତିରୀୟ ଉପନିଷଦରେ ଉଲ୍ଲେଖ ଅଛି, 'ଅନ୍ନମ ବ୍ରହ୍ମ', ଅର୍ଥାତ ଖାଦ୍ୟ ହିଁ ବ୍ରହ୍ମ। ଏହି କଥା କେବଳ ଖାଦ୍ୟର ଆଧ୍ୟାତ୍ମିକତା ବ୍ୟକ୍ତ କରେନାହିଁ, ବରଂ ଏହାର ଶାରୀରିକ ଓ ମାନସିକ ପ୍ରାଧାନ୍ୟକୁ ବୁଝାଏ। କୁହାଯାଏ ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ, ସତ୍ତ୍ୱଶୁଦ୍ଧୌ ଧ୍ରୁବସ୍ମୃତିଃ। ଅର୍ଥାତ ଆହାରର ପବିତ୍ରତାରୁ ମନର ପବିତ୍ରତା ଆସେ ଏବଂ ମନର ପବିତ୍ରତାରୁ ନିରନ୍ତର ସ୍ମୃତି ଉଦ୍ଭବ ହୁଏ।

ପ୍ରାଚୀନ ଭାରତରେ ଖାଦ୍ୟ ସେବନର ଏକ ନିୟମିତ ଓ ଋତୁ ଅନୁଯାୟୀ ପ୍ରଣାଳୀ ଥିଲା। ଆୟୁର୍ବେଦ ଖାଦ୍ୟକୁ ତିନୋଟି ଶ୍ରେଣୀରେ ବିଭାଜିତ କରେ, ଯଥା ସାତ୍ତ୍ୱିକ (ପବିତ୍ର), ରାଜସିକ (ଉତ୍ତେଜନାକାରୀ) ଏବଂ ତାମସିକ (ବିକୃତ)। ଏଠାରେ ବିରୁଦ୍ଧ ଆହାର ବିଷୟରେ ମଧ୍ୟ ଉଲ୍ଲେଖ ଅଛି, ଯେପରିକି ଫଳ ଓ କ୍ଷୀର, ମାଂସ ଓ ଦହି ଏକାସାଥିରେ ଖାଇବା ମନା। ପ୍ରଭାତ ଭୋଜନ ସାଧାରଣତଃ ହାଲୁକା ଏବଂ ମିଷ୍ଟାନ୍ନ ଧରଣର, ଫଳ, କ୍ଷୀର ଓ ଅନ୍ନ ଆଧାରିତ ଥିଲା। ମଧ୍ୟାହ୍ନ ଭୋଜନ ସବୁଠାରୁ ଭାରି, ଯାହା ଅଗ୍ନି ତତ୍ତ୍ୱ (ପିତ୍ତ) ଶରୀରରେ ଅଧିକ ଥିବା ସମୟରେ ଗ୍ରହଣ କରାଯାଉଥିଲା। ସନ୍ଧ୍ୟା ଭୋଜନ ସବୁଠାରୁ ହାଲୁକା ଏବଂ ବିଶେଷତଃ ସୂର୍ଯ୍ୟାସ୍ତ ପୂର୍ବରୁ ସେବନ କରାଯାଉଥିଲା। ଏହି ନିୟମଗୁଡ଼ିକ କେବଳ ଆନୁଷ୍ଠାନିକ ନଥିଲା, ବରଂ ଆୟୁର୍ବେଦ ଓ ପୃଥିବୀର ଗତିବିଧିକୁ ଧ୍ୟାନରେ ରଖି ନିର୍ଦ୍ଧାରଣ କରାଯାଇଥିଲା। ଋତୁ ଅନୁସାରେ ଖାଦ୍ୟ ଯଥା– ଗ୍ରୀଷ୍ମରେ କଞ୍ଚା ଆମ୍ବ, ଶୀତରେ ତିଳ, ବସନ୍ତରେ ନିମ୍ବ ସବୁ ଶରୀରକୁ ରୋଗମୁକ୍ତ ଓ ସନ୍ତୁଳିତ ରଖିବା ପାଇଁ ଚୟନ କରାଯାଉଥିଲା। ସ୍ୱାମୀ ବିବେକାନନ୍ଦ କହିଥିଲେ, ଆପଣ ଯାହା ଖାଆନ୍ତି, ଆପଣ ସେହିଭଳି ହୋଇଯାନ୍ତି। ଆହାର ଆମର ମନ ଉପରେ ପ୍ରଭାବ ପକାଇଥାଏ। ଏହି କଥା ଅନେକ ସାଧୁସନ୍ଥଙ୍କ ଦ୍ୱାରା କୁହାଯାଇଥିଲେ ମଧ୍ୟ ବର୍ତ୍ତମାନ ବିଜ୍ଞାନ ଏହି ତଥ୍ୟକୁ ପ୍ରମାଣିତ କରିଛି। ଦୁଇଟି ନୋବେଲ ପୁରସ୍କାର ବିଜେତା ଲିନସ ପଲିଂ କହିଥିଲେ, ପ୍ରତ୍ୟେକ ରୋଗ, ପ୍ରତ୍ୟେକ ଅସୁସ୍ଥତା ଓ ଦୁର୍ବଳତାର ମୂଳ କାରଣ ହେଉଛି ଆହାରରେ ଖଣିଜ ତତ୍ତ୍ୱର ଅଭାବ। ଏହା ସ୍ପଷ୍ଟ କରିଦିଏ ଯେ, ଆମ ଖାଦ୍ୟପାତ୍ରରେ ଥିବା ଖାଦ୍ୟପଦାର୍ଥ ବଞ୍ଚିବା ଏବଂ ସୁସ୍ଥ ରହିବାର ମୂଳ ଆଧାର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ସମ୍ପ୍ରତି ଯେତେବେଳେ ପୃଥିବୀର ଅନ୍ୟୂନ ୧୬ କୋଟି ଲୋକ ଅସୁରକ୍ଷିତ ଖାଦ୍ୟ ଖାଇ ଦୈନିକ ରୋଗଗ୍ରସ୍ତ ହେଉଛନ୍ତି, ସେତେବେଳେ ସୁରକ୍ଷିତ ଖାଦ୍ୟ ଆହାର ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି।

ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ ବହୁବିଧ। ଏହା କେବଳ ପରିଷ୍କାର ପରିଚ୍ଛନ୍ନ ଭାବେ ପନିପରିବା ସଫାସଫି ବା ସୁରକ୍ଷିତ ଭାବେ ରୋଷେଇ କରିବାକୁ ବୁଝେଇ ନଥାଏ, ବରଂ ସୂକ୍ଷ୍ମ–ଜୀବବିଜ୍ଞାନ ସମ୍ବନ୍ଧୀୟ ମାନକ, ରାସାୟନିକ ବିଶ୍ଳେଷଣ ଓ ଅବଶେଷ ତଥା ସ୍ୱାସ୍ଥ୍ୟକର ଅଭ୍ୟାସ ଏବଂ ପାଚନ ସମ୍ବନ୍ଧୀୟ ଆଇନ ପାଳନ ସହ ଜଡ଼ିତ। ଅସୁରକ୍ଷିତ ଖାଦ୍ୟରେ ବ୍ୟାକ୍ଟେରିଆ, ପାରାସାଇଟ, ଭାଇରସ ଏବଂ ବିଷାକ୍ତ ରସାୟନ ଥାଏ। ଏହି ଖାଦ୍ୟ ଖାଇବା ଦ୍ୱାରା ମଣିଷକୁ ଡାଇରିଆରୁ ଆରମ୍ଭ କରି କ୍ୟାନସର ପର୍ଯ୍ୟନ୍ତ ଅନେକ



ପ୍ରକାରର ରୋଗ ହୋଇଥାଏ। ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ଏକ ଅଧ୍ୟୟନରୁ ଜଣାପଡ଼େ ଯେ ଭାରତରେ ବିକ୍ରି ହେଉଥିବା ପ୍ୟାକେଟ ଖାଦ୍ୟରେ ୬୦% ଅଧିକ ସୋଡ଼ିୟମ, ସୁଗାର ବା ଫ୍ୟାଟ ରହିଥାଏ। ଏହାର ଦୀର୍ଘକାଳୀନ କୁପରିଣାମ ହେଉଛି ରକ୍ତଚାପ, ହୃଦ୍‌ରୋଗ ଓ ଯକୃତ୍ ଅସୁସ୍ଥତା। ଏହା ସହିତ ରାସ୍ତାକଡର ଖାଦ୍ୟ (ଷ୍ଟ୍ରିଟ୍ ଫୁଡ୍), ପୋଡ଼ାତେଲ ଓ ବାସି ଭୋଜନ ଉପରେ ନିର୍ଭରଶୀଳ ଲୋକମାନେ ଅଧିକ ସଂଖ୍ୟାରେ ଗ୍ୟାସ ତଥା ପାକସ୍ଥଳୀ ଓ ଅନ୍ତନଳୀ ରୋଗର ଶିକାର ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ପ୍ରତିବର୍ଷ ଭାରତରେ ଏକ ଲକ୍ଷରୁ ଅଧିକ ମୃତ୍ୟୁ ଖାଦ୍ୟ ସଂକ୍ରମଣ ହେତୁ ହୋଇଥାଏ। ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଭିତରୁ ଅନେକେ ଖାଦ୍ୟ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ପ୍ରତିବର୍ଷ ଭାରତରେ ପ୍ରାୟ ୮୦,୦୦୦ ଶିଶୁ କେବଳ ଡାଇରିଆରେ ମୃତ୍ୟୁବରଣ କରନ୍ତି। ଗର୍ଭବତୀ ମହିଳାମାନେ କୁପୋଷଣ ଓ ଅନିୟମିତ ଆହାର ଦ୍ୱାରା ରକ୍ତହୀନତର ଶିକାର ହେଉଛନ୍ତି। ତେଣୁ ଖାଦ୍ୟ ସୁରକ୍ଷା କେବଳ ଏକ ଆହାର ଶୃଙ୍ଖଳା ନୁହେଁ, ଏହା ଏକ ମାନବିକ ଅଧିକାର।

ଭାରତରେ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚାଟ୍, ଗୁପ୍‌ଚୁପ୍, ଦହିବରା, ଚାଓମିନ ଓ ଅନ୍ୟାନ୍ୟ ଖାଦ୍ୟପଦାର୍ଥ ସାଧାରଣତଃ ଖୋଲା ଆକାଶ ତଳେ ଏବଂ ଧୂଳିଧୂସର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ହୁଏ। ଏହି ଖାଦ୍ୟଗୁଡ଼ିକ ଏପରି ଅସ୍ୱଚ୍ଛ ପରିବେଶରେ ରହିଥିବାରୁ ବିଭିନ୍ନ ବ୍ୟାକ୍ଟେରିଆ ଓ ଭାଇରସର ଆଶ୍ରୟସ୍ଥଳ ହୋଇଥାଏ, ଯାହା ଲୋକଙ୍କୁ ଗୁରୁତର ରୋଗରେ ପ୍ରଭାବିତ କରିପାରେ। ଭାରତର ଖାଦ୍ୟ ସୁରକ୍ଷା ଓ ମାନକ ସଂସ୍ଥାର ୨୦୨୩ ରିପୋର୍ଟ ଅନୁସାରେ, ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କ ମଧ୍ୟରୁ ପ୍ରାୟ ୬୦% ବିକ୍ରେତା ହାତ ଧୋଇ ଖାଦ୍ୟ ପ୍ରସ୍ତୁତ କରନ୍ତିନାହିଁ, ଯାହାଫଳରେ ଖାଦ୍ୟ ପ୍ରଦୂଷିତ ହେବାର ସମ୍ଭାବନା ଅଧିକ ଥାଏ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୨୨ ଅନୁଯାୟୀ ଭାରତରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅନ୍ତ୍ରଜ୍ୱର ଆକ୍ରାନ୍ତ ଶିଶୁମାନଙ୍କ ମଧ୍ୟରୁ ୨୮% କ୍ଷେତ୍ରରେ ରୋଗର କାରଣ ଖାଦ୍ୟ ଓ ପାନୀୟ ଦ୍ୱାରା ହୋଇଥିବା ଦେଖାଯାଇଛି। ଏହାଛଡା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ୨୦୨୩ ଅନୁଯାୟୀ, ଭାରତରେ ପ୍ରତିବର୍ଷ ୧.୫ କୋଟି ଲୋକ ଖାଦ୍ୟଜନିତ ରୋଗରେ ପୀଡ଼ିତ ହୁଅନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୨୦୨୩ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ, ଆନୁମାନିକ ୪୦% ବିକ୍ରେତାଙ୍କ ପାଖରେ ଖାଦ୍ୟ ସ୍ୱଚ୍ଛତା ଓ ପରିଶୁଦ୍ଧତା ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ନାହିଁ।

ଅସୁରକ୍ଷିତ ଖାଦ୍ୟରୁ ସୁରକ୍ଷିତ ଖାଦ୍ୟକୁ ଯାତ୍ରା କେବଳ ପ୍ରଯୁକ୍ତିଗତ ଉନ୍ନତି ନୁହେଁ, ବରଂ ଆମର ସାଂସ୍କୃତିକ ଓ ପାରମ୍ପରିକ ମୂଳପିଣ୍ଡକୁ ଫେରି ଋତୁକାଳୀନ ଓ ଭରପୂର ପୋଷଣ ଯୁକ୍ତ ଖାଦ୍ୟର ମୂଲ୍ୟ ବୁଝିବା ଓ ଆମେ ଯାହା ଖାଉଛୁ ତା'ର ଉତ୍ତରଦାୟୀ ଦାୟିତ୍ୱ ଗ୍ରହଣ କରିବା। ଭାରତୀୟ ଚିକିତ୍ସା ବିଜ୍ଞାନର ଜନକ ଆଚାର୍ଯ୍ୟ ଚରକ ଦୁଇ ହଜାର ବର୍ଷ ପୂର୍ବେ କହିଥିଲେ, ଯିଏ ଉଚିତ ସମୟରେ ଉଚିତ ଭାବରେ ଉତ୍ତମ ଖାଦ୍ୟ ଖାଏ, ସେ ଚିକିତ୍ସକ ଆବଶ୍ୟକ କରେନାହିଁ। ଏହି କଥାର ମହତ୍ତ୍ୱ ଆଜି ବି ପ୍ରାସଙ୍ଗିକ । ଆମେ ଯେଉଁ ଖାଦ୍ୟ ଆମ ଥାଳିରେ ରଖୁଛୁ, ସେଥିରୁ ନା କେବଳ ଆମର ସ୍ୱାସ୍ଥ୍ୟ ନିର୍ଣ୍ଣୟ ହୁଏ, ବରଂ ଆମର ଅର୍ଥନୈତିକ ବ୍ୟବସ୍ଥା, ଆଗାମୀ ପିଢ଼ି ଓ ଜାତିର ସ୍ଥିରତା ମଧ୍ୟ ନିର୍ଣ୍ଣୟ ହୁଏ। ଆସନ୍ତୁ ଆମେ ଏକ ଗମ୍ଭୀର ସଂକଳ୍ପ ନେବା, ବୁଝି ବିଚାରି ଖାଇବା, ସୁରକ୍ଷିତ ଭାବରେ ବଞ୍ଚିବା ଏବଂ ଖାଦ୍ୟ, ବିଜ୍ଞାନ ଓ ଆତ୍ମା ମଧ୍ୟରେ ଥିବା ପବିତ୍ର ବନ୍ଧନକୁ ସମ୍ମାନ ଦେବା। କାରଣ ଯେଉଁଠାରେ ଖାଦ୍ୟ ଶୁଦ୍ଧ, ସେଠି ଚିନ୍ତା ପବିତ୍ର ଏବଂ ଜୀବନ ସୁସ୍ଥ ଓ ସୁରକ୍ଷିତ।

ମୋ : ୯୪୩୭୦୨୨୬୬୯

## ଏଇ ଭାରତରେ

ବଡ଼ ଧୁମ୍‌ଧାମରେ ବାହାଘର ହେଲା, କିନ୍ତୁ ସେଠାରେ ବର୍ଜ୍ୟ ନ ଥିଲା। ଏଭଳି ଏକ ବାହାଘର ହୋଇଛି ଚେନ୍ନାଇରେ। ଉମା ରାମ ତାଙ୍କ ବାହାଘରରେ ବ୍ୟବହୃତ ଫୁଲ ଏବଂ ଭୋଜିରେ ଖାଇବା ପାଇଁ ବ୍ୟବହାର କରାଯାଇଥିବା କଦଳୀପତ୍ର ବର୍ଜ୍ୟକୁ ବାହାଘର ପରେ ଖତ ପ୍ରସ୍ତୁତ କରାଯାଉଥିବା କେନ୍ଦ୍ରକୁ ପଠାଇଦେଇଥିଲେ। ସେ ତାଙ୍କ ନିମନ୍ତ୍ରଣ ପତ୍ର ରିସାଇକ୍ଲିଂ ହୋଇଥିବା କାଗଜରେ ତିଆରି କରିବା ସହ ସେଥିରେ ଗଛ ମଞ୍ଜି ରଖାଯାଇଥିଲା। ଏମିତିକି ନିମନ୍ତ୍ରଣ ପତ୍ରକୁ ମାଟିରେ ପକାଇଲେ ଗଛ ହୋଇପାରିବ। ଉମା ୫ ବର୍ଷ ପୂର୍ବର ତାଙ୍କ ଆଇମା'ଙ୍କ ଶାଢ଼ି ମଧ୍ୟ ପିନ୍ଧିଥିଲେ। ବିବାହ କରିବା ଲାଗି ବର୍ଜ୍ୟ ପରିଚାଳନ କରୁଥିବା 'କନେକ୍ଟ ଟୁ ଭୂମି' ସଂସ୍ଥାର ସହଯୋଗ ନେଇଥିଲେ ଉମା। ଭାରତରେ ଗୋଟିଏ ବାହାଘରରେ ପ୍ରାୟ ୫୦୦ କେଜି ବର୍ଜ୍ୟ ବାହାରୁଛି। ୩.୭ ଲକ୍ଷ କୋଟି ଟଙ୍କାର ଭାରତର ବିବାହ ଶିଳ୍ପରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଓ ଖାଦ୍ୟ ବର୍ଜ୍ୟ ଅଧିକ ବାହାରୁଛି। ଦେଖିବାକୁ ଗଲେ ପ୍ରତ୍ୟେକ ଉତ୍ସବରେ ପାଖାପାଖି ୪୦ ପ୍ରତିଶତ ଖାଦ୍ୟ ମଧ୍ୟ ନଷ୍ଟ ହେଉଛି। ଏଭଳି ସ୍ଥିତିରେ ଚେନ୍ନାଇର ଡିଜିଟାଲ ଫ୍ରିଲାନ୍ସର ଉମାଙ୍କ ବିବାହ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୭୬

- ରେଲ୍‌ୱେର ପ୍ରାୟ ୨ ଲକ୍ଷ କର୍ମଚାରୀଙ୍କୁ ତାଙ୍କ ଦୈନନ୍ଦିନ କାର୍ଯ୍ୟ ହିନ୍ଦୀ ଭାଷାରେ ସମ୍ପାଦନ କରିବା ଲାଗି ତାଲିମ ଦେବା ନିମନ୍ତେ ଏକ ପାଞ୍ଚବର୍ଷିଆ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।
- ଯୁକ୍ତରାଷ୍ଟ୍ର ଆମେରିକାର ଏକ ସହରରେ ନବନିର୍ମିତ ଗୋଟିଏ ବନ୍ଧ ଭୁଶୁଡ଼ି ପଡ଼ିବା ଫଳରେ ୧୫ ଫୁଟ ଉଚ୍ଚର ପାଣି ସହର ଭିତରକୁ ମାଡ଼ି ଆସିବା ସହ ୩୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୃହଶୂନ୍ୟ।

## ଚିରନ୍ତନୀ

ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ–ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ ଏ ମଳିର ଅଙ୍ଗେ
କଣ୍ଠ ସ୍ୱର ଉଠେ ମୋର।
–(ପୁରୀ–ମନ୍ଦିର)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 4 | |
| | | | 6 | 5 | | 7 | 1 | |
| 9 | 2 | | | 1 | | 3 | | |
| | | 6 | | | | | | 1 |
| | 8 | | 9 | | | | | 4 |
| | 4 | | | | 3 | 9 | | |
| | | 7 | | 3 | 5 | | | |
| | | | 4 | | | | | |
| | | | | 9 | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 9 | 5 | 2 | 8 | 1 | 4 |
| 2 | 5 | 8 | 1 | 3 | 4 | 9 | 6 | 7 |
| 1 | 9 | 4 | 8 | 6 | 7 | 5 | 3 | 2 |
| 5 | 3 | 2 | 4 | 7 | 9 | 6 | 8 | 1 |
| 8 | 4 | 9 | 6 | 1 | 5 | 2 | 7 | 3 |
| 7 | 1 | 6 | 2 | 8 | 3 | 4 | 9 | 5 |
| 9 | 8 | 7 | 5 | 2 | 1 | 3 | 4 | 6 |
| 3 | 6 | 5 | 7 | 4 | 8 | 1 | 2 | 9 |
| 4 | 2 | 1 | 3 | 9 | 6 | 7 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଟିଆ ସମସ୍ୟା ଛୋଟିଆ ନୁହେଁ

ମହାଶୟ,

ଓଡ଼ିଶା ସୀମାକୁ ଲାଗିଥିବା କୋଟିଆ ଅଞ୍ଚଳକୁ ନିଜର ବୋଲି ଆନ୍ଧ୍ର ସରକାର ଦୀର୍ଘ ଦିନ ହେଲା ଦାବି କରିଆସୁଛି। ତେଲୁଗୁ ଭାଷାରେ ସେହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଆନ୍ଧ୍ର ସମ୍ପର୍କିତ ନାମଫଳକ ସବୁ ଲଗାଇବା ସହିତ ସେଠାରେ ଏକ ପଞ୍ଚାୟତ ଅଫିସ୍ ଖୋଲି ସାରିଲାଣି। ସ୍ଥାନୀୟ ଓଡ଼ିଆପ୍ରେମୀ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ଏହାକୁ ଆନ୍ଧ୍ର ସରକାର ଆଦୌ ଖାତିର କରୁନାହାନ୍ତି। ଆନ୍ଧ୍ର ଯେଭଳି ଭାବେ ଦାବି କରୁଛି ଓଡ଼ିଶା ସରକାର ଠିକ୍ ଭାବେ ମୁକାବିଲା କରିପାରୁନାହାନ୍ତି। ଆନ୍ଧ୍ରପ୍ରଦେଶ ସରକାର ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାର ଅର୍ଥ ପ୍ରଲୋଭନ ଦେଖାଇ ନିଜ ଆଡ଼କୁ ଟାଣୁଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ଓଡ଼ିଆ ଏହାକୁ ମଧ୍ୟ ସମର୍ଥନ କରୁଛନ୍ତି। ଏହାର ଯଥାର୍ଥ ସମାଧାନ ଯଦି ନ ହୁଏ, ଭବିଷ୍ୟତରେ ଏହା ଉଗ୍ରରୂପ ଧାରଣ କରିବ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଦୁର୍ଗା ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଜ୍‌ବେକିସ୍ତାନ, ଜୋର୍ଡାନକୁ ପ୍ରଥମଥର ଯୋଗ୍ୟତା

## ଫିଫା ବିଶ୍ୱକପ୍-୨୦୨୬

**ସିଓଲ, ୬।୬(ଏପି)**

ଫିଫା ପୁରୁଷ ଫୁଟ୍‌ବଲ ବିଶ୍ୱକପ୍-୨୦୨୬ ପାଇଁ ଏସିଆ ମହାଦେଶରୁ ପ୍ରଥମଥର ଉଜ୍‌ବେକିସ୍ତାନ ଓ ଜୋର୍ଡାନ ଯୋଗ୍ୟତା ହାସଲ କରିଥିବା ବେଳେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। ଆବୁଧାବିଠାରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ବିପକ୍ଷ ମ୍ୟାଚ୍ ଗୋଲ୍‌ଶୂନ୍ୟ ଡ୍ର ରଖିବା ପରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଗ୍ରୁପ୍ 'ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଉଜବେକିସ୍ତାନ ଏହି ସଫଳତା ହାସଲ କରିଛି। ଗ୍ରୁପ୍ 'ବି'ରେ ଦକ୍ଷିଣ କୋରିଆ ବିଶ୍ୱକପ୍‌ରେ ଏହାର ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଜୋର୍ଡାନ ୩-୦ ଗୋଲ୍‌ରେ ଓମାନକୁ ପରାସ୍ତ କରି ଗ୍ରୁପ୍‌ରେ ପ୍ରଥମ ଦୁଇ ଦଳ ମଧ୍ୟରେ ସ୍ଥାନ ପାଇ ଯୋଗ୍ୟତା ହାସଲ କରିଛି। ସୂଚନାଯୋଗ୍ୟ, ଫିଫା ବିଶ୍ୱକପ୍-୨୦୨୬ର ମିଳିତ ଆୟୋଜକ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। ଏହି ୩ଟି ଦେଶ ଆୟୋଜକ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଅନ୍ୟ ୪୩ଟି ଦଳକୁ ଏଥିପାଇଁ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ୟୁରୋପ ମହାଦେଶ ପାଇଁ ୧୬ଟି ସ୍ଥାନ ରହିଛି। ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଥିବା ଦେଶଗୁଡ଼ିକର ନାମ ନିମ୍ନରେ ପ୍ରଦାନ କରାଗଲା। **ଆୟୋଜକ ଦେଶ:** ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। **ଏସିଆ:** ଜାପାନ (ମାର୍ଚ୍ଚ୨୦ରେ ଯୋଗ୍ୟତା ଅର୍ଜନ), ଇରାନ (ମାର୍ଚ୍ଚ ୨୫), ଜୋର୍ଡାନ (ଜୁନ୍ ୫), ଦକ୍ଷିଣ କୋରିଆ (ଜୁନ୍ ୫) ଓ ଉଜ୍‌ବେକିସ୍ତାନ(ଜୁନ୍ ୫)। **ଓସେନିଆ:** ନ୍ୟୁଜିଲାଣ୍ଡ(ମାର୍ଚ୍ଚ ୨୪)। **ଦକ୍ଷିଣ ଆମେରିକା:** ଆର୍ଜେଣ୍ଟିନା (ମାର୍ଚ୍ଚ ୨୫)।

# ରାଜ୍ୟ ଓପନ ଚେସ୍: ଅବିନାଶ ଚାମ୍ପିୟନ

**ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ଲଡ୍ଡୁ କିଶୋର ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଜଟଣୀର ଅବିନାଶ ବଲିୟାରସିଂ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୬ ଖେଳାଳି ୪ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଟାଇବ୍ରେକ୍‌ରେ ଅବିନାଶ ଆଗରେ ରହିଛନ୍ତି। ଅନ୍ୟ ୫ ଖେଳାଳି ହେଲେ ରବୀନ୍ଦ୍ର କୁମାର ଓଝା, ମହେଶ ପ୍ରସାଦ ସେଠୀ, ଲରେନ୍ସ ପ୍ରଧାନ, ସ୍ଥିତପ୍ରଜ୍ଞ ସାହୁ ଓ ଇହାନ ଚୌଧୁରୀ। ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଓ ପ୍ରଦୀପ ପାତ୍ର (୬୨ ବର୍ଷ) ଶ୍ରେଷ୍ଠ ଭେଟେରାନ୍ ଖେଳାଳି ବିବେଚିତ ହୋଇଛନ୍ତି। ରାଜ୍ୟ ଗୋଇନ୍ଦା ବିଭାଗ ଡିଏସ୍‌ପି ପ୍ରିୟଦର୍ଶୀ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଇଆଇଏଫ୍‌ଏଲ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ, ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

## ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍

**ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)**

ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂକୁ ୧୬୮ ରନ୍‌ରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଶନିବାର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାଇଜିଂ ଷ୍ଟୁଡେଣ୍ଟ ୪୦ ଓଭରରେ ୬ ଉଇକେଟ ହରାଇ ୩୨୭ ରନ୍‌ର ବୃହତ୍ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ(୧୦୪ ରନ୍) ଶତକ ହାସଲ କରିଥିବାବେଳେ ଅମିନ ଖାଁ ୭୪ ଓ ବିକ୍ରମ ସାମଲ ୫୩* ରନ୍ ସ୍କୋର କରିଥିଲେ। ବିପକ୍ଷ ଦଳର ଶେଖର ମାଝି ଓ ବାଦଲ ବିଶ୍ୱାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୨୮ ରନ୍ ବିଜୟ ଲକ୍ଷ୍ୟରେ ୟୁନିୟନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ରାଜୀବ ସାହୁ ସର୍ବାଧିକ ୫୧ ରନ୍ କରିଥିଲେ। ରାଇଜିଂ ବୋଲରଙ୍କ ମଧ୍ୟରେ ଅମିନ ଖାଁ ୩ଟି ଏବଂ ଅଭିଷେକ ଯାଦବ ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅମିନ ଖାଁ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# କରାଟେ ଅଫିସିଆଲଙ୍କ କର୍ମଶାଳା

**ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ଅଫିସିଆଲମାନଙ୍କର ଏକ ୨ଦିନିଆ କର୍ମଶାଳା ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୪୦ ଅଫିସିଆଲ ଏହି କର୍ମଶାଳାରେ ଯୋଗଦେଇଥିଲେ। ଚଳିତ ମାସ ୧୧ରୁ ୧୫ ପର୍ଯ୍ୟନ୍ତ ଡେରାଡୁନ୍‌ରେ ହେବାକୁଥିବା ଜାତୀୟ ସବ୍‌ଜୁନିୟର, ଜୁନିୟର ଓ କ୍ୟାଡେଟ୍ କରାଟେ ପ୍ରତିଯୋଗିତା ନିମନ୍ତେ ଗତ ୧୮ ତାରିଖରୁ ଚାଲିଥିବା ପ୍ରଶିକ୍ଷଣ ଶିବିର ଅବସରରେ ଏହି ଅଫିସିଆଲ ଟ୍ରେନିଂ ଅନୁଷ୍ଠିତ ହୋଇଛି। ରାଜ୍ୟର ଅଫିସିଆଲମାନେ ଉତ୍କୃଷ୍ଟ ଟ୍ରେନିଂ ପାଇଲେ ଉନ୍ନତମାନର ଖେଳାଳି ସୃଷ୍ଟି ହୋଇପାରିବେ। ଟ୍ରେନିଂ ଦ୍ୱାରା କରାଟେକାଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିପାରିବ। ଏହି ଉଦ୍ଦେଶ୍ୟ ନେଇ ଓଡ଼ିଶା ସଂଘ ନିୟମିତ ଭାବେ ପ୍ରଶିକ୍ଷଣ ଶିବିର, ଅଫିସିଆଲ ଟ୍ରେନିଂ, ବେଲ୍ଟ ଗ୍ରେଡିଂ ଓ ପ୍ରତିଯୋଗିତାମାନ ଆୟୋଜନ କରିଆସୁଛି। ଅଫିସିଆଲ କର୍ମଶାଳାରେ ଦୀପକ ସାମନ୍ତରା, ଖାରବେଳ ମଲିକ, ରମେଶ ଚନ୍ଦ୍ର ସାହୁ, ଆଶିଷ ରଞ୍ଜନ ମହନ୍ତ, ମନ୍ଟୁ ଯୋଶୀ, ଭବାନୀ ଶଙ୍କର ପଣ୍ଡା, କ୍ରୀଷ୍ଣା ଶିକାରୀ, ଗୋପାଳ ଦୀପ, ଗୋପାଳ ଚନ୍ଦ୍ର ଦାସ, ଶୁଭାଶିଷ ମହାପାତ୍ର, ଅରବିନ୍ଦ ବାରିକ, ଅରବିନ୍ଦ ପଟ୍ଟନାୟକ, ଉମାକାନ୍ତ ବେହେରା, ଆଶୁତୋଷ ପଟ୍ଟନାୟକ, ସନକ ଦେଓ, ହୃଦୟ ଶବର, ଯୋଗେଶ ବେରିହା, ମହମ୍ମଦ ରେହେମତ, ରଶ୍ମିରଞ୍ଜନ ଦାସ, ଶୁଭଶ୍ରୀ ଲେଙ୍କା, ପର୍ନତାପ ଆଚାର୍ଯ୍ୟ, ପଞ୍ଚାନନ ନାୟକ, ସୁମନ୍ତ କୁମାର ପଣ୍ଡା, ଅନୁପମା ସ୍ୱାଇଁ, ରାଜେଶ ମହାପାତ୍ର, ମହେଶ ଡୋରା, କୃଷ୍ଣଚନ୍ଦ୍ର ନାୟକ, ଅନୁରାଧା ପାତ୍ର, ମୋନାଲି ସାହୁ, ବ୍ରତତି ପତି, ସୁସ୍ମିନ ପାଲ୍‌ଟାସିଂ, ଚନ୍ଦ୍ରଶେଖର ସେଠ୍, ବିଜନ ଦଳବେହେରା, ସନ୍ତୋଷ ମହାରଣା ଓ ଅବିନାଶ ପୁହିର ଅଂଶଗ୍ରହଣ କରିଥିଲେ।




କର୍ମଶାଳାରେ ଅଂଶଗ୍ରହଣ କରିଥିବା କରାଟେ ଅଫିସିଆଲ ଓ କର୍ମକର୍ତ୍ତା।

# କ୍ରିକେଟ୍‌ରୁ ପୀୟୂଷ ଚାୱଲାଙ୍କ ଅବସର

**ନୂଆଦିଲ୍ଲୀ, ୬।୬ (ପି.ଟି.):** ଭେଟେରାନ ଲେଗ୍ ସ୍ପିନର ପୀୟୂଷ ଚାୱଲା କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଭାରତର ଦୁଇଟି ବିଶ୍ୱକପ୍ ବିଜୟ ଅଭିଯାନରେ ସେ ଦଳର ଅଂଶବିଶେଷ ଥିଲେ। ସେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ରିକେଟ୍ ସହ ସମ୍ପୃକ୍ତ ଥିଲେ। ଏହି ୩୬ ବର୍ଷୀୟ କ୍ରିକେଟର ଇନ୍‌ଷ୍ଟାଗ୍ରାମ୍ ଜରିଆରେ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି। ଚାୱଲା ଯଥାକ୍ରମେ ୨୦୦୭ ଓ ୨୦୧୧ରେ ଭାରତର ଟି୨୦ ଓ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ଜଣେ ସଦସ୍ୟ ଥିଲେ। ସେ ଭାରତ ତରଫରୁ ୩ଟି ଟେଷ୍ଟ, ୨୫ ଅନ୍ତର୍ଜାତୀୟ ଦିନିକିଆ ଓ ୭ ଅନ୍ତର୍ଜାତୀୟ ଟି୨୦ ଖେଳି ତିନୋଟି ଫର୍ମାଟ୍‌ରେ ୪୩ଟି ଉଇକେଟ ଅକ୍ତିଆର କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ରେ ସେ ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳ ତରଫରୁ ଖେଳିଛନ୍ତି। ଜଣେ ଦକ୍ଷ କ୍ରିକେଟର ଭାବେ ଗଢ଼ିତୋଳିବାରେ ବିଶେଷ ଭୂମିକା ପାଇଁ ସେ ତାଙ୍କ କୋଚ୍ କେ.କେ. ଗୌତମ ଓ ସ୍ୱର୍ଗତ ପଙ୍କଜ ସାରଶ୍ୱତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।




# Classified Everyday
0674-2580101, 9692975378

## REAL ESTATE SALE



Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266




Newly open SPA positively health benefits (expert therapist). Contact- 7749034655. D-76919

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

## AFFIDAVIT

ନୋଟାରୀ, କାକଟପୁରଙ୍କ ସମକ୍ଷରେ ତା୦୨।୦୬।୨୦୨୫ରିଖର ସତ୍ୟପାଠ ଅନୁଯାୟୀ, ମୁଁ ଆଦ୍ୟାଶା ପଣ୍ଡା, ସ୍ଥାନ- ମୁଦୁଗଲ, ପୋଷ୍ଟ-ନମାରୋ, ଥାନା- ଅସ୍ତରଙ୍ଗ, ଜିଲ୍ଲା-ପୁରୀ, ପିନ୍- ୭୫୨୧୦୯ ଘୋଷଣା କରୁଅଛି କି, ମୁଁ ମୋର ନାମକୁ ସ୍ମାଇଲ୍ ପଣ୍ଡାରୁ ଆଦ୍ୟାଶା ପଣ୍ଡାକୁ ପରିବର୍ତ୍ତନ କରିଛି। ଏତଦ୍‌ପଶ୍ଚାତ୍ ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ଆଦ୍ୟାଶା ପଣ୍ଡା ନାମରେ ପରିଚିତ ହେବି। ଧ-୮୬୬

By virtue of an affidavit sworn before the Executive Magistrate, Gania, dated 02.06.2025, I, Birakishor Sahoo father of Shishira Kumar Sahoo At/P.O.- Jagannathprasad, P.S.- Gania, Dist.- Nayagarh. Odisha, PIN- 752093 declare that I have changed my son's name from Sisira Sahoo to Shishira Kumar Sahoo. Henceforth, he shall be known as Shishira Kumar Sahoo for all future purpose.
Birakishor Sahoo
D-847

I, Pravajonita Soreng, aged about 35 years, D/o- Thomas, Soreng, resident of Vill- Tunmura (Ottomunda), P.O.- Tunmura, P.S.- Kutra, Dist.- Sundargarh, Odisha do hereby solemnly affirm and declare as under I have Aadhaar Card vide No.- xxxx xxxx 7869 in which my name has been wrongly mentioned as Prabha Soreng. That Pravajonita Soreng and Prabha Soreng denotes to one and same person i.e. myself.
Pravajonita Soreng
D-846

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Angul, dated 15 May 2025, I, Sasmita Sahu, W/o- Dushasana Sahu, R/o Village- Champatimunda, P.S.- Bantala, Dist.- Angul declare that I wish to correction of my name from LIC Policy Rupabati Behera, W/o-Dushasana Sahu, Village- Champatimunda, P.S.- Bantala, Dist.- Angul to Sasmita Sahu, W/o- Dushasana Sahu, R/o Village- Champatimunda, P.S.- Bantala, Dist.- Angul. Both mame is one person. Henceforth, she shall be known as Sasmita Sahu for all purposes. D-844

I, Kokilaben Patel, W/o- Suresh Kumar Patel, resident of Plot No.- 105, Shivansh Complex, Sarala Nagar, P.O.- Budheswari, P.S.- Laxmisagar, Bhubaneswar, Odisha-751006 declare by this affidavit No.- CF-21, dated 03.05.2025 that now onwards I shall be known as KOKILA PATEL for all future purposes. D-75389

By virtue of an affidavit sworn before Executive Magistrate, Bhubaneswar, dated-04.06.2025, I, Janamohan Bastia, resident of Harachandi Sahi, Old Town, Bhubaneswar, Khordha, Odisha, PIN-751002 declare that I have changed my daughter's name from Rojalin Bastia to Puspanjali Bastia. Henceforth, she shall be known as Puspanjali Bastia for all purposes. D-843

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Kabita Agrawal, W/o- Bijay Agrawal resident of Ward No.-5, Masjid Gali, Bargarh, P.O./P.S./Tah/ Dist.- Bargarh, Odisha, PIN-768028 declare by this affidavit No.-692, date- 03.06.2025 that now onwards I shall be known as Kavita Agrawal, W/o- Bijay Kumar Agrawal & mother's of Shreya Varda Agrawal for all future purposes.
Kavita Agrawal
D-851

I, Kabita Agrawal, W/o- Bijay Kumar Agrawal resident of Ward No.-5, Masjid Gali, Bargarh, P.O./P.S./Tah/Dist.- Bargarh,Odisha, PIN- 768028 declare by this affidavit No.-691, dated- 03.06.2025 that now onwards I shall be known as Kavita Agrawal mother's of Gourav Krishna Agrawal for all future purposes.
Kavita Agrawal
D-852

By virtue of an affidavit sworn before 07.05.2025, I, Atul Lenka, At- Badaora, P.O.- Kalapadar, P.S.- Gadisagada, Dist.- Puri, PIN- 752017 declare that I have changed my son's name from Adarsh Lenka to Adarsha Kumar Lenka. Henceforth, he shall be known as Adarsha Kumar Lenka for all purposes.
Atul Lenka
D-849

By virtue of an affidavit sworn before the Executive Magistrate, Nimapara, dated- 05.06.2025, I, Sisir Kumar Barik, Vill- Pataligram, P.O.- Nahantara, P.S.- Nimapara, Dist.- Puri, Odisha declare that I have change my daughter's name from Sai Simran Barik to Simran Barik. Henceforth, she shall be known as Simran Barik for all purposes.
Sisir Kumar Barik
D-842

By virute of an affidavit No.-1513, dated 29.5.2025 sworn before the Executive Magistrate, Balangir, I, Birendra Bagartti, R/o. Village- Uparudar, P.O.-Taliudar, P.S.- Balangir Sadar, Dist.- Balangir, PIN No.- 767065, Odisha declare that I have changed the name of my daughter Sarita Bagartti to Ashrita Bagartti. Henceforth, she shall be known as Ashrita Bagartti for all purpose.
Birendra Bagartti
D-850

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

IN THE COURT OF 1ST. ADDITIONAL SENIOR CIVIL JUDGE, BHUBANESWAR.
I. A. No.- 1/2021
(Arising out of C.S. No.- 2913/2021)
Bijay Krushna Das & another
... Plaintiff/Petitioner.
Versus
Klassitech Infra Properties Pvt. Ltd. & others
...Defendants/Opp.parties.
Notice Under Order-V, Rule-20 of C.P.C.

To
Defendant No.-1/O.P.No. 1- Klassitech Infra Properties Pvt. Ltd. represented through its Managing Director, Narayan Moharana, aged about 38 yrs, S/o- Ganeswar Moharana. Defendant No. 2/O.P.No. 2- Narayan Moharana, aged about 38 yrs, S/o- Ganeswar Moharana. Both Office at Plot No.-99, Jagamohan Nagar, Jagamara, P.S.- Khandagiri, Dist.-Khordha.

Whereas the above named plaintiff/ petitioner have filed the above interim application against you for temporary injunction, you are hereby summoned to appear in this Court in person or by pleader duly instructed on 26.06.2025 at 10.30 A. M. and file your written statement/ show cause.

Take notice that in default of your appearance on the before mentioned the I.A. will be heard and determined in your absence.

Suit land
Dist.- Khordha, Mouza- Balianta, Khata No.- 450, Plot No.- 1670, Area Ac0.280 decs.

Given under my hand and the seal of this Court this day of 29.04.2025
Sd./- 1st Addl. Senior Civil Judge, Bhubaneswar
D-829

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଜ୍ୟୋତି ଶଙ୍କର ବେହେରା
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ୧୯୯୬ ବ୍ୟାଚ୍
କେଦାର ଗୌରୀ, ଓଲଡ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୧୩.୦୩.୧୯୮୩
ତିରୋଧାନ: ୨୯.୦୫.୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୂହୁର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
-: ଶୋକ ସନ୍ତପ୍ତ :-
ପରିବାରବର୍ଗ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବନ୍ଧୁ ବର୍ଗ
ଧ-୮୪୩

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୭/୨୦୨୫ Bhubaneswar, Saturday, June 7/ 2025

# ଫେରାଇଲେ ପ୍ରକୃତି ବନ୍ଧୁ ପୁରସ୍କାର, ଟଙ୍କା



ରାଜ୍ୟ ସରକାରଙ୍କ ପୁରସ୍କାର ଫେରାଇ ଦେଉଛନ୍ତି ଅନୁଗୋଳର ପରିବେଶବିତ୍ ସିଦ୍ଧାର୍ଥ ପ୍ରଧାନ।

**ଅନୁଗୋଳ,୬।୬(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ପ୍ରଶାସନ ଓ ଜିଲା ଜଙ୍ଗଲ ବିଭାଗ ଦ୍ୱାରା ଗୁରୁବାର ଆୟୋଜିତ ବିଶ୍ୱ ପରିବେଶ ଦିବସ ସମାରୋହରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରକୃତି ବନ୍ଧୁ ପୁରସ୍କାର ସହ ୧୦ ହଜାର ଟଙ୍କା ଓ ବୁଦ୍ଧ ମୂର୍ତ୍ତି ଫେରାଇ ଦେଇଛନ୍ତି ଅନୁଗୋଳର ପରିବେଶବିତ୍ ସିଦ୍ଧାର୍ଥ ପ୍ରଧାନ। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଆୟୋଜିତ ପରିବେଶ ସମାବେଶରେ ଯୋଗଦେବାକୁ

### ମେଧା ପାଟ୍କରଙ୍କ ସମର୍ଥନରେ ବାହାରିଲେ ପରିବେଶବିତ୍

ଯାଉଥିବା ବିଶିଷ୍ଟ ପରିବେଶବିତ୍ ମେଧା ପାଟ୍କରଙ୍କୁ ପୋଲିସ ରାୟଗଡ଼ା ରେଳଷ୍ଟେଶନରେ ଅଟକ ରଖିବା ଓ ପରେ ଗାଡ଼ିରେ ନେଇ ବ୍ରହ୍ମପୁରରେ ଛାଡ଼ିଦେବା ଘଟଣାର ପ୍ରତିବାଦ କରି ସରକାରଙ୍କ ପୁରସ୍କାର ଫେରାଇ ଦେଇଥିବା ଉକ୍ତ କାର୍ଯ୍ୟକ୍ରମରେ ପରିବେଶବିତ୍ ସିଦ୍ଧାର୍ଥ ଘୋଷଣା କରିଥିଲେ। ଏଥିସହ କମ୍ପାନୀ ସ୍ୱାର୍ଥରେ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ନଷ୍ଟ ହେବାକୁ ନ ଦେବା ପାଇଁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ।

# ପ୍ରମୋଦଙ୍କୁ ମିଳିଲା ପ୍ରକୃତି ମିତ୍ର ପୁରସ୍କାର




**ବଅଁରପାଳ,୬।୬ (ସୁବାସ ସାହୁ)**

ପରିବେଶ ସୁରକ୍ଷା ତଥା ଜଙ୍ଗଲ ସଂରକ୍ଷଣ ସହିତ ଜନ ସଚେତନତା ସୃଷ୍ଟି କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଅଁରପାଳ ବ୍ଲକ କୁକୁଡ଼ାଙ୍ଗ ନାରାୟଣ ସେବାଶ୍ରମ (ମୁକ୍ତି ମାର୍ଗ)ର ପ୍ରତିଷ୍ଠାତା ପ୍ରମୋଦ କୁମାର ସାହୁଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ସମ୍ମାନଜନକ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବିଭାଗୀୟ ସଚିବ ସୁରେଶ ପନ୍ତ ଉପସ୍ଥିତ ଥିବାବେଳେ ମନ୍ତ୍ରୀ ଖୁଣ୍ଟିଆଙ୍କ ଠାରୁ ପ୍ରମୋଦ ଏହି ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ପବିତ୍ରନଗର,୬।୬(ନିରୋଜ ପ୍ରଧାନ)**



ଅନୁଗୋଳ ଜିଲା କଣିହାଁ ବ୍ଲକ କଣିହାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଳୁ ଚରଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଖାଦ୍ୟ ଷ୍ଟଲଗୁଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇ ଖାଦ୍ୟ ଷ୍ଟଲ ଖୋଲିଥିଲେ। ଏବିଇଓ ସୁଜନ ସାହୁ, ଏବିଇଓ ସନ୍ତୋଷ ପ୍ରଧାନ, କଣିହାଁ ମେଡିକାଲ ପିଏଚ୍‌ଇଓ ମଞ୍ଜିତ ସାହୁ ଖାଦ୍ୟର ମୂଲ୍ୟାୟନ କରିଥିଲେ। କମରେଇର ମା'ସରସ୍ୱତୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପ୍ରଥମ, ବିଜିଗୋଳର ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହ ଜିଲାସ୍ତରକୁ ମନୋନୀତ ହୋଇଥିଲା। ମିଶନ ଶକ୍ତି ବିପିସି ସତ୍ୟବ୍ରତ ଦାସ ଓ ବିପିଏମ୍ ପ୍ରମୋଦ ବେହେରା ସଂଯୋଜନା କରିଥିବା ବେଳେ ସମସ୍ତ ଆଇସିଡିଏସ୍ ଷ୍ଟାଫ, ମିଶନ ଶକ୍ତି, ଏମ୍‌ବିକେ, ବ୍ଲକ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ପରକୀୟା ପ୍ରୀତି: ଯୁବକଙ୍କୁ ବାନ୍ଧି ମାଡ଼



**ପାଲଲହଡ଼ା,୬।୬ (ଦିବ୍ୟଜ୍ୟୋତି ଦାଶ)**

ପରକୀୟା ପ୍ରୀତି ଧରାପଡ଼ିଯିବା ପରେ ଯୁବକଙ୍କୁ ବାନ୍ଧି ନିସ୍ତୁକ ମାଡ଼ ମରାଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅଞ୍ଚଳରେ ଗୁରୁବାର ରାତିରେ ଘଟିଥିବା ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏ ନେଇ ମାଡ଼ ଖାଇଥିବା ଯୁବକ ଓ ମାଡ଼ ମାରିଥିବା ବ୍ୟକ୍ତିମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଖମାର ଥାନା ଅଞ୍ଚଳର ସମ୍ପୃକ୍ତ ଯୁବକ ଅନ୍ୟ ଏକ ଗ୍ରାମର ଜନୈକା ମହିଳାଙ୍କ ଘରେ ରାତିରେ ପଶିଥିବା ବେଳେ ସେହି ଗାଁର କେତେଜଣ ବ୍ୟକ୍ତି ଏକାଠି ହୋଇ ସମ୍ପୃକ୍ତ ଯୁବକଙ୍କୁ ଏକ ଦଉଡ଼ିରେ ବାନ୍ଧି ମାଡ଼ ମାରିଥିଲେ। ଖମାର ପୋଲିସ ନଂ. ୨୪୯/୨୫ ଏବଂ ୨୫୦/୨୫ରେ ମାମଲା ରୁଜୁ କରି ୪ଜଣଙ୍କୁ ଥାନାକୁ ଆଣିବା ପରେ ଧାରା ୪୧ରେ ଛାଡ଼ି ଦେଇଥିବା ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଛେଣ୍ଡିପଦା ବିଡିଓଙ୍କୁ ଘେରିଲେ ସରପଞ୍ଚ


ବିଡିଓଙ୍କୁ ଘେରାଉ କରିଛନ୍ତି ବିଭିନ୍ନ ପଞ୍ଚାୟତର ସରପଞ୍ଚ।

**ଛେଣ୍ଡିପଦା,୬।୬(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଚଳିତବର୍ଷ ଅନ୍ତ୍ୟୋଦୟ ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ବିଭିନ୍ନ ପଞ୍ଚାୟତର ସରପଞ୍ଚ ବିଡିଓ ଅରବିନ୍ଦ ବେହେରାଙ୍କୁ ଘେରାଉ କରିଥିଲେ। ସରପଞ୍ଚମାନେ ଅଭିଯୋଗ କରିଛନ୍ତି, ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ସରପଞ୍ଚଙ୍କୁ ଅଣଦେଖା କରାଯିବା ସହିତ ସରକାରୀ ନିର୍ଦ୍ଦେଶନାମାରୁ ଅଧିକ ଅନ୍ତ୍ୟୋଦୟ ଗୃହ ନିର୍ମାଣ ପ୍ରଦାନ କରାଯାଉଛି। ଏ ନେଇ ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ନେତୃତ୍ୱରେ ସରପଞ୍ଚମାନେ ବିଡିଓଙ୍କୁ ଘେରିବା ସହିତ ଏହାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ୫ ଦିନ ଭିତରେ ତଦନ୍ତ କରାଯାଇ ହିତାଧିକାରୀ ଚୟନ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସରପଞ୍ଚମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ନିଶା ସରପଞ୍ଚ ରାମଚନ୍ଦ୍ର ବେହେରା, ଟାଙ୍ଗିରି ସରପଞ୍ଚ ଅମରେଶ ନାଥ, କମ୍ପସଲା ସରପଞ୍ଚ ବାବୁଲି ପ୍ରଧାନ, ପରା ସରପଞ୍ଚ ଲିଲି ସାହୁ, ଟି. କୋଡାସାହି ସରପଞ୍ଚ ପ୍ରିୟଙ୍କା ସାହୁ, କଣଲୋଇ ସରପଞ୍ଚ ଜନ୍ମେଜୟ ମାଝୀଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ।

# ଘରୁ ନାଗ ସାପ ଉଦ୍ଧାର

**ବଇଣ୍ଡା, ୬।୬ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମର ସଞ୍ଜୀବ ସାହୁଙ୍କ ରୋଷେଇ ଘରୁ ଶୁକ୍ରବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ସାପଟି ସଞ୍ଜୀବଙ୍କ ଘରକୁ ପଶୁଥିବା ଦେଖିବା ପରେ ପରିବାର ଲୋକେ ତାକୁ ବାହାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସାପଟି ଫ୍ରିଜ ଭିତରେ ପଶି ଯାଇଥିଲା। ଖବରପାଇ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ପୋଲିସ ଭୟ ଦେଖାଇ ଚାନ୍ଦା ଆଦାୟ

**ବଇଣ୍ଡା, ୬।୬ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନାର ପାଇକସାହି, ଟାପଢ଼ୋଲ, ଖମାର ଅଞ୍ଚଳରେ ସକ୍ରିୟ ଥିବା କେତେଜଣ ଚୋରା ଗୋରୁ ଓ ମଦ ବ୍ୟବସାୟୀଙ୍କୁ ପୋଲିସ ଭୟ ଦେଖାଇ ଜଣେ ଯୁବକ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ପାଇକସାହି ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଏସ୍‌ପିଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ କହିଛନ୍ତି, ଟାପଢ଼ୋଲ ଫାଣ୍ଡି ଅଞ୍ଚଳରେ କିଛି ମାସ ହେବ ଚୋରା ଗୋରୁ ଓ ମଦ କାରବାର ହେଉଛି। ଏହା ଉପରେ ଲଗାମ ଲଗାଇବାରେ ପୋଲିସ ବିଫଳ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଜଣେ ଯୁବକ

### ଏସ୍‌ପିଙ୍କ ଠାରେ ଅଭିଯୋଗ କଲେ ଅଞ୍ଚଳବାସୀ

ପୋଲିସ ଭୟ ଦେଖାଇ ଉକ୍ତ ଚୋରା ମଦ ଓ ଗୋରୁ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କ ଅର୍ଥ ଆଦାୟ କରୁଛନ୍ତି। ଏଥିରେ କେତେଜଣ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଠାକୁରଗଡ଼ ଥାନାକୁ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡ଼ିଆ କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯିବ। ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକ



**ଭୁବନ, ୬।୬ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ କାମାକ୍ଷାନଗରର ପୂର୍ବତନ ବିଧାୟକ ପ୍ରସନ୍ନ ପଟନାୟକଙ୍କ ବିୟୋଗରେ ଶୋକ ପାଳନ କରାଯାଇଛି। ବରିଷ୍ଠ ନାଗରିକ ସଙ୍ଘର ସଭାପତି ଶ୍ରୀଧର ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମାଧାନନ୍ଦ ସାହୁ, ଉପସଭାପତି ବେଣୁଧର ଗୁରୁ, କୋଷାଧ୍ୟକ୍ଷ ବିଦ୍ୟାଧର ବିହାରୀ, ବରିଷ୍ଠ କର୍ମକର୍ତ୍ତା ନନ୍ଦକିଶୋର ସାହୁ, ଶିବପ୍ରସାଦ ମିଶ୍ର, ପ୍ରଭାତ କନର, ମାଗିରାମ ସାହୁ, ଗଦାଧର ଦାସ, ନାରାୟଣ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପୂର୍ବତନ ବିଧାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ଶେଷରେ ପ୍ରକାଶ କନର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭୁବନ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ସ୍ମୃତି ଦିବସ ପାଳନ କରାଯାଇଥିଲା। ସେଥିରେ ଢେଙ୍କାନାଳ ଜିଲାର ବରିଷ୍ଠ ରାଜନୀତିଜ୍ଞ, ସାମାଜିକ କର୍ମୀ ଓ ଯୁବପିଢ଼ି ଉପସ୍ଥିତ ରହି ପୂର୍ବତନ ବିଧାୟକଙ୍କ ରାଜନୈତିକ କାର୍ଯ୍ୟକଳାପ ସହିତ ଅଞ୍ଚଳର ବିକାଶରେ ତାଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ।

# ଏଡିଇଓଙ୍କୁ ବଦଳି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ବଇଣ୍ଡା,୬।୬ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଆମ୍ବପାଳ ଓ ବାମୁର ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏଡିଇଓ ନଚିକେତା ପ୍ରଧାନ ଠିକ୍ ଭାବେ ପଞ୍ଚାୟତକୁ ଆସୁ ନ ଥିବାରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର ଗୁରୁବାର କିଶୋରନଗର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ଶୁକ୍ରବାର ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏଡିଇଓଙ୍କ ବଦଳି ଦାବି କରିଛନ୍ତି। ଚିଠିରେ ସରପଞ୍ଚ ପ୍ରଧାନ ଉଲ୍ଲେଖ କରିଛନ୍ତି, ସମ୍ପୃକ୍ତ ଏଡିଇଓ ବିଭିନ୍ନ ଆଳ ଦେଖାଇ ପଞ୍ଚାୟତକୁ ଆସୁନାହାନ୍ତି। ତାଙ୍କ ଅନୁପସ୍ଥିତି ଯୋଗୁ ପଞ୍ଚାୟତର କୌଣସି କାର୍ଯ୍ୟ ଠିକ ଭାବରେ ହୋଇପାରୁ ନାହିଁ। ବ୍ଲକ ପ୍ରଶାସନ ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଏ ନେଇ ସେ ପୂର୍ବରୁ ବିଡିଓ ଏବଂ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତୁରନ୍ତ ଏଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ବାମୁର ସରପଞ୍ଚ ଦାବି କରିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ଶବ ବ୍ୟବଚ୍ଛେଦ ଗୃହ



**ପରଜଙ୍ଗ, ୬।୬ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସଦରମହକୁମାରେ ଥିବା ଏକମାତ୍ର ଶବ ବ୍ୟବଚ୍ଛେଦ ଗୃହ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଗୃହ ଚତୁପାର୍ଶ୍ୱ ଲଟା ବୁଦାରେ ପୁରିରହିଛି। ଫଳରେ ବ୍ୟବଚ୍ଛେଦ ସମୟରେ ବିଭିନ୍ନ ସରିସୃପ ଭୟ ରହିଛି। ବେଳେବେଳେ ପରିତ୍ୟକ୍ତ ଗୃହ ଯୋଗୁଁ ବାହାରେ ମଧ୍ୟ ଶବ ବ୍ୟବଚ୍ଛେଦ କରିବାକୁ ପଡୁଛି। ଏହି ଏକମାତ୍ର ଶବ ବ୍ୟବଚ୍ଛେଦ ଗୃହ ଉପରେ ପରଜଙ୍ଗ ଥାନା, ସରାଙ୍ଗ ଫାଣ୍ଡି, ଦଦରା ଘଟି ଫାଣ୍ଡି, ସାଆନ୍ଦା ଫାଣ୍ଡି, ମହାବିରୋଡ଼ ଥାନା ନିର୍ଭର କରେ। ଏହି ଥାନା ଫାଣ୍ଡି ଅଧୀନରେ ଯେତେବେଳେ କୌଣସି କାରଣବଶତଃ ମୃତଦେହ ବ୍ୟବଚ୍ଛେଦ କରିବାକୁ ପଡ଼େ ଏହି ଗୃହ ଉପରେ ନିର୍ଭର କରିବାକୁ ପଡ଼େ। ତେବେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁଁ ଦୀର୍ଘ ସମୟ ଧରି ମଧ୍ୟ ମୃତକଙ୍କ ସମ୍ପର୍କୀୟଙ୍କୁ ଅପେକ୍ଷା କରିବାକୁ ପଡ଼େ। ଉକ୍ତ ଗୃହଟି ରେଙ୍ଗାଳି ମୁଖ୍ୟ ବାମ କେନାଲରୁ ବାହାରିଥିବା ପରଜଙ୍ଗ ଶାଖା କେନାଲ ରାସ୍ତା ପାର୍ଶ୍ୱରେ ଅବସ୍ଥାପିତ। ଏଥିସହ ପରଜଙ୍ଗ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟଠାରୁ ମୁଣ୍ଡେଇଲୋ ଗ୍ରାମ ପଞ୍ଚାୟତ ନାଉପାଳ କାଟେଣି ଗ୍ରାମକୁ ଯାଇଥିବା ରାସ୍ତା ମଝିରେ ପଡ଼େ। ଫଳରେ ଉକ୍ତ ରାସ୍ତାରେ ଦିନରେ ମଧ୍ୟ ଲୋକମାନେ ଯିବାଆସିବା କରିବାକୁ କୁଣ୍ଠାବୋଧ କରୁଛନ୍ତି। ତେଣୁ ତୁରନ୍ତ ଉକ୍ତ ଗୃହ ଚତୁପାର୍ଶ୍ୱ ସଫା କରିବା, ଗୃହ ମରାମତି କରିବା, ଉକ୍ତ ଅଞ୍ଚଳ ରାସ୍ତାରେ ସୋଲାର ଲାଇଟ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ପରଜଙ୍ଗ କାର୍ଯ୍ୟରତ ଖବରଦାତା ସଙ୍ଘ ମଧ୍ୟ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ନୀଳମଣି ଦିଲୀପଚାନ୍ଦ ବେହେରା କହିଛନ୍ତି ଏଥିପ୍ରତି ଖୁବଶୀଘ୍ର ଦୃଷ୍ଟି ଦିଆଯିବ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଜୁନ୍ ୭/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 7/2025 Page 16 ₹ 7.00 | DHENKANAL

www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada

୫୧ଶ ଭାଗ ୧୯୨ ସଂଖ୍ୟା VOLUME 51 ISSUE 192 ମୂଲ୍ୟ ₹୭/-




ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ରେଲୱେ ବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ନିକଟରେ ଅଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ।

**ଆଜିର ସମ୍ପାଦକୀୟ**

**ପୁନଶ୍ଚ ଜାଲିଆତି**




# ଚେନାବ ରେଳ ବ୍ରିଜ୍ ଲୋକାର୍ପିତ

ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା ଭାବେ ଚେନାବ ନଦୀ ଉପରେ ନିର୍ମିତ ଆର୍ଚ୍ଚ ରେଳ ବ୍ରିଜ୍ । ଫ୍ରାନ୍ସର ଆଇଫେଲ୍ ଟାୱାରଠାରୁ ଉଚ୍ଚ ୩୫୯ ମିଟର ଉପରେ ଭାରତୀୟ ରେଳପଥ ଦ୍ୱାରା କରାଯାଇଥିବା ଏହି ବ୍ରିଜ୍ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ବ୍ରିଜ୍ ଭାବେ ପରିଗଣିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିବା ପରେ ଜମ୍ମୁ–କଶ୍ମୀର ସହ ଜାତୀୟ ରେଳ ନେଟ୍‌ୱର୍କ ସମ୍ପୂର୍ଣ୍ଣ ସ୍ଥାପନ ସମ୍ଭବ ହୋଇପାରିଛି। ଏଥିସହିତ କଶ୍ମୀରରୁ କନ୍ୟାକୁମାରୀକୁ ଯୋଡ଼ିବାରେ ଚେନାବ ଓ ଅଞ୍ଜି ବ୍ରିଜ୍ ଯାନ୍ତ୍ରିକ କୌଶଳର ନୂଆ ଇତିହାସ ରଚିଛି।

**ରିଆସି,୬।୬**

ଜମ୍ମୁ–କଶ୍ମୀରର ରିଆସି ଜିଲାରେ ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ରେଲୱେ ବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଫଳରେ ଦେଶର ଅନ୍ୟ ଭାଗ ସହ ଏହି ପାର୍ବତ୍ୟାଞ୍ଚଳକୁ ରେଳ ନେଟ୍‌ୱର୍କରେ ସଂଯୋଗ କରିବା ପାଇଁ ରହିଥିବା ଶତାଧିକ ବର୍ଷର ସ୍ୱପ୍ନ ସାକାର ହୋଇଛି। କଶ୍ମୀରକୁ ଟ୍ରେନ୍ ଚଳାଚଳ ଭାରତର ଇଞ୍ଜିନିୟରିଂ ଏବଂ ଯୋଗାଯୋଗରେ ଏକ ଐତିହାସିକ ସଫଳତା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ☞ପୃଷ୍ଠା–୪










# ନିଶାର କୁପରିଣାମ ବିଷୟରେ ଅବଗତ କରାଯିବା ଜରୁରୀ


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

**ବଅଁରପାଳ,୬।୬ (ସୁବାସ ସାହୁ)**

ମଦ ଓ ମାଦକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବାକୁ ଜନସାଧାରଣଙ୍କୁ ସଚେତନ କରାଯିବା ନିମନ୍ତେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ସଚେତନତା କରାଯାଇଛି। ସଚେତନତା କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଲୋଚନ ଦାସ, ଏବିଡିଓ ମାଧବ ଚନ୍ଦ୍ର ପାଣିଗ୍ରାହୀ, ସିଡିପିଓ ଲିଲି ଦାସ, ଅବକାରୀ ବିଭାଗର ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ଅନୁଷ୍ଠାନ ସମେତ ବହୁ ସାମାଜିକ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ବିଡିଓ କହିଥିଲେ, ଗତ ମେ ୩୧ ବିଶ୍ୱ ତମାଖୁ ବର୍ଜନ ଦିବସ ଠାରୁ ଏପରି ସଚେତନତା କାର୍ଯ୍ୟକ୍ରମ ଜିଲାରେ ଆରମ୍ଭ ହୋଇ ଆନ୍ତର୍ଜାତିକ ନିଶା ସେବନ ଓ ବେଆଇନ କାରବାର ନିରୋଧ ଦିବସ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଅବଗତ କରାଯିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ଜନସଚେତନତା ନିହାତି ଜରୁରୀ। ସିଡିପିଓ ଦାସ କହିଥିଲେ, ଛାତ୍ରଛାତ୍ରୀ ଏବଂ ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ। ତେଣୁ ସେମାନଙ୍କୁ ନିଶାଠାରୁ ଦୂରେଇ ରଖିବାକୁ ହେଲେ ମା'ମାନଙ୍କୁ ଗୁରୁ ଦାୟିତ୍ୱ ତୁଲାଇବାକୁ ପଡ଼ିବ।

# ଫେରାର ଗଞ୍ଜେଇ ବ୍ୟବସାୟୀ ଗିରଫ

**ବଇଣ୍ଡା, ୬।୬ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ପୋଲିସ ଶୁକ୍ରବାର ସଞ୍ଚାମୁରା ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଗଞ୍ଜେଇ ବ୍ୟବସାୟୀ



ଲିକୁନ ରାଉଳଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୨୨ ମସିହାର ଗଞ୍ଜେଇ ବ୍ୟବସାୟ ନେଇ ଏକ ମାମଲା ଥିବାବେଳେ ସେ ଦୀର୍ଘ ୩ ବର୍ଷ ହେବ ଫେରାର ଥିଲେ। ସେ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ସେବେଠାରୁ ଲିକୁନ ଫେରାର ଥିଲେ। ସେ ଘରେ ଥିବା କିଶୋରନଗର ଆଇଆଇସି ବିଭୂତି ପ୍ରଧାନ ଖବରପାଇ ଚଢ଼ାଉ କରି ଗିରଫ କରିବା ପରେ କୋର୍ଟଚାଲାଣ କରିଥିବା ଅନୁଗୋଳ ଏସ୍‌ପି ସୂଚନା ଦେଇଛନ୍ତି।

# ସନ୍ତରଣ ପ୍ରତିଯୋଗିତାରେ ୮୪ ପ୍ରତିଯୋଗୀ

**ଅନୁଗୋଳ,୬।୬(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ କମ୍ପ୍ଲେକ୍ସରେ ଶୁକ୍ରବାର ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଜିଲାର ସୁଇମିଂ କ୍ରୀଡ଼ା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ଓ ସମ୍ଭାବନା ଉଦ୍ଭାସିତ ହେଉଥିବା ପ୍ରକାଶ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ପ୍ରତିଯୋଗିତା ସଞ୍ଚାଳନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୮୪ ଜଣ ଖେଳାଳି ଭାଗ ନେଇଥିଲେ। ଫ୍ରି ଷ୍ଟାଇଲ, କିକ୍ ବୋର୍ଡ, ବ୍ୟାକ୍ ଷ୍ଟ୍ରୋକ ଆଦି ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାକୁ ଖେଳାଳିଙ୍କ ବୟସ ଅନୁଯାୟୀ ଜୁନିୟର, ସବଜୁନିୟର ଓ ସିନିୟର ବର୍ଗରେ ବିଭକ୍ତ କରାଯାଇଥିଲା। ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ। ମ୍ୟାନେଜର ପ୍ରକୃତି ମହାନ୍ତି , ସିନିୟର କୋଚ ଅଞ୍ଜୁ ପରିଡ଼ା, ଜୁନିୟର କୋଚ ଶିବ ସୌରଭ ମହାର, ଅସିଷ୍ଟାଣ୍ଟ ମ୍ୟାନେଜର ଓମ୍ ପ୍ରକାଶ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ଜଣେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।


# ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା

**ପାଲଲହଡ଼ା,୬।୬ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଚାଷୀମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସରପଞ୍ଚ ରମେଶ ପ୍ରଧାନ ମଞ୍ଚାସୀନ ଥିବାବେଳେ, ବ୍ଲକ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରଭାତୀ ବେହେରା, ତାଳଚେର କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ତୀର୍ଜକ କୁମାର ସାମନ୍ତ ଯୋଗଦେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ଯୋଜନାର ସଫଳ ରୂପାୟନ କରି ଚାଷୀମାନେ କେମିତି ନିଜର ଉନ୍ନତି କରିପାରିବେ ସେ ସମ୍ପର୍କରେ ମତ ପ୍ରଦାନ କରିଥିଲେ।


କର୍ମଶାଳାରେ ଉପସ୍ଥିତ ଚାଷୀମାନେ।

# ପ୍ଲାଷ୍ଟିକ୍, ପଲିଥିନର ବହୁଳ ବ୍ୟବହାର ରୋକାଯାଉ



**ବନ୍ତଲା,୬।୬ (ସୁଶିତ ସାହୁ)**

ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯିବା ଅବସରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଅନୁଗୋଳ ଜିଲାର ଅନେକ ଅଞ୍ଚଳରେ ଏହି ସଚେତନତାର ବାର୍ତ୍ତା ପହଞ୍ଚିପାରୁନାହିଁ। କାରଣ ଜିଲାର ବିଭିନ୍ନ ଅଞ୍ଚଳରେ ଲୋକେ ପ୍ଲାଷ୍ଟିକ୍, ପଲିଥିନର ବହୁଳ ବ୍ୟବହାର କରୁଥିବାବେଳେ ଚାଷରେ ସାର, କୀଟନାଶକ, କେମିକାଲ, ହରମୋନର ମାତ୍ରା ବଢ଼ିବଢ଼ି ଚାଲିଛି। ଏଥିସହ ଚାରା ରୋପଣକୁ ବ୍ୟାପକ କରାଯାଉ ନ ଥିବାବେଳେ ଖଣିଖାଦାନ ପାଇଁ ଗଛକଟା ପ୍ରଦୂଷଣ ସମସ୍ୟାକୁ ବଢ଼ାଇ ଦେଉଛି। ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଜିଲାରେ ମାରାତ୍ମକ କ୍ୟାନସର, କିଡ୍‌ନୀ ଫେଲ୍, ବିଭିନ୍ନ ଚର୍ମରୋଗୀଙ୍କ ସଂଖ୍ୟା ବଢ଼ୁଛି। ଏଥିସହ ଅନ୍ୟାନ୍ୟ ରୋଗରେ ମଧ୍ୟ ଅଧିକରୁ ଅଧିକ ଲୋକ ଆକ୍ରାନ୍ତ ହେଉଛନ୍ତି। ବଜାରରେ ମିଳୁଥିବା ପନିପରିବାରେ ମାତ୍ରାଧିକ ସାର, ଔଷଧ ଓ ହରମୋନ ଦିଆଯାଉଥିବା ବେଳେ ଫଳ ଜାତୀୟ ଖାଦ୍ୟରେ ମଧ୍ୟ ଅଧିକ କେମିକାଲ ସ୍ପ୍ରେ ସହ କାରବାଇଡ ବ୍ୟବହାର ଜୀବନପ୍ରତି ବିପଦ ସୃଷ୍ଟି କରୁଛି। ଜିଲାରେ ପ୍ରବାହିତ ନଦୀ, ନାଳ ପାଣି ପ୍ରଦୂଷିତ ହୋଇଚାଲିଛି। ଅନୁଗୋଳରେ ଦିନକୁ ୩୫ ଟନ୍ କଠିନ ବର୍ଜ୍ୟବସ୍ତୁ ବାହାରୁଥିଲା ବେଳେ ଏଥିରୁ ଅଧାରୁ ଅଧିକ ହେଉଛି ପ୍ଲାଷ୍ଟିକ। ସହରର ଅଧିକାଂଶ ଦୋକାନୀ ନିଷିଦ୍ଧ ପଲିଥିନ ବ୍ୟାଗ ବ୍ୟବହାର କରୁଛନ୍ତି। କିଛି ହୋଲସେଲର ଚତୁରତାର ସହ ପୌରାଞ୍ଚଳ ବାହାରେ ଗୋଦାମ କରି ସହର ଭିତରେ ଓ ଗ୍ରାମାଞ୍ଚଳକୁ ପଲିଥିନ ପଠାଇ ବ୍ୟବସାୟ କରିବା ସହ ପୌରପାଳିକା ଚଢ଼ାଉରୁ ବର୍ତ୍ତି ଯାଉଛନ୍ତି। ଯଦି ଏବେଠାରୁ ସତର୍କ ଦୃଷ୍ଟି ଦିଆ ନ ଯାଏ ଏହା ଆଗାମୀ ଦିନରେ ଲୋକଙ୍କୁ ଅଧିକ ରୋଗଗ୍ରସ୍ତ କରିଦେବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

# ନାଲ୍‌କୋ ଯାଦବ ସମାଜ ତରଫରୁ ବିଦାୟ ସମ୍ବର୍ଦ୍ଧନା


ଅବସରପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ବଅଁରପାଳ,୬।୬ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋରେ ଦୀର୍ଘ ୨୮ବର୍ଷ ଧରି କାର୍ଯ୍ୟ କରି ଅବସର ନେଇଥିବା ଅନ୍ତର୍ଯ୍ୟାମୀ ସେନାପତିଙ୍କୁ ନାଲ୍‌କୋ ଯାଦବ ସମାଜ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଭରତ ରାଉତ ଏବଂ ସମ୍ପାଦକ ପ୍ରକାଶ ବେହେରା ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ସେନାପତି ବର୍ତ୍ତମାନ ନାଲ୍‌କୋ ଯାଦବ ସମାଜ ଉପସଭାପତି ଭାବେ କାର୍ଯ୍ୟଭାର ତୁଲାଉଛନ୍ତି। ଏହି କାର୍ଯ୍ୟକ୍ରମରେ ସମାଜର କୃଷ୍ଣଚନ୍ଦ୍ର ଗଉଡ଼, ରଞ୍ଜନ ବେହେରା, ସୁମନ୍ତ ସାହୁ, ବିଭୂତି ବେହେରା, ସୁଶାନ୍ତ ରାଉତ, ବିଭୁଦତ୍ତ ଦାସ, ସୁଦର୍ଶନ ରାଉତ ଏବଂ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ।

# ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ

**ପବିତ୍ରନଗର,୬।୬(ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ଦଣ୍ଡସିଂହା ଗ୍ରାମର ଗମ୍ଭାରୀଡିହ ଠାରେ ଥିବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ଗୁରୁବାର ଚାରା ରୋପଣ କରାଯାଇଛି। ବାବା ବାଲୁଙ୍କେଶ୍ୱର ମନ୍ଦିର କମିଟି ଆନୁକୂଲ୍ୟରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ଅଧିକରୁ ଅଧିକ ଚାରା ରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, କମରେଇ ସରପଞ୍ଚ ସୁବାସିନୀ ବେହେରା, ୯ନଂ ଜୋନ୍ ବିଜେଡି କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ, ଜଳଧର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଚାରା ରୋପଣ କରିଥିଲେ।


ମନ୍ଦିର ପ୍ରାଙ୍ଗଣରେ ତାଳଚେର ବିଧାୟକ ଚାରା ରୋପଣ କରୁଛନ୍ତି।

# ସମ୍ବିଧାନ ବଞ୍ଚାଅ, ପରିବେଶ ବଞ୍ଚାଅ ପଦଯାତ୍ରା

**ତାଳଚେର,୬।୬(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ସମ୍ବିଧାନ ବଞ୍ଚାଅ, ପରିବେଶ ବଞ୍ଚାଅ ପଦଯାତ୍ରା ସଭା ବରିଷ୍ଠ ନେତା ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ରାଜ୍ୟ ଆଇଏନ୍‌ଟିୟୁସି ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ବହୁ ପୂର୍ବତନ ମନ୍ତ୍ରୀ, ବିଧାୟକ, ବରିଷ୍ଠ ନେତ୍ରୀ ସସ୍ମିତା ବେହେରା, ଜିଲା ସଭାପତି ଅମ୍ବିକା ଭଞ୍ଜ, ରାଜ୍ୟ ଛାତ୍ର ସଭାପତି, ରାଜ୍ୟ ସେବାଦଳ ସଭାପତି, ଯୁବ, ଛାତ୍ର, ମହିଳା, ଜିଲା ସଭାପତି, ବହୁ କର୍ମୀ ଯୋଗ ଦେଇଥିଲେ। ଖଣି ଖାଦାନଭରା ତାଳଚେରରେ ଦିନକୁ ଦିନ ପ୍ରଦୂଷଣର ମାତ୍ରା ବଢୁଥିବା ବେଳେ ଏଠାକାର ଲୋକଙ୍କ ପାଇଁ ସରକାର କୌଣସି ବ୍ୟବସ୍ଥା ଗ୍ରହଣ କରୁ ନ ଥିବା ପିସିସି ସଭାପତି ଭକ୍ତ ଦାସ ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ଜମିହରାଙ୍କ ସମସ୍ୟାର ସମାଧାନ ଓ ପ୍ରଦୂଷଣକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ପିସିସି ସଭାପତି ଚେତାବନୀ ଦେଇଥିଲେ।


କାର୍ଯ୍ୟକ୍ରମରେ ପିସିସି ସଭାପତିଙ୍କ ସମେତ ଅନ୍ୟମାନେ।

# ବିଶ୍ୱ ପରିବେଶ ଦିବସ ପାଳିତ

**ଛେଣ୍ଡିପଦା,୬।୬ (ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳ ଜେରେଙ୍ଗ ବୁଢ଼ୀ ପାହାଡ଼ ବନ ସଂରକ୍ଷଣ ସମିତି ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସମିତି ସଭାପତି ବୃଷ ବାହନ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ଏହି ଅବସରରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳାକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଲମ୍ବୋଦର ସାହୁ , ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜୀବନାନନ୍ଦ ସାହୁ, ଫରେଷ୍ଟର ବସନ୍ତ କୁମାର ଗଡ଼ନାୟକ, ପୂର୍ବତନ ସରପଞ୍ଚ ଉମାଶଙ୍କର ମାଝୀ, ବିଳାସିନୀ ସାହୁ, ବରିଷ୍ଠ ନେତା ତ୍ରିନାଥ ସାହୁ, ଆମ ଜଙ୍ଗଲ ଯୋଜନା ପ୍ରୋଜେକ୍ଟ ଟିମ୍ ଲିଡର ଜଗନ୍ନାଥ ରେଙ୍ଗୀ, ଅଙ୍ଗନୱାଡ଼ି କର୍ମୀ ସୌଭାଗିନୀ ନାଏକ, ମହିଳା ମହାସଂଘ ସଭାନେତ୍ରୀ ସନ୍ଧ୍ୟାରାଣୀ ଗଡ଼ନାୟକ, ସମିତି ଉପସଭାନେତ୍ରୀ ସସ୍ମିତା ସାହୁ, ସମ୍ପାଦକ ଭାବଗ୍ରାହୀ ନାଏକ, କୋଷାଧ୍ୟକ୍ଷ ସଞ୍ଜୟ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜନଶିକ୍ଷଣ ସଂସ୍ଥାନ ଅନୁଗୋଳ ପକ୍ଷରୁ ଆୟୋଜିତ ଧନ୍ଦା ମୂଳକ ତାଲିମ ପାଇଥିବା ବୁଢ଼ୀ ପାହାଡ଼ ବନ ସଂରକ୍ଷଣ ସମିତିର ପ୍ରାୟ ୨୦ ଜଣ ବେକାର ଯୁବତୀ ଏବଂ ମହିଳାଙ୍କୁ ଦକ୍ଷତା ବିକାଶ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିବେଶବିତ୍ ବାଙ୍କନିଧି ଦାସ ମଞ୍ଚ ପରିଚାଳନା କରିଥିଲେ।

# ୩୦ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର



**ଆଠମଲ୍ଲିକ,୬।୬(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳଙ୍କ ଅଧ୍ୟକ୍ଷତାରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିଶେଷ କରି ୨୦୨୫ - ୨୬ ଆର୍ଥିକ ବର୍ଷର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ପଞ୍ଚାୟତର ଅନେକ ପ୍ରକଳ୍ପକୁ ଅନୁମୋଦନ କରାଯାଇଥିବା ବେଳେ କିଛି ନୂଆ ପ୍ରକଳ୍ପର ସୁପାରିଶ କରାଯାଇଥିଲା। ମୁଖ୍ୟତଃ ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ହାରାହାରି ୩୦ଟି ପଞ୍ଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାକୁ ଅନୁମୋଦନ କରାଯାଇଥିଲା। ସରପଞ୍ଚ ସୁଦର୍ଶନ ଗାଇଗାରିଆ, ସିଦ୍ଧାର୍ଥ କ୍ଷେତୀ, କୈଳାଶ ସାହୁ, ଅରୂପା ଚନ୍ଦ, ସୁଧୀର ସେଠୀ, ସମିତି ସଭ୍ୟ ସମୀର ପଣ୍ଡା, ଅଖିଳ ପ୍ରଧାନ, ରମେଶ ପାତ୍ର, ଅନିତା ଦେହୁରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସହକାରୀ ଯନ୍ତ୍ରୀ ରାଜ କିଶୋର ନାୟକ ବୈଠକରେ ଉପସ୍ଥିତ ଥିଲେ।

# ହାତୀ ମୃତ୍ୟୁ ଘଟଣାରେ ଜଣେ ଗିରଫ

**ଛେଣ୍ଡିପଦା,୬।୬ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଡଙ୍ଗାପାଳ ନାଳିଆ ସାହିରେ ସୋଲାର କରେଣ୍ଟ ଲାଗି ଏକ ହାତୀର ମୃତ୍ୟୁ ହେବା ଘଟଣାରେ ଶୁକ୍ରବାର ବନବିଭାଗ ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ୨ ତାରିଖ ରାତି ୮ଟା ବେଳେ ଡଙ୍ଗାପାଳ ଗ୍ରାମ ନାଳିଆ ସାହିରେ ଥିବା ଏକ ଫାର୍ମ ହାଉସର ସୋଲାର କରେଣ୍ଟ ଲାଗି ୨୫ ବର୍ଷର ମାଈ ହାତୀର ମୃତ୍ୟୁ ହୋଇଥିଲା। ଖବରପାଇ ବନବିଭାଗର ବହୁ ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଉକ୍ତ ଫାର୍ମ ହାଉସରେ ଲାଗିଥିବା ସୋଲାର ମେଶିନକୁ ଜବତ କରି ତଦନ୍ତ ଚଳାଇଥିଲେ। ଡଙ୍ଗାପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ବନବିଭାଗ ଗିରଫ କରିଛି। ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସବିଶେଷ ତଥ୍ୟ ଦେବା ପାଇଁ ମନା କରାଯାଇଥିବା ଅନୁଗୋଳ ଡିଏଫଓ ନୀତିଶ କୁମାର ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ପରିସରରେ ଚାରାରୋପଣ




**ବଇଣ୍ଡା, ୬।୬(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ସ୍ୱେଚ୍ଛାସେବୀ ସଙ୍ଗଠନ ଗୋପବନ୍ଧୁ ସେବା ସଙ୍ଗଠନ ଗୌତମପୁର ପକ୍ଷରୁ ସ୍ଥାନୀୟ ଅର୍ଜୁନ ଉଚ୍ଚ ବିଦ୍ୟାଳୟ ଧ୍ରୁବ ବିହାର ବାସୁଦେବପୁରଠାରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଅର୍ଜୁନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦ୍ୱାରିକାନାଥ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଗୋପବନ୍ଧୁ ସେବା ସଙ୍ଗଠନ ସଭାପତି ସଲିନ ମେଣ୍ଡୁଲି, ସନ୍ତୋଷ ମେହେର ପ୍ରମୁଖ ଯୋଗଦେଇ ଚାରାର ଉପଯୋଗିତା ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା । ଶିକ୍ଷକ ସୀତାକାନ୍ତ ପ୍ରସାଦ ହୋତା, ଅଜିତ ସାହୁ, ରାଜେନ୍ଦ୍ର ଦାସ, ଦିଲୀପ କୁମାର ନାୟକ, ଦୀପକ କୁମାର ପ୍ରଧାନ ଓ ଗୋପବନ୍ଧୁ ସଙ୍ଗଠନର ଅଭିରାମ ମେହେର, ଆଶିଷ ଛନ୍ଦ, ବିକ୍ରମ କର୍ଣ୍ଣ, ଝରିଆ ପ୍ରଧାନ ଏବଂ ବାସୁଦେବପୁର ପଞ୍ଚାୟତର ସମସ୍ତ ପ୍ରାଣୀମିତ୍ର, କୃଷିମିତ୍ର, ସିଆର୍‌ପି, ଏମ୍‌ବିକେ ପ୍ରମୁଖ ସହଯୋଗ କରିଥିଲେ।





# ବର୍ଷକରେ ୧୩.୫ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗୃହୀତ

ଭୁବନେଶ୍ୱର,୬।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ 'ସୁଇଚ୍ ଟୁ ଷ୍ଟେନ୍‌ଲେସ୍ କ୍ୟାମ୍ପେନ୍'ର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ବର୍ଷ କମ୍ପାନୀ ତା'ର ବାର୍ଷିକ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କ୍ୟାମ୍ପେନ ସହ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ ଓ ଉତ୍ପାଦନ ସ୍ଥଳ ଓଡ଼ିଶାର ଯାଜପୁର ୟୁନିଟ୍ ଏବଂ ହରିୟାଣାର ହିସାର ୟୁନିଟ୍‌ରେ ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନରେ କମ୍ପାନୀର କର୍ମଚାରୀ ଓ ସ୍ଥାନୀୟ ସମୁଦାୟ ଭାଗ ନେଇଥିଲେ। ଉକ୍ତ କ୍ୟାମ୍ପେନ୍‌କୁ ସ୍ୱଚ୍ଛ ଗ୍ରୀନ୍ ଫାଉଣ୍ଡେସନ ସହଯୋଗ କରିଥିଲା, ଯେଉଁଠାରେ ସ୍ଥାନୀୟ କମ୍ୟୁନିଟିଗୁଡ଼ିକୁ ଏହି ସଂଗ୍ରହ ପଦ୍ଧତି ସେବାରେ ଯୋଗାଇଦେଇଥିଲେ।



ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ମ୍ୟାନେଜିଂ ଡାଇରେକ୍ଟର ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ବାର୍ଷିକ ପ୍ଲାଷ୍ଟିକ ସଂଗ୍ରହ କ୍ୟାମ୍ପେନ୍ ଏକ ଦୃଢ଼ ଓ ଅର୍ଥପୂର୍ଣ୍ଣ ପଦକ୍ଷେପ ଅଟେ। ଭବିଷ୍ୟତ ପାଇଁ ଆଗକୁ ବଢ଼ିବାକୁ ସାହାଯ୍ୟ କରୁଛି। ଏହା ଏକ ଜାତୀୟ ପ୍ରୟାସର ପ୍ରସଙ୍ଗରେ ସଂକୀର୍ଣ୍ଣ ହୋଇଥିଲେ ମଧ୍ୟ ଆମର ଅବଦାନ ପ୍ରତିବର୍ଷ ସ୍ଥିର ଭାବେ ବୃଦ୍ଧି ପାଇଛି। ୨୦୨୩ରେ ୭ଟନ୍‌ରୁ ଆରମ୍ଭ ଏହି ଅଭିଯାନ ଚଳିତ ବର୍ଷ ୧୩.୫ ଟନ୍ ପର୍ଯ୍ୟନ୍ତ ସଂଗୃହୀତ ହୋଇଛି। ଏହା ଆମର ଏହି କାର୍ଯ୍ୟ ପ୍ରତି ନିରନ୍ତର ଭାବେ ଦୃଢ଼ତାକୁ ପ୍ରମାଣିତ କରିଥାଏ। ସ୍ଥିରତା ଆମର ମୂଲ୍ୟରେ ଗଭୀର ଭାବେ ଅନ୍ତର୍ଭୁକ୍ତ ଏବଂ ଆମେ ସେହି ପ୍ରତିଷ୍ଠିତ କାର୍ଯ୍ୟକୁ ସ୍କେଲ୍ କରିବାରେ କେନ୍ଦ୍ରିତ ରହିଛୁ।

ସେହିଭଳି ବର୍ଷକ ମଧ୍ୟରେ କମ୍ପାନୀ ପରିସରରୁ ୧୩.୫ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗୃହୀତ ହୋଇଛି। ଏପରିକି ଏହି କ୍ୟାମ୍ପେନ୍ ଜରିଆରେ କମ୍ପାନୀର ହିସାର ୟୁନିଟ୍‌ରୁ ୩,୭୯୫.୮ କିଲୋଗ୍ରାମ୍ ପ୍ଲାଷ୍ଟିକ ଏବଂ ଯାଜପୁର ୟୁନିଟ୍‌ରୁ ୮,୯୨୬ କିଲୋଗ୍ରାମ୍ ପ୍ଲାଷ୍ଟିକ ଏବଂ ଦିଲ୍ଲୀ-ଏନସିଆର୍ କାର୍ପୋରେଟ୍ କାର୍ଯ୍ୟାଳୟରୁ ୭୬୯.୫୦ କିଲୋଗ୍ରାମ୍ ପ୍ଲାଷ୍ଟିକ ସଂଗ୍ରହ କରାଯାଇଛି। ଏହି ସଂଗ୍ରହ ପ୍ଲାଷ୍ଟିକ୍ ବର୍ଜ୍ୟକୁ ଦାୟିତ୍ୱପୂର୍ଣ୍ଣ ଭାବେ ପୁନର୍ବ୍ୟବହାର କରାଯାଇ ବିଭିନ୍ନ ପ୍ରକାର ସାମଗ୍ରୀ ବେଞ୍ଚ, ଚେୟାର ଏବଂ ଡଷ୍ଟବିନ୍ ଭଳି ଉତ୍ପାଦ ନିର୍ମିତ କରାଯିବ। ସେଗୁଡିକ କମ୍ପାନୀର ପ୍ରତିଷ୍ଠାନ ଓ ସାଧାରଣ ସ୍ଥାନରେ ସ୍ଥାପିତ ହେବାକୁ ସ୍ଥାନୀୟ ପ୍ରାଧିକୃତ ସହିତ ସମନ୍ୱୟ କରାଯିବ। ଏହି ପ୍ରୟାସର ଅଂଶ ସ୍ୱରୂପ, କମ୍ପାନୀ କର୍ମଚାରୀଙ୍କୁ ସେମାନେ ତାଙ୍କର କାମ ଓ ଘରେ କରୁଥିବା ବ୍ୟକ୍ତିଗତ ସ୍ଥିରତା ପ୍ରୟାସଗୁଡ଼ିକୁ ଆନ୍ତରିକ ମାଧ୍ୟମରେ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି। ଏହା ଏକ ସାମ୍ପ୍ରତିକ ଦାୟିତ୍ୱ ସଂସ୍କୃତିକୁ ପ୍ରସାରିତ କରିଥାଏ।

ତାଲିକା ଭାଗରେ ଜିନ୍ଦଲ ଷ୍ଟେନ୍‌ଲେସ ଦୀର୍ଘକାଳୀନ ପରିବେଶୀୟ, ସାମାଜିକ ଏବଂ ପ୍ରଶାସନିକ ଲକ୍ଷ୍ୟଗୁଡ଼ିକୁ ପ୍ରାପ୍ତ କରିବା ପାଇଁ ୨୦୫୦ ପର୍ଯ୍ୟନ୍ତ ନେଟ୍-ଜିରୋ ଇମିସନ୍ ଲକ୍ଷ୍ୟରେ କାମ କରୁଛି। ଗତ ଆର୍ଥିକ ବର୍ଷରେ କମ୍ପାନୀର କର୍ପୋରେଟ୍ କାର୍ବନ୍ ଫୁଟ୍‌ପ୍ରିଣ୍ଟକୁ ୧୫% କମାଇ ଦିଆଯାଇଛି, ଯାହା ଚାଲୁଥିବା ଡିକାର୍ବୋନାଇଜେଶନ୍ ପ୍ରୟାସରେ ପ୍ରତିଷ୍ଠିତ ହୋଇଛି। ସାଧାରଣତଃ କମ୍ପାନୀ ତାଙ୍କର ସବ୍‌ସିଡିଆରି ଜେଏସ୍‌ଏଲ୍/ ଜେଏସ୍‌ଏଲ୍ ସୁପର ଷ୍ଟିଲ୍ ଗୁଜରାଟ ସହିତ ସନ୍‌ସୋର ଏନର୍ଜି ସହିତ ୧୧ଏମ୍‌ଡବ୍ଲ୍ୟୁପି ସୋଲାର ପାୱାର ପ୍ରାପ୍ତ କରିବା ପାଇଁ ପାୱାର ପର୍ଚେଜ୍ ଏଗ୍ରିମେଣ୍ଟ ସାଇନ୍ କରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୬।୬

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସଇ)ର ସେନ୍‌ସେକ୍ସ ୭୪୬.୯୫ ପଏଣ୍ଟ ବୃଦ୍ଧି ଘଟି ୮୨,୧୮୮.୯୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୫୨.୧୫ ପଏଣ୍ଟ ବଢ଼ି ୨୫,୦୦୩.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱରରେ ଘରେ ରହି କାମ କରିବା ପାଇଁ ଝିଅ ପିଲା ଆବଶ୍ୟକ।
(ବ୍ରାହ୍ମଣ ଝିଅ ପିଲାଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବ) ଯୋଗାଯୋଗ-
9776115557

WANTED
Ladies Office Asst.
At near Phulanakhara, Cuttack
Lodging Free / Boarding Free
Salary - 10000/-
Contact : 7809525452

ଆବଶ୍ୟକ
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ। ଆମେ ଦମ୍ପତି କିମ୍ବା ମହିଳାଙ୍କୁ ପସନ୍ଦକରୁ ଯିଏ ଭୁବନେଶ୍ୱରରେ ରହିବାକୁ ଇଚ୍ଛୁକ। ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
ଆମ ସହିତ ଯୋଗାଯୋଗ କରନ୍ତୁ
9132460000/9132933333

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୩୫ ବର୍ଷ। ମାସିକ ଦରମା-ଟ୩୫,୦୦୦ଙ୍କା। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 93252 16207


# ଶ୍ରୀଲେଦର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଉଦ୍‌ଘାଟିତ

ଭୁବନେଶ୍ୱର,୬।୬

ଶ୍ରୀଲେଦର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ନିକଟରେ ଯାଜପୁର ଟାଉନର କୁସୁମାରୋଡ଼୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି।

ଏହି ଅବସରରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଲେଦର୍ସର ଅଂଶୀଦାର ସ୍ୱୟଂ ଦେଙ୍କ ସମେତ ଫ୍ରାଞ୍ଚାଇଜ୍ ଓନର (ମାଲିକ) ଅତିଶ ରାଉତ ଏବଂ ଷ୍ଟର୍ମ କମ୍ୟୁନିକେଶନ୍‌ର ସୌରଭ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି, ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜ୍‌ରେ ବଣ୍ଟନ କରିଥାଉ।



ଶ୍ରୀଲେଦର୍ସର ନୂତନ ଉତ୍ପାଦକୁ କମ୍ପାନୀର ବରିଷ୍ଠ ଅଧିକାରୀ ଉନ୍ମୋଚନ କରୁଛନ୍ତି।

ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହାର 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ବ୍ରାଣ୍ଡର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି।

ସେହିଭଳି ଶ୍ରୀଲେଦର୍ସର ଅଂଶୀଦାର ତଥା ପରିବାରର ଚତୁର୍ଥ ପିଢ଼ି ସ୍ୱୟଂ ଦେ କହିଛନ୍ତି, ବର୍ତ୍ତମାନ ଆମେ କ୍ରୀଡ଼ାଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ। ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ। ଏହି ସମସ୍ତ କ୍ରୀଡ଼ାଭିତ୍ତିକ ଜୋତା, ସ୍ପୋର୍ଟସ ୱେର୍ ଏବଂ ଆକ୍ଟିଭ୍ ୱେର୍ ଏସ୍‌ଏଲ୍ ସ୍ପୋର୍ଟସ ବ୍ରାଣ୍ଡରେ ବିକ୍ରି ହୋଇଥାଏ।

# ମେ'ରେ ୧୪,୨୧୩ ୟୁନିଟ୍ ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର,୬।୬:** ସୋନାଲିକା ଟ୍ରାକ୍ଟର୍ସର ମାସିକ ଗାଡ଼ି ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଚଳିତ ବର୍ଷ ମେ ମାସରେ କମ୍ପାନୀ ମୋଟ ୧୪,୨୧୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରି ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି,ଚଳିତ ବର୍ଷ ମେ ମାସରେ ଆମେ ସର୍ବାଧିକ ୧୪,୨୧୩ ୟୁନିଟ୍ ଟ୍ରାକ୍ଟର ବିକ୍ରିକରି ନୂଆ ରେକର୍ଡ ହାସଲ କରିଥିବାରୁ ଖୁସି ଅନୁଭବ କରୁଛୁ। ଏପରିକି ପ୍ରତ୍ୟେକ ନୂଆ ସଫଳତା ଆମକୁ ଆମର ଉଦ୍ଭାବନ ଶୃଙ୍ଖଳାକୁ ଆଗକୁ ବଢ଼ାଇବା ଏବଂ ବିଶ୍ୱବ୍ୟାପୀ କୃଷକଙ୍କ ପାଇଁ ଉତ୍ପାଦକତା ଓ ସମୃଦ୍ଧତାକୁ ପରିଚାଳନା କରୁଥିବା ପରବର୍ତ୍ତୀ ପିଢ଼ିର ଟେକ୍ନୋଲୋଜି ଆଣିବା ପାଇଁ ପ୍ରୋତ୍ସାହିତ କରୁଛି। ଠିକ୍ ସମୟରେ ମୌସୁମୀର ଆଗମନ ସ୍ୱତନ୍ତ୍ର ଟ୍ରାକ୍ଟରଗୁଡିକ ପାଇଁ ଚାହିଦାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଆମର ପ୍ରତ୍ୟେକ ଉଦ୍ଭାବନକୁ କୃଷକଙ୍କ ଜୀବନରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ନିର୍ମାଣ କରାଯାଉଛି। କମ୍ପାନୀର ଏହି ନୂଆ ସଫଳତା ସୋନାଲିକାର ଗ୍ରାହକ-କେନ୍ଦ୍ରିତ ଆଭିମୁଖ୍ୟ ଓ ଅତ୍ୟାଧୁନିକ ଉଦ୍ଭାବନର ଫଳାଫଳ ଯୋଗୁ ସମ୍ଭବ ହୋଇଛି। ସେହିଭଳି କମ୍ପାନୀର ହେଭି ଡ୍ୟୁଟି ଟ୍ରାକ୍ଟରଗୁଡିକ ଭାରତୀୟ କୃଷିକ୍ଷେତ୍ରର ରୂପାନ୍ତରଣକୁ ଆଗକୁ ବଢାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।


PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Shipping, Govt. of India)
No. AD/RSC-I-21/16/2016(Pt.II)/1157 Dt.30th May,2025
ADVERTISEMENT
Paradip Port Authority intends to engage 01 nos. of Trainee Pilot on contractual basis. For details regarding qualifications, remunerations and further details, please refer to our website : www.paradipport.gov.in
Sr. Asst. Secretary, Paradip Port Authority
PPA/PR/15/2025-2026, Dt.03/06/2025



UTKAL UNIVERSITY
VANI VIHAR, BHUBANESWAR-751004
No.DRS/RUSA-1041-2016 (PDF)/700/2025 Date: 06.06.2025
EXTENSION OF LAST DATE OF SUBMISSION OF APPLICATION FOR RUSA PDF
In reference to the advertisement No.: DRS/RUSA-1041-2016(PDF)/696/2025, Dated: 21.05.2025, the Last Date of application for RUSA PDF is extended to 16.06.2025
Sd/- REGISTRAR



ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୯।୦୬।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୬।୦୬।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।
ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0138/2526


# ଡ୍ରିମ୍‌ସରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୬।୬ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ(ଡ୍ରିମ୍‌ସ)ରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏପରିକି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 'ସ୍କୁଲ ଅଫ୍ ଏଗ୍ରିକଲ୍‌ଚର' ବିଭାଗରେ ଏହି ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ କରିବା ପାଇଁ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ବିଶେଷକରି କଟକର ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ଗ୍ରାମାଞ୍ଚଳ ପରିବେଶରେ ଶିକ୍ଷାନୁଷ୍ଠାନର



ଅବସ୍ଥିତି ଯୋଗୁ ଏହି କୃଷିଭିତ୍ତିକ ପାଠ୍ୟକ୍ରମର ପ୍ରତ୍ୟକ୍ଷ ଜ୍ଞାନ ଆହରଣ ସହିତ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ହୋଇପାରିବ ଏବଂ ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ କୃଷିଭିତ୍ତିକ ଉଚ୍ଚଶିକ୍ଷା ଓ ଡିଗ୍ରୀ ହାସଲ କରିବାର ସୁଯୋଗ ପାଇପାରିବେ। ଏହାଦ୍ୱାରା କୃଷି ଗବେଷଣା କ୍ଷେତ୍ରରେ ମଧ୍ୟ ନୂତନ ସମ୍ଭାବନା ସୃଷ୍ଟିହେବ। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମ ଆଧାରରେ ଏଠାକାର ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଏପରିକି ଛାତ୍ରୀଛାତ୍ରଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଓ ବେସରକାରୀ ଉଦ୍ୟୋଗରେ ନିଯୁକ୍ତିର ସୁଯୋଗ ରହିଛି। ଏଥିସହ ସମ୍ପୃକ୍ତ ଅଞ୍ଚଳର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବିକାଶ ଘଟିବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ। ସେହିଭଳି ଏହି ନୂତନ ପାଠ୍ୟକ୍ରମ ଖୋଲିବାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ କୃଷି ବିଭାଗର ଶାସନ ସଚିବଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କ ସମୟୋଚିତ ପୂର୍ଣ୍ଣ ସଦିଚ୍ଛା ନିମନ୍ତେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ କୃଷି ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଗୌରବ ବୃଦ୍ଧି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।


ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୮୮୨୪୨୮୭୨୬୬, ଇ-ମେଲ: 0815gad@iob.in
ଆର୍କିଟେକ୍ଟ/କନସଲଟିଂ ଇଞ୍ଜିନିୟର୍ସ/କଣ୍ଟ୍ରାକ୍ଟର (ଆଭ୍ୟନ୍ତରୀଣ ଫର୍ଣ୍ଣିସିଂ କାର୍ଯ୍ୟ / ସିଭିଲ/ ଇଲେକ୍ଟ୍ରିକାଲ କାର୍ଯ୍ୟ)ମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ ବିଜ୍ଞପ୍ତି
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ୧) କନସଲଟାଣ୍ଟ (ଆର୍କିଟେକ୍ଟସ୍), ୨) ଆଭ୍ୟନ୍ତରୀଣ ଫର୍ଣ୍ଣିସିଂ କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟର, ୩) ଇଲେକ୍ଟ୍ରିକାଲ କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟରମାନଙ୍କର ତାଲିକାଭୁକ୍ତିକରଣ ପାଇଁ ଖ୍ୟାତି ସମ୍ପନ୍ନ (ପ୍ରତିଷ୍ଠିତ) ଭେଣ୍ଡର/କଣ୍ଟ୍ରାକ୍ଟରମାନଙ୍କ ଠାରୁ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଅଛି। ଆବେଦନକାରୀମାନେ ଟେଣ୍ଡର କାଗଜପତ୍ର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରରୁ ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର ୱେବସାଇଟ: www.iob.in ଅନ୍ତର୍ଗତ Tender page ରୁ ପାଇପାରିବେ। ଆବେଦନ ଫର୍ମ ସଂଗ୍ରହ / ଡାଉନଲୋଡ: ୦୭.୦୬.୨୦୨୫ ତାରିଖରୁ
ପୂରଣ ହୋଇଥିବା ଫର୍ମ ସହିତ ପ୍ରାମାଣିକ କାଗଜପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୦୯.୦୭.୨୦୨୫ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ (ଦରଖାସ୍ତ ଦେୟ ସହିତ)। ଅନ୍ୟାନ୍ୟ ମାନଦଣ୍ଡ / ସର୍ତ୍ତାବଳୀ ଟେଣ୍ଡର କାଗଜପତ୍ରରେ ପ୍ରଦାନ କରାଯାଇଛି। ବ୍ୟାଙ୍କ କୌଣସି କାରଣନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଦରଖାସ୍ତକୁ ଗ୍ରହଣ କିମ୍ବା ବାତିଲ କରିବାର ଅଧିକାର ସଂରକ୍ଷିତ ରଖୁଅଛି। ଚୟନ ନିମନ୍ତେ ବ୍ୟାଙ୍କର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ଅଟେ।
ତାରିଖ:୦୬.୦୬.୨୦୨୫ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ



ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜି/ସିକେପି ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ; ଇଏମ୍‌ଡି; ଖୋଲାଯିବା ତାରିଖ: (୧); ସିକେପି-ସେଣ୍ଟ୍ରାଲ-୨୫-୨୬-୦୬;** ଏଡିଇଏନ୍/ବିଏନ୍‌ଡିଏମ୍ ଅଧୀନରେ ବିଭିନ୍ନ ଷ୍ଟେଶନରେ ଷ୍ଟାଫ୍ କ୍ୱାର୍ଟର ପାଇଁ ଶୌଚାଳୟ, ରୋଷେଇଘର, ମେଜିଆ ଓ ସିୱର ଡ୍ରେନ୍‌ର ନବୀକରଣ। ₹୪,୨୪,୬୪,୧୧୫.୫୧; ₹୩,୬୨,୩୦୦.୦୦; ତା୨୪।୦୬।୨୦୨୫ରିଖ; **(୨); ସିକେପି-ସେଣ୍ଟ୍ରାଲ-୨୫-୨୬-୦୭;** ଟୁନିଆ, ଗୋଇଲକେରା, ମନୋହରପୁର, ଜରାଇକେଲା, ଭାଲୁଲତାଠାରେ ଷ୍ଟାଫ୍ କ୍ୱାର୍ଟର ଏବଂ କଲୋନୀ ରୋଡ୍ ଆପ୍ରୋଚ୍‌ଗୁଡ଼ିକର ନବୀକରଣ। ₹୪,୨୪,୬୪,୧୧୯.୪୪; ₹୩,୬୨,୩୦୦.୦୦; ତା୨୪।୦୬।୨୦୨୫ରିଖ; **(୩); ସିକେପି-ସେଣ୍ଟ୍ରାଲ-୨୫-୨୬-୦୮;** କିମି ୩୧୭/୨-୪ସ୍ଥିତ ଏଲସି ନଂ. ୧୭୩ଠାରେ ଆପ୍ରୋଚ୍/ପାର୍ଶ୍ୱବର୍ତ୍ତୀ ରାସ୍ତା ଉପରେ ଆଚ୍ଛାଦିତ ଶେଡ୍ ଓ ପାଣି ଜମାଟକୁ ଏଡ଼ାଇବା ପାଇଁ ସମ୍ପ୍ ୱେଲ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା କରିବା। ₹୨,୨୧,୯୦,୯୩୮.୨୧; ₹୨,୬୧,୦୦୦.୦୦; ତା୩୦।୦୬।୨୦୨୫ରିଖ; **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ (କ୍ର.ସଂ. ୧ରୁ ୩ ପାଇଁ)। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)।** (PR-233)



"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी
काष्ठागार धमतरी का ई-ऑक्सन का संक्षिप्त विज्ञापन
सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक बोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार धमतरी से प्राप्त की जा सकती है।
नीलाम दिनांक - 12 जुन 2025
नीलाम समय - प्रातः 09.00 बजे से
नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली/खुंटा नग में | लट्टा घ.मी. | बल्ली/खुंटा नग में | लट्टा घ.मी. | बल्ली/खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 3.496 | 5 | 196.932 | 4897 | 200.428 | 4902 |
| बीजा | 4.848 | - | 5.508 | - | 10.356 | - |
| शीशम | - | - | 0.116 | - | 0.116 | - |
| हल्दु/मुण्डी | 5.098 | 6 | 4.913 | - | 10.011 | 6 |
| साजा | 13.335 | 3 | 3.323 | 100 | 16.658 | 103 |
| घावड़ा | 18.842 | - | - | - | 18.842 | - |
| पापड़ा | 1.204 | - | 0.656 | - | 1.860 | - |
| नीलगिरी | 0.778 | - | 0.361 | - | 1.139 | - |
| अन्य | 107.944 | 423 | 7.465 | 1488 | 115.409 | 1911 |
| योग | 155.545 | 437 | 219.274 | 6485 | 374.819 | 6922 |

जलाऊ

| प्रजाति | काष्ठागार धमतरी | | केन्द्रीय उपभोक्ता डिपो कुरूद | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के टुकड़ो में (साईज 5.50 मीटर) |
|---|---|---|---|---|---|
| | नया | पुराना | नया | | |
| सागौन | 11 | 26 | - | - | - |
| अन्य | - | 20 | 87 | 1923 नग | 1000 नग |
| योग | 11 | 46 | 87 | 1923 नग | 1000 नग |

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेंकड के पूर्व क्रय करने पर 30 सेकंड का समय प्राप्त होगा।
फोन: 07722-238371, फैक्स: 07722-236137
G-252601361/2
स्वा./- वनमण्डलाधिकारी, धमतरी वनमंडल, धमतरी



କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ କର୍ଯ୍ୟାଧୀନ A Government of India Undertaking
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧
ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ରଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର **ଏସ୍‌ଏମ୍‌ଇ ଜଗତପୁର** ଶାଖାର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖୁଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଏସ୍‌ଏମ୍‌ଇ ଜଗତପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରମେଶ ପ୍ରଧାନ,** ପିତା: ୰ ଭରତ ପ୍ରଧାନ / **ସହ-ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ ପ୍ରଧାନ,** ପିତା: ରମେଶ ପ୍ରଧାନ, ଉଭୟଙ୍କ ଠିକଣା- ସା: ଗୋପାଳପୁର, ପୋ: ତଷାପଡା, ଥାନା: ଚୌଦ୍ୱାର, କଟକ, ପିନ୍-୭୫୪୦୨୭ / **ଆକାଉଣ୍ଟ ନଂ.: ୩୯୬୯୬୦୫୦୦୦୦୦୫** | (କ) ଟ.୯,୭୫,୦୦୦/- (କାନାରା ମର୍ଟଗେଜ) (ଖ) ୨୯.୦୫.୨୦୨୫ (ଗ) ୦୫.୦୬.୨୦୨୫ | ୦୫.୦୬.୨୦୨୫ ସୁଦ୍ଧା ଟ.୨,୪୧,୨୧୫.୪୬ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ରମେଶ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି କଟକ, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଥାନା ନଂ. ୪୨, ତହସିଲ ନଂ. ୫୫, ମୌଜା: ଗୋପାଳପୁର ରେ ଅବସ୍ଥିତ, ଓଡ଼ିଶା ସରକାର ଖେୱାଟ୍ ନଂ.: ୧, ମ୍ୟୁଟେସନ୍ / ପରିବର୍ତ୍ତୀତ ଖାତା ନଂ.: ୬୫, ସ୍ଥିତିବାନ ପ୍ଲଟ୍ ନଂ.: ୨୩୮, କିସମ: ଘରବାରି, କ୍ଷେତ୍ର: ଏକର୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅନାବାଦି ପ୍ଲଟ୍ ନଂ. ୨୧୩ ଉପରେ ପଞ୍ଚାୟତ ରାସ୍ତା ବିଦ୍ୟମାନ, ଦକ୍ଷିଣ: ପ୍ଲଟ୍ ନଂ. ୨୪୯ (ଭୀମ ନାୟକ ଏବଂ ଅନ୍ୟମାନେ), ପୂର୍ବ: ପ୍ଲଟ୍ ନଂ. ୨୩୯, ପଶ୍ଚିମ: ପ୍ଲଟ୍ ନଂ. ୨୩୭ |

ତାରିଖ : ୦୬.୦୬.୨୦୨୫
ସ୍ଥାନ : କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# 'ଆର୍‌ଜି' ଗ୍ୟାଙ୍ଗର ୪ ଗିରଫ

ବାଲେଶ୍ୱର,୬।୬(ବାଞ୍ଛାନିଧି ଦେ)

## ଡକାୟତି ଯୋଜନା ବେଳେ ପୋଲିସ ଚଢ଼ାଉ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

### ୬ ଦେଶୀ ବନ୍ଧୁକ, ୯ ଗୁଳି ସହ ୬୦ହଜାର ଜବତ

ବାଲେଶ୍ୱର ସହର ସମେତ ୬୦ନମ୍ବର ଜାତୀୟ ରାଜପଥରେ ଡକାୟତି ଓ ଲୁଟତ୍‌ରାଜ ଚଳାଇଥିବା 'ଆର୍‌ଜି' ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ଚାନ୍ଦିପୁର ଥାନା ଅଧୀନ ଗବଗାଁ ନିକଟ ଗଙ୍ଗାରାମ ପଡ଼ିଆରେ ଏହି ଗ୍ୟାଙ୍ଗ ବଡ଼ଧରଣର ଅପରାଧ ପାଇଁ ମସୁଧା କରୁଥିବା ବେଳେ ପୋଲିସ ଟିମ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲା। ଅଭିଯୁକ୍ତଙ୍କମାନଙ୍କଠାରୁ ୬ଟି ଦେଶୀବନ୍ଧୁକ, ୯ଟି ଗୁଳି, ଗୋଟିଏ ମାଉଜର, ତେଲେଙ୍ଗା କଟୁରୀ, ବାଇକ୍, ୫ଟି ମୋବାଇଲ ସହ ନଗଦ ୬୦ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଶୁକ୍ରବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି।

ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଟାଉନ ଥାନା ସୁନହଟ ଅଞ୍ଚଳର ରାକେଶ ସେନାପତି, ମୋତିଗଞ୍ଜ ଅଞ୍ଚଳର ଗିରିଧାରୀ ବେହେରା, ସଦର ଥାନା ଫୁଲାଡ଼ି ଅଞ୍ଚଳର ମନୋଜ ନାୟକ ଓ ପାଛୁଡ଼ିଆ ଅଞ୍ଚଳର ଦୀପକ ଜେନା। ଏହି ୪ ଯୁବକ ଅନ୍ୟ ଏକ ଗ୍ୟାଙ୍ଗରେ ରହି ଅପରାଧ ଘଟାଉଥିଲେ। ପରବର୍ତ୍ତୀ ସମୟରେ ସେମାନେ 'ଆର୍‌ଜି' ନାମରେ ନିଜର ଗ୍ୟାଙ୍ଗ କରି ହାଇୱେରେ ଲୁଟ୍ ସାଙ୍ଗକୁ ବାଲେଶ୍ୱର ସହର ସମେତ ଡିଆର୍‌ଡିଓ ରୋଡ୍, ଗବଗାଁ, ଚାନ୍ଦିପୁର, ଫୁଲାଡ଼ି, ରୂପସା, ବସ୍ତା, ନୀଳଗିରି, ରେମୁଣା ଆଦି ଅଞ୍ଚଳରେ ଚୋରି, ଡକାୟତି, ଛିନ୍‌ତାଇ, ଲୁଟ୍, ରାହାଜାନି ଓ ଗୁଳିମାଡ଼ କରି ଆସୁଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସର ଏକ ସ୍ୱେଶାଲ ଟିମ୍ ଏହି ଗ୍ୟାଙ୍ଗ ଉପରେ ନଜର ରଖିଥିଲା। ଗୁରୁବାର ରାତିରେ ଗଙ୍ଗାରାମ ପଡ଼ିଆରେ ଅଭିଯୁକ୍ତମାନେ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଏନେଇ ଚାନ୍ଦିପୁର ଥାନାରେ ଏକ ମାମଲା (ନଂ. ୭୮/୨୫) ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ରାକେଶଙ୍କ ନାମରେ ଟାଉନ ଥାନାରେ ୪ ମାମଲା, ଗିରିଧାରୀଙ୍କ ନାମରେ ବାଲେଶ୍ୱର ଟାଉନ ଥାନାରେ ୩ ମାମଲା, ମନୋଜଙ୍କ ନାମରେ ବସ୍ତା, ସଦର, ଟାଉନ, ସହଦେବଖୁଣ୍ଟା ଓ ନୀଳଗିରି ଥାନାରେ ୮ ମାମଲା, ଦୀପକଙ୍କ ନାମରେ ସଦର ଥାନାରେ ଗୋଟିଏ ମାମଲା ଥିବା ଜଣାପଡ଼ିଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଆଇନ ମହାବିଦ୍ୟାଳୟକୁ ବିସିଆଇ ଅନୁମୋଦନ

କଟକ,୬।୬(କାର୍ତ୍ତିକ ସାହୁ)

ଭୁବନେଶ୍ୱରସ୍ଥିତ ଭୁବନେଶ୍ୱର ଆଇନ ମହାବିଦ୍ୟାଳୟକୁ ନୂଆଦିଲ୍ଲୀସ୍ଥିତ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ପକ୍ଷରୁ ସ୍ୱୀକୃତି ମିଳିଛି। ଆଇନକୁ ପେସା ଓ ସମ୍ମାନଜନକ ଡିଗ୍ରୀ ଭାବେ ଚାହୁଁଥିବା ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ମହାବିଦ୍ୟାଳୟ ପକ୍ଷରୁ ପ୍ରାପ୍ତ ସୂଚନାନୁସାରେ, ଏହି ମହାବିଦ୍ୟାଳୟକୁ ବିସିଆଇ ଅନୁମୋଦନ ନିମନ୍ତେ ପୂର୍ବରୁ ବିସିଆଇ ନିକଟରେ ଆବେଦନ କରାଯାଇଥିଲା। ପରେ ବିସିଆଇର ଏକ ୫ଜଣିଆ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ଆଇନ ମହାବିଦ୍ୟାଳୟକୁ ଗତ ମେ'ରେ ପରିଦର୍ଶନ କରିଥିଲେ। ଏଠାରେ ଶିକ୍ଷାଦାନର ବିଭିନ୍ନ ଗୁଣାତ୍ମକ ଦିଗ ଓ ପରିଚାଳନା ସମ୍ପର୍କରେ ଉକ୍ତ ଟିମ୍ ତଦାରଖ କରି ସନ୍ତୋଷ ପ୍ରକାଶ କରିଥିଲା। ଏହି ଅନୁମୋଦନ ପାଇବା ପରେ ଆଇନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ସୃଷ୍ଟି ହୋଇଛି। ଏଥିପାଇଁ ବିସିଆଇ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମହାବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ରାଜ୍ୟର ୭ ଜିଲ୍ଲାକୁ ଛୁଇଁଲା କରୋନା

ଭୁବନେଶ୍ୱର,୬।୬(ବନ୍ଦନା ସେଠୀ)

### ସଂକ୍ରମିତଙ୍କ ସଂଖ୍ୟା ୩୦କୁ ବୃଦ୍ଧି

ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ି ଚାଲିଛି। ଇତି ମଧ୍ୟରେ ୭ଟି ଜିଲ୍ଲାକୁ ସଂକ୍ରମଣ ବ୍ୟାପି ଗଲାଣି। ପୂର୍ବରୁ ଖୋର୍ଦ୍ଧା ଓ କଟକ ଜିଲ୍ଲାରୁ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏବେ ପୁରୀ, ଜଗତ୍‌ସିଂହପୁର, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ବାଲେଶ୍ୱର ଜିଲ୍ଲାରୁ ଜଣେ ଲେଖାଏ କୋଭିଡ୍ ପଜିଟିଭ୍ ବାହାରିଛନ୍ତି। ଏହି ନୂଆ ୫ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ସର୍ବାଧିକ ୧୬ଜଣ ରୋଗୀ ଖୋର୍ଦ୍ଧା ଜିଲ୍ଲାରୁ ଥିବାବେଳେ କଟକରୁ ୯ଜଣ ରହିଛନ୍ତି। ଏହାସତ୍ତ୍ୱେ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ପ୍ରତିଦିନ କିଛି କିଛି ରୋଗୀ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା କରୋନା ରୋଗୀଙ୍କ ମଧ୍ୟରୁ ୭ଜଣ ସୁସ୍ଥ ହୋଇସାରିଲେଣି। ଏବେ ସକ୍ରିୟ ରୋଗୀ ସଂଖ୍ୟା ୨୩ ରହିଛି ଏବଂ କେହି ଗୁରୁତର ନାହାନ୍ତି। ସେହିପରି କରୋନାକୁ ନେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଆବଶ୍ୟକ ପଡିଲେ ମାର୍ଗଦର୍ଶିକା ଜାରି କରାଯାଇପାରେ। ତେବେ ଏନେଇ ଏଯାବତ କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ପରାମର୍ଶ ଆସିନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# କରୋନା ଲକ୍ଷଣ ଥିଲେ ରଥଯାତ୍ରାକୁ ଯାଆନି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୬।୬(ବନ୍ଦନା ସେଠୀ)

ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଗାମୀ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ବ୍ୟକ୍ତିଙ୍କଠାରେ କରୋନା ଲକ୍ଷଣ ଯଥା ଥଣ୍ଡା, କାଶ, ଜ୍ୱର, ଛିଙ୍କ ଆଦି ଥିଲେ ରଥଯାତ୍ରା ଦେଖିବାକୁ ନ ଯିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅମରେନ୍ଦ୍ର ନାଥ ମହାନ୍ତି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଅତି କମ୍‌ରେ ୮ରୁ ୧୦ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। କୋଭିଡ୍ ବର୍ତ୍ତମାନ ସୁଦ୍ଧା ନିୟନ୍ତ୍ରଣାଧୀନ ରହିଥିବାବେଳେ ସଂକ୍ରମଣ ଅଧିକ ହୋଇନାହିଁ। ତେବେ ଏଥିପାଇଁ ଆମେ ଲଗାମଛଡ଼ା ହୋଇଯିବା ଆଦୌ ଉଚିତ ନୁହେଁ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କଲେ ଆଗକୁ ବିପଦ ଆସିବ ନାହିଁ। ତେଣୁ ରଥଯାତ୍ରାକୁ ଯାଉଥିବା ବ୍ୟକ୍ତିମାନେ କରୋନାର ସାଧାରଣ ପ୍ରତିଷେଧକ ବ୍ୟବସ୍ଥା ଯଥା ହାତ ଧୋଇବା, ମାସ୍କ ପିନ୍ଧିବା ଆଦି ନିୟମକୁ ଭଲଭାବେ ଅନୁପାଳନ କରିବା ଉଚିତ। ରଥଯାତ୍ରାରେ କେବଳ କରୋନା ନୁହେଁ, ଜଳବାହିତ, ମଶାମାଛି ଜନିତ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଥାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି ସତର୍କ ରହିବା ସହ ତଟକା ଖାଦ୍ୟ ଖାଇବା, ବାହାରେ ବୁଲାବିକାଳିଙ୍କଠାରୁ ଖାଦ୍ୟ ନ ଖାଇବା, ମାଛି ବସିଥିବା ଖାଦ୍ୟ ନ ଖାଇବା ଏବଂ ସ୍ୱଚ୍ଛ ପାନୀୟ ଜଳ ପିଇବା ଆଦି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅପରପକ୍ଷେ ଓଡ଼ିଶାରେ କରୋନା ସଂକ୍ରମଣ ସ୍ଥିତି ଆଦୌ ସଙ୍କଟଜନକ ନୁହେଁ ବୋଲି ସେ କହିଛନ୍ତି। ଓଡ଼ିଶାରେ ବହୁତ କମ୍ ସଂକ୍ରମଣ ହୋଇଛି। ତେଣୁ ଅଯଥା ଏଣୁତେଣୁ କଥା ଶୁଣି ଆଦୌ ଭୟଭୀତ କିମ୍ବା ଆତଙ୍କିତ ହେବା ଉଚିତ ନୁହେଁ ବୋଲି ନିର୍ଦ୍ଦେଶକ କହିଛନ୍ତି।

# ବେକାରି ସମସ୍ୟା ଦୂରୀକରଣ ପ୍ରତିଶ୍ରୁତି ଭୁଲିଯାଇଛନ୍ତି ସରକାର: ସ୍ମୃତି

ଭୁବନେଶ୍ୱର,୬।୬(ସୁନିତ୍ ମିଶ୍ର)

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରକୁ ଇତିମଧ୍ୟରେ ୧୧ ବର୍ଷ ପୂରଣ ହୋଇଥିବାବେଳେ ରାଜ୍ୟରେ ମୋହନ ସରକାର ଶାସନକୁ ବର୍ଷେ ପୂରିଛି। ରାଜ୍ୟରେ ବର୍ଷ ପୂର୍ତ୍ତିକୁ ମହା ଆଡ଼ମ୍ବରରେ ପାଳନ କରିବାକୁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛନ୍ତି। ମାତ୍ର ରାଜ୍ୟର ବେକାରି ସମସ୍ୟା ଦୂରୀକରଣ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇ ଭାଜପା ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିଲା ତାହା ପୂରଣ କରିବାକୁ ଭୁଲିଯାଇଛି। କାରଣ ବର୍ତ୍ତମାନ ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ପଡ଼ିଥିବାବେଳେ ହଜାର ହଜାର ଶିକ୍ଷିତ ଯୁବତୀଯୁବକ ଚାକିରି ପାଇଁ ସଂଘର୍ଷ କରୁଛନ୍ତି। ଶୌଚାଳୟରୁ ସଚିବାଳୟ ପର୍ଯ୍ୟନ୍ତ ସବୁ ଆଉଟ୍‌ସୋର୍ସିଂରେ ଚାଲିଛି। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବିରେ ଏବେ ମଧ୍ୟ ବହୁ କର୍ମଚାରୀ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ତେଣୁ ଏନେଇ ରାଜ୍ୟ ସରକାର ଆଉ କେବେ ପଦକ୍ଷେପ ନେବେ ବୋଲି ପୂର୍ବତନ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ପ୍ରଶ୍ନ କରିଛନ୍ତି।

ଶୁକ୍ରବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି ଉପରୋକ୍ତ ପ୍ରସଙ୍ଗ ଉଠାଇବା ସହ କେଉଁ ବିଭାଗରେ କେତେ ପଦବୀ ଖାଲିପଡ଼ିଛି ସେ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମା'ବାପାଙ୍କ ସେବାକର...


ବିଭାଗର ମୋଟର ଯାନ କନିଷ୍ଠ ନିରୀକ୍ଷକ ଓ ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ମିଶାଇ ୬୩ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ସେହିପରି ଦକ୍ଷତା ବିକାଶ ବିଭାଗର ୮୧ଟି ଅଧ୍ୟାପକ ପଦବୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୪୯ଟି ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ, ଅବକାରୀ ବିଭାଗର ୩୨ଟି ଅବକାରୀ ଉପନିରୀକ୍ଷକ ପଦବୀ ଓ ଶ୍ରମ ବିଭାଗର ୧୯ଟି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଲେ, ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛନ୍ତି। ୫ବର୍ଷ ମଧ୍ୟରେ ଦେଢ଼ଲକ୍ଷ ସରକାରୀ ପଦବୀ ପୂରଣ କରିବା ଲକ୍ଷ୍ୟ ରହିଛି। ପ୍ରଥମ ୨ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଆଜିକୁ ମିଶାଇ ବର୍ଷକରେ ୨୭,୪୨୮ଟି ସରକାରୀ ପଦବୀ ପୂରଣ କରାଗଲା। ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଚାକିରି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଆମ ସରକାର ଆସିବା ପରଠାରୁ ଯୁବଶକ୍ତିକୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ଅଭିଯାନ ଜାରି ରହିଛି। ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ଅତି କମ୍‌ରେ ୧୩ ଲକ୍ଷ ନିଯୁକ୍ତି ସୃଷ୍ଟିହେବାକୁ ଯାଉଛି। ଉତ୍କର୍ଷ ଓଡ଼ିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି। ତେବେ ନବନିଯୁକ୍ତଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଲେ, ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗଭାବେ ଓଡ଼ିଶାର ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇବେ। ଉତ୍ସର୍ଗୀକୃତ ଓ ସମର୍ପଣ ଭାବ ସହ ଲୋକଙ୍କ ସୁବିଧା, ଅସୁବିଧାକୁ ହୃଦୟଙ୍ଗମକରି ସେବା ଯୋଗାଇଦେବେ। ଦୁର୍ନୀତି ବିରୋଧରେ ଆମ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି। ଦୁର୍ନୀତିଠାରୁ ଦୂରେଇରହିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେବା ସହ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସାମିଲ ହୋଇ ନିଜ ମାଆଙ୍କ ନାମରେ ଏକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଲେ, ଆମେ ସମସ୍ତେ ସାଧାରଣ ଲୋକଙ୍କ ପାଇଁ କାମ କରୁଛେ। ଭଲ କାମ କରି ନୂଆ ଓଡ଼ିଶା ନିର୍ମାଣରେ ନିଜ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବାକୁ ସେ ନବନିଯୁକ୍ତଙ୍କୁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ, ଆମେ ସମସ୍ତେ ଲୋକଙ୍କ ଟିକସ ପଇସାରେ ଚାକିରି କରି ଦରମା ପାଉଛେ। ତେଣୁ ସମସ୍ତେ ମିଶି ସରକାରଙ୍କ ଟିମ୍ ଭାବେ ଲୋକଙ୍କ ସେବା କରିବା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଲେ, ଲୋକଙ୍କ ପାଖରେ ସୁଶାସନ ପହଞ୍ଚାଇବା ଲକ୍ଷ୍ୟରେ ଆମେ ଏହି ନିଯୁକ୍ତି କାର୍ଯ୍ୟକ୍ରମ କରୁଛୁ। ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ନିଷ୍ଠାର ସହ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଓଡ଼ିଶାରେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏବଂ ପ୍ରତ୍ୟେକ ବିଭାଗକୁ ସଶକ୍ତ କରିବା ନିମନ୍ତେ ସରକାର ସବୁ ପଦକ୍ଷେପ ନେଉଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରଥମେ ୩୦ ଜିଲ୍ଲାର ୩୦ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସ୍ନାତକୋତ୍ତର ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ନବରଙ୍ଗପୁରର ଗୀତାଞ୍ଜଳୀ ସୁନା, ସହକାରୀ ପ୍ରାଧ୍ୟାପକ ଭାବେ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିବା ଡ. ସୋନାଲି ଶୁଭଦର୍ଶିନୀ ଏବଂ ଦକ୍ଷତା ବିକାଶ ବିଭାଗରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିବା କେନ୍ଦୁଝରର ବ୍ରଜବନ୍ଧୁ ନାହକ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଓ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଦେଇଥିଲେ।

### ମୁଖ୍ୟମନ୍ତ୍ରୀ ସହରୀ...

ମୁଖ୍ୟ ଶାସନ ସଚିବ କହିଛନ୍ତି, ଓଡ଼ିଶା ଦେଶରେ ସବୁଠାରୁ ଜୈବବିବିଧତାରେ ପରିପୂର୍ଣ୍ଣ ରାଜ୍ୟ। ଓଡ଼ିଶାର ଅବ୍ୟବହୃତ ପ୍ରାକୃତିକ ସମ୍ପଦର ବ୍ୟାପକ ବାୟୋପ୍ରୋସେସିଂ ଏବଂ ଉପଲବ୍ଧ ମାନବ ସମ୍ବଳର ଉପଯୋଗ କରିବାର ଅନେକ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେରଖି ଓଡ଼ିଶା ସରକାର ନିଜର ଔଦ୍ୟୋଗିକ ନୀତି ସଙ୍କଳ୍ପ(ଆଇପିଆର) ୨୦୨୨ରେ ଜୈବପ୍ରଯୁକ୍ତିକୁ ଏକ ବଳିଷ୍ଠ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି। ଶୁକ୍ରବାର କ୍ୟାବିନେଟ୍ ବୈଠକରେ 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ' ଯୋଜନାକୁ ମଞ୍ଜୁରୀ ମିଳିଛି। ଏହି ଯୋଜନା ୧୭ଟି ଉପ-ଯୋଜନା/କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି। ଏହାର ଲକ୍ଷ୍ୟ ହେଉଛି ଜୈବପ୍ରଯୁକ୍ତି ବିଜ୍ଞାନର ସବୁଠାରୁ ଆଶାଜନକ କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଦେବା। ଉଦ୍ୟୋଗ ଏବଂ ଉଦ୍ୟୋଗର ନିର୍ମାଣ ପାଇଁ ନବସୃଜନ, ଇନ୍‌କ୍ୟୁବେସନ, ନିବେଶ, ଆୟ ଓ ପ୍ରଭାବ ପାଇଁ ଏହା ସହାୟକ ହେବ। ଏହାସହିତ ଉତ୍ପାଦ/ପ୍ରକ୍ରିୟା ବିକାଶ, ବ୍ୟବସାୟୀକରଣ ଏବଂ ଆଇପି ମୁଦ୍ରୀକରଣକୁ ପ୍ରୋତ୍ସାହନ ମିଳିବ। ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ/ଜ୍ଞାନର ଉପଯୋଗ କରିବା ଲକ୍ଷ୍ୟ ରହିଛି। ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ୧୧ହଜାର ୧୧୩.୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଜୈବ ପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

# ଖାଦ୍ୟ ନିରାପତ୍ତା: କ୍ରିୟାଶୀଳ ବିଜ୍ଞାନ



### ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ସମଗ୍ର ବିଶ୍ୱବାସୀଙ୍କ କ୍ଷୁଧା ବିରୋଧରେ ସଂଗ୍ରାମ ସହିତ ଖାଦ୍ୟର ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତା ସମ୍ପର୍କିତ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୧୯ଠାରୁ ଜୁନ ୭ ତାରିଖରେ ' ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ' ପାଳିତ ହୋଇ ଆସୁଅଛି। ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଲା – ଯେପରି ଏହି ବିଶ୍ୱରେ କୌଣସି ଲୋକ ଭୋକିଲା ରହିବେ ନାହିଁ କିମ୍ବା ଅନାହାରରେ ମୃତ୍ୟୁବରଣ କରିବେ ନାହିଁ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି– 'ଫୁଡ୍ ସେଫ୍ଟି : ସାଇନ୍ସ ଇନ୍ ଆକ୍ସନ' (ଖାଦ୍ୟ ନିରାପତ୍ତା: କ୍ରିୟାଶୀଳ ବିଜ୍ଞାନ)। ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ ଦେଖାଦେବା ଯୋଗୁ ଖାଦ୍ୟ ନିରାପତ୍ତା ପ୍ରତି ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱ ଖାଦ୍ୟ ଦିବସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି – ଆନ୍ତର୍ଜାତିକ ଓ ଜାତୀୟ ସଂହତିର ସୁଦୃଢ଼ୀକରଣ ସହିତ କ୍ଷୁଧା, ଖାଦ୍ୟାଭାବ ଏବଂ ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ କରିବା ସହିତ ଖାଦ୍ୟ ଉତ୍ପାଦନ ଓ କୃଷି ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା। କ୍ଷୁଧା ମୁକ୍ତ ବିଶ୍ୱର ଅର୍ଥ ହେଉଛି – ନିରାପଦ, ସ୍ୱାସ୍ଥ୍ୟକର ଓ ପୁଷ୍ଟିବର୍ଦ୍ଧକ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ପ୍ରତ୍ୟେକ ଲୋକ ପ୍ରତ୍ୟେକ ସ୍ଥଳରେ ଖାଦ୍ୟ ପାଇବାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ରହିବା ଆବଶ୍ୟକ।

ପରିବର୍ତ୍ତିତ ଜଳବାୟୁର କୁପ୍ରଭାବ ସହିତ ଖାପ ଖୁଆଇ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଆମକୁ କୃଷି ଓ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଖାଦ୍ୟର ଚାହିଦା ମେଣ୍ଟାଇବାକୁ ପଡ଼ିବ। ସେଥିପାଇଁ ୨୦୫୦ ସୁଦ୍ଧା ଆହୁରି ୬୦ ପ୍ରତିଶତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ହେବ ବୋଲି ବିଶ୍ୱସ୍ତରରେ ଆକଳନ କରାଯାଇଛି। ବର୍ତ୍ତମାନ ଦେଖାଯାଉଛି ଯେ – ବିଶ୍ୱସ୍ତରରେ ଉତ୍ପାଦିତ ହେଉଥିବା ଖାଦ୍ୟର ଏକ ତୃତୀୟାଂଶ ବା ୩୦ ପ୍ରତିଶତ ଖାଦ୍ୟ ପ୍ରସ୍ତୁତ ଓ ଖାଇବା ସମୟରେ ବା ଉତ୍ପାଦନଠାରୁ ଆରମ୍ଭ କରି ଖାଦ୍ୟ ଉପଯୋଗ ସମୟ ମଧ୍ୟରେ ନଷ୍ଟ ହେଉଛି। ତେଣୁ ସେହି ସୀମିତ ବା କମ୍ ଜମିରେ ଖାଦ୍ୟ ଶସ୍ୟ ବା ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ସହିତ ଖାଦ୍ୟ ନଷ୍ଟ ନ କରିବାକୁ ଆମେ ଏବେଠାରୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ।

–ଡା. ବୀର କିଶୋର ପରିଡ଼ା, ମୋ : ୯୪୩୭୬୦୭୩୧୨


**Government of Odisha**
**Home (SGH) Bhubaneswar**
**TENDER CALL NOTICE**

**No.SGH(S)-26/2025 2157/ SGH-Dt.4.6.2025**

**No.D-93:** Sealed tenders are invited from reputed registered Suppliers/ Wholesalers having legal existence for supply of Vegetables & Fruits etc for a period of six months at the first instance for the year 2025-26 from the date of commencement of the agreement. The interested Suppliers/ Wholesalers shall furnish their bids in original on or before 17.06.2025 by 01.00 PM with all credentials/ documents as per the terms and conditions of the tender document. The tender documents can be obtained from the Reception counter, State Guest House on payment of Rs.200/- (Rupees Two Hundred) only by Cash from 10.30 AM to 5.00 PM till 16.06.2025.

The terms and conditions of the tender document can also be accessed from our website www.homeodisha.gov.in. The undersigned reserves the right to accept/reject any offer without assigning any reason thereof.

Sd./- Manager,
SGH-cum-Joint Secy, to Govt.

OIPR-12192/11/0004/2526

**OFFICE OF THE DIVISIONAL FOREST OFFICER, SUNABEDA WILDLIFE DIVISION, NUAPADA**

At/PO-Nuapada, Dist.-Nuapada, Odisha - 766105, Tel - 06678 295372
Email ID : dfo.sunabedawl@odisha.gov.in
**Office Order No. 92/IWL/Dated 05.06.2025**

**CANCELLATION OF TENDER**

**No.MM-80** : The tender for engagement of Manpower Services in Sunabeda Wildlife Division, Nuapada was invited vide this office Tender Call No.46 dated 13.05.2025 is hereby cancelled on administrative ground.

Sd./- Divisional Forest Officer,
Sunabeda Wildlife Division,
Nuapada

OIPR-08028/11/0004/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୯୮ ତା.୨୩.୫.୨୫

**ବିଜ୍ଞାପନ**

**No.CAD-682:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ.ଆଇ.ଜି.-୧୬୨ (MIG-162) ବରମୁଣ୍ଡା, ୧ମ ପର୍ଯ୍ୟାୟ ଭୁବନେଶ୍ୱର, ଗୃହ ନିର୍ମାଣ ପ୍ରକଳ୍ପରେ କାନ୍ତିଲତା ଦେବୀ ଓରଫ ତ୍ରିପାଠୀ, ସ୍ୱାମୀ-ସ୍ୱ ଡକ୍ଟର ଅଶ୍ୱିନ କୁମାର ତ୍ରିପାଠୀ, ସା/ପୋ-ମେହେନ୍ଦିପୁର, ଥାନା-ଲାଲବାଗ, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା କାନ୍ତିଲତା ଦେବୀ ଓରଫ ତ୍ରିପାଠୀ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ଚନ୍ଦନ ତ୍ରିପାଠୀ, ପିତା-ସ୍ୱ ଡକ୍ଟର ଅଶ୍ୱିନ କୁମାର ତ୍ରିପାଠୀ, ସା/ପୋ-ମେହେନ୍ଦିପୁର, ଥାନା-ଲାଲବାଗ, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0643/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**

Email: rw_dharmagarh@yahoo.com

BID IDENTIFICATION NO.DMGH/Online-02 OF 2025-26, Dates: 30.05.2025

**"e" PROCUREMENT NOTICE**

**No.O-234:** Bid documents consisting of Work, Estimate Cost, Cost of Tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Road Works in the district of Kalahandi as mentioned in DTCN
2. Total No. of Works : 02 Nos.
3. Estimated Cost: Rs.26.77 lakhs to Rs.32.52 Lakhs
4. Period of Completion: 01 Calendar Month.
5. Other details:

| Availability of Tender online for bidding | | Last date & time seeking tender clarification | Date & Time of Opening of tender |
|---|---|---|---|
| From | To | | |
| 05.06.2025 At 10.00 AM | 16.06.2025 Upto 5.00 PM | 13.06.2025 Upto 5.00 PM | 17.06.2025 At 11.00 AM |

Further details can be seen from the website **www.tendersorissa.gov.in.**

Sd./- Superintending Engineer
Rural Works Division, Dharmagarh

OIPR-25100/11/0023/2526

**OFFICE OF THE ROURKELA MUNICIPAL CORPORATION**

Uditnagar, Rourkela, Dist.-Sundargarh (Odisha) Pin-769012
Website : www.rmc.nic.in, E-Mail Id : rourkelamunicipality@gmail.com

Letter No. : 7267 Date : 04.06.2025

**REQUEST FOR PROPOSAL**

**"SELECTION OF AGENCY FOR UNDERTAKING THE ANIMAL BIRTH CONTROL (ABC) PROGRAMME OF DOGS UNDER JURISDICTION OF ROURKELA MUNICIPAL CORPORATION"**

**No.C-452** : Detail technical specifications, along with terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. Date of issue of tender documents from dtd. 04.06.2025.
The last date for receipt of sealed tender is till P.M. through Speed Post / Regd. Post / Courier / or by hand in the office address of the undersigned.

Sd./- Commissioner
Rourkela Municipal Corporation

OIPR-13131/11/0135/2526

**Odisha State Legal Services Authority, "Aain Seva Bhawan", Sector-1, CDA, Cuttack**

(E. mail : oslsa1997@gmail.com)

**Advertisement No.02/2025 Dated : 05.06.2025**
**For the post of Chairperson of Permanent Lok Adalat (Public Utility Services)**

**No.W-14** : Applications are hereby invited from Judicial Officers retired in the rank of District Judge/Addl. District Judge, who have attained superannuation by **31.05.2025** and below the age of 65 years for being appointed as the Chairperson of Permanent Lok Adalats (PUS) in the cluster of PLAs (PUS).
Last date for submission of the application is **25.06.2025**
For further details, please visit our official website - www.oslsa.nic.in

Sd./- Member Secretary,
Odisha State Legal Services Authority,
Cuttack

OIPR-18008/11/0018/2526

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No. XXI-10

**ନୋଟିସ**

**ଆଦେଶ – ୫, ନିୟମ – ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା – ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.– ୨୮୧/୨୦୨୧**

ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ, ସୁବର୍ଣ୍ଣରେଖା ଇରିଗେସନ ପ୍ରକଳ୍ପ
ବାରିପଦା, ମୟୂରଭଞ୍ଜ ... ଆବେଦନକାରୀ

**ବନାମ**

୧. ନାନୁ ମାଝୀ ଓରଫ ଟୁଡୁ, ୨. ମାଇନ ମାଝି ଓରଫ ଟୁଡୁ, ୩. ମହ୍ଲ ମାଝି ଓରଫ ମାଳତୀ ଟୁଡୁ, ୪. ମାଇନା ଟୁଡୁ, ୫. ନନ୍ଦ ମାଝି ଓରଫ ଟୁଡୁ, ପିତା: ମହାନ୍ତି ମାଝି ଓରଫ ଟୁଡୁ, ୬. ବାରି ମାଝି ଓରଫ ଟୁଡୁ, ସ୍ୱାମୀ: ଲୋକନାଥ ମାଝି ଓରଫ ଟୁଡୁ, ୭. କାହ୍ନୁ ମାଝି ଓରଫ ଟୁଡୁ, ପିତା: ଜଗନ୍ନାଥ ମାଝି ଓରଫ ନନ୍ଦ ଟୁଡୁ ସମସ୍ତଙ୍କର ଗ୍ରାମ ପୁରୁଣାପାଣି, ଥା: ବେତନଟି, ଜିଲ୍ଲା: ମୟୂରଭଞ୍ଜ ..... **ବିରୋଧୀପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଅଦାଲତ/ଇଜିଲାସରେ ଏଲ୍.ଏ. କେସ୍ ନଂ. ୨୮୧/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା: ମୌଜା: ପୁରୁଣାପାଣି, ଖାତା ନଂ. ୯୮, ପ୍ଲଟ ନଂ. ୩୪୧, ରକବା ଏ୦.୦୫୦ଡି ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି, ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୧।୦୭।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୩୦।୦୪।୨୦୨୫ରିଖ Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.


ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି
ପ୍ରାଧିକାରୀ ଅଦାଲତ, କଟକ


OIPR-24423/14/0001/2526

# ବୋଉର ମୁଦି

ଗଳ୍ପ

ଦୀପକ କୁମାର ମହାନ୍ତି





ବୋଉ ଶଯ୍ୟାଶାୟୀ। ଏ ପଟେ ସ୍ତ୍ରୀ ସୁନନ୍ଦାର ଏକା ଜିଦ୍ ଏଥର ଆମ ବିବାହ ବାର୍ଷିକୀ ଉତ୍ସବରେ ପୁରୀ ଯିବା।

ସୁନନ୍ଦା ତୁମର ବୁଦ୍ଧି ବିବେକ ବୋଲି କିଛି ନାହିଁ। କୋଉ ପୁଅ ଚାହିଁବ ବୋଉର ଅସୁସ୍ଥତା ଭିତରେ ମଉଜ ମଜଲିସ କରିବାକୁ! ଯଦି ଆଜି ସିଏ ତୁମ ବୋଉ ହୋଇଥାନ୍ତା ତା'ହେଲେ...!

ହଠାତ୍ ସୁନନ୍ଦା ଚା କପ୍‌ଟି ଧରି ଆସିଲାବେଳେ ସୁଧା ବାବୁ ପ୍ରକୃତିସ୍ଥ ହେଲେ।

ଚା କପ୍‌ଟିକୁ ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଇ ପଚାରିଲେ, ସକାଳୁ ସକାଳୁ ପୂରାପୂରି ଚୁପ୍‌ଚାପ୍, ଗୁମ୍‌ସୁମ୍। କ'ଣ ହୋଇଚି ? କୋଉ କଥା ଭାବୁଚ ?

ଗାଁରୁ ଭାଇ ଫୋନ୍ କରିଥିଲେ, ବୋଉ ଦେହ ଭଲ ନାହିଁ। ବେଡ୍‌ରୁ ଉଠୁନାହିଁ। ତା' ଦେହ କ୍ରମଶଃ ଖରାପ ଆଡ଼କୁ ଗତିକରୁଚି। ଏତେ ଟଙ୍କା ଖର୍ଚ୍ଚ ହେଲାଣି ଅଥଚ ସେ ଟିକିଏ ଭଲ ଆଡ଼କୁ ଗତିକରୁନାହିଁ। ଭାବୁଚି ଏ ବର୍ଷ ଆମ ଆନିଭର୍ସାରିଟିକୁ ଘରେ ରହି ନିରାଡ଼ମ୍ବର ଭାବେ ପାଳନ କରିବା। କୁଆଡ଼େ ଯିବାନାହିଁ।

ଆନିଭର୍ସାରି କ'ଣ ସବୁଦିନେ ପାଳନ ହେଉଚି, ବର୍ଷକୁ ଥରେ। ସେ ସକାଶେ ତୁମର ଏତେ ଫର୍ମାଇସ୍। ତା'ଛଡ଼ା ବୋଉଙ୍କ ବୟସ ହେଲାଣି, ପାଚିଲା ଫଳ ସେ। ତାଙ୍କ ପାଇଁ ଏତେ ବ୍ୟସ୍ତ ହେଲେ ହେବ ! ଗାଁରେ ଅନ୍ୟ ଭାଇମାନେ ଅଛନ୍ତି, ବୁଝୁ ନାହାନ୍ତି। ଗାଁ ଭାଇ ଜମିବାଡ଼ିର ଫସଲ ଖାଇବେ, ଖର୍ଚ୍ଚ କଲାବେଳକୁ ମଝିଆଁ ଭାଇ। ଆମ ପାଖରେ ତ ମହୁ ଝରୁଚି। ସାନଭାଇ ପାଖକୁ ତ ବୋଉ ପାଇଁ ଔଷଧ, ଘର ଖର୍ଚ୍ଚ ପାଇଁ ଟଙ୍କା ମାସକୁ ମାସ ପଠାଉଚ, ତାକୁ କହୁନ ବୁଝିବାକୁ। କେହି କରିବେ ନାହିଁ। ଆମେ ଠିକା ନେଇଚୁ ସବୁ କାମ କରିବାକୁ। ମୁଁ ଭଲ ଭାବେ ଜାଣିଛି ଫି ବର୍ଷ ବିବାହ ବାର୍ଷିକୀ ଆସିଲେ ତୁମର କିଛି ନା କିଛି ପେଖନା ଥିବ। ବାହାଘର ୫ ପୂରି ୬ ବର୍ଷ ଚାଲିବ, କିନ୍ତୁ ଆଜିଯାଏଁ ପୁରୀ ଟିକେ ବି ଯାଇପାରିଲି ନାହିଁ। ଛାଡ଼ ସେ ସବୁ ମୋ' ଭାଗ୍ୟ କହି ରୋଷେଇ ଘରକୁ ଚାଲିଗଲେ ସୁନନ୍ଦା। ସୁଧା ବାବୁ ଏକଲୟରେ ଚାହିଁ ରହିଥିଲେ ତାଙ୍କ ଯିବା ବାଟକୁ।

ନିତ୍ୟକର୍ମ ସାରି ସ୍ୱାମୀଙ୍କୁ ଖାଇବାକୁ ଦେଇ ସୁନନ୍ଦା ଠାକୁର ପୂଜାରେ ଲାଗିପଡ଼ିଲେ। ପୂଜା ସରିଲା। ମଧ୍ୟାହ୍ନଭୋଜନରେ ମନ ଲାଗିଲା ନାହିଁ ତାଙ୍କର। କ'ଣ ଦୁଇଟା ଖାଇ ଦେଇ ଖଟ ଉପରକୁ ଚାଲିଗଲେ ସୁନନ୍ଦା। ଶୋଇ ରହି କେତେ କଥା ମନକୁ ତାଙ୍କର ଆସୁଥିଲା। ମା'ବାପା, ଭଲ ଘର, ଭଲ ବର ଦେଖି ବିବାହ ଦେଇଥିଲେ। କିନ୍ତୁ କିଏ ଜାଣିଥିଲା ଘରର ଭିତିରି କଥା! ଚାକିରିଆ ପୁଅ ବୋଲି ଭାଇ ଭଉଣୀଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଯାଏଁ ସମସ୍ତଙ୍କର ତାଙ୍କ ଠାରେ ଆଖି। ଦରମା ଗଣ୍ଡାକ ଯାହା ମିଳୁଛି ଶାଗ ମୁଗ ହିସାବରେ ସମସ୍ତଙ୍କୁ ବାଣ୍ଟିଦେଉଛନ୍ତି ସେ। ଭଣଜା ଭାଣିଜୀ, ପୁତୁରା ଝିଆରୀଙ୍କ ପ୍ରେମ ତ ଛାଡୁ ନାହାନ୍ତି, ସିଏ ସ୍ତ୍ରୀଙ୍କୁ ଖୁସିରେ ରଖିବେ କେଉଁଠି ?

ଏତିକିବେଳେ କଲିଂବେଲ୍ ବାଜିଉଠିଲା। ସୁଧା ବାବୁ କବାଟ ଖୋଲି ଆସିଲା ବେଳେ ସୁନନ୍ଦା ପଚାରିଲେ, ଆଜି କ'ଣ ଏତେ ଶୀଘ୍ର ଅଫିସରୁ ପଳାଇ ଆସିଲ ?

ମାର୍କେଟିଂ କରିବାର ଅଛି। ଜିନିଷପତ୍ର ସବୁ ପ୍ୟାକ୍ କରିଦିଅ, କାଲିଭୋରୁ ପୁରୀ ଯିବା। ଆନିଭର୍ସାରି ପାଇଁ ଛୁଟି ଆଣିଛି। ଟ୍ରାଭେଲ୍ସରେ ଗାଡ଼ି ବୁକ୍ କରିଦେଇଛି, ଗାଡ଼ି ୬ଟା ବେଳେ ଆସି ପହଞ୍ଚିବ।

ସୁନନ୍ଦାଙ୍କ ଖୁସି କହିଲେ ନ ସରେ। ମାର୍କେଟିଂ ସାରି ସଅଳ ଖାଇ ପିଇ ଦୁହେଁ ଶୋଇପଡ଼ିଲେ। ଭୋରୁ ଭୋରୁ ନିତ୍ୟକର୍ମ ସାରି ସୁନନ୍ଦା ଦେବୀ ଓ ସୁଧା ବାବୁ ବାହାରି ପଡ଼ିଲେ ପୁରୀ ଅଭିମୁଖେ।

ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ କମ୍‌ଥିଲା। ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥାରେ ମହାପ୍ରଭୁଙ୍କୁ ଦର୍ଶନ ଭଲରେ ହେଲା। ଦର୍ଶନ ସାରି ଆନନ୍ଦବଜାରରେ ଅବଢ଼ା ଖାଇ ଲଜ୍‌କୁ ଫେରିଲେ ସ୍ୱାମୀ ସ୍ତ୍ରୀ ଦୁହେଁ। ଲଜ୍‌ରୁ ସମୁଦ୍ରକୂଳ।

ସୂର୍ଯ୍ୟ ଅସ୍ତଗାମୀ। ସମୁଦ୍ରକୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଉଭୟେ ମନଭରି ଉପଭୋଗ କରୁଥିଲେ। ଦୀର୍ଘ ଦିନ ପରେ ସୁନନ୍ଦା ପୁରୀ ଆସିଥିବାରୁ ଖୁସିରେ ଆତ୍ମହରା ହୋଇ ପଡୁଥିଲେ। କେତେବେଳେ ସ୍ୱାମୀଙ୍କ ହାତ ଧରି ସମୁଦ୍ର ଭିତରକୁ ଯାଇ ଲହଡ଼ି ଭାଙ୍ଗୁଥିଲେ ତ କେତେବେଳେ ଦୁଇ ଜଣ ଯୁଗଳବନ୍ଦୀ ଠାଣିରେ ନିଜକୁ ସଜାଉଥିଲେ। ମଝିରେ ମଝିରେ ସୁନନ୍ଦା କୂଳକୁ ଆସି ବାଲିରେ ବନ୍ଧ କରି ଲହଡ଼ିକୁ ଅଟକାଉଥିଲେ। ହଠାତ୍ ସୁଧା ବାବୁ ପ୍ରକୃତିସ୍ଥ ହୋଇ ଦେଖିଲେ ସୁନନ୍ଦାଙ୍କ ଆଙ୍ଗୁଠିରେ ମୁଦିଟି ନାହିଁ।

ସୁନନ୍ଦା! ତୁମ ହାତରୁ ମୁଦିଟା ଗଲା କୁଆଡ଼େ? ଘରୁ ପିନ୍ଧି ଆସିଥିଲ ? ହଁ, ଏଠାକୁ ଆସିଲାବେଳେ ତ ମୋ' ଆଙ୍ଗୁଠିରେ ଥିଲା। ସୁନନ୍ଦା ବ୍ୟସ୍ତ ହୋଇପଡ଼ିଲେ।

କୂଳରେ ଖୋଜାଖୋଜି କଲେ, ପାଇଲେ ନାହିଁ। କୂଳର ଉପରିଭାଗକୁ ଯାଇ ବି ଖୋଜାଖୋଜି କଲେ, ପାଇଲେ ନାହିଁ। ଜଲ୍‌ଦି ଫେରି ଆସି ଲଜ୍‌ରେ ଖୋଜିଲେ, ନିରାଶ ହେଲେ।

ବୋଉର ଅସୁସ୍ଥତା ଓ ମୁଦି ହଜିବା ଘଟଣା ସୁଧା ବାବୁଙ୍କ ମନକୁ ବିଚଳିତ କରୁଥିଲ।

ସୁନନ୍ଦା, ବାହାଘର ବେଳେ ବୋଉ ତୁମକୁ ସେ ମୁଦି ପିନ୍ଧାଇ ଦେଇଥିଲା ନା। କହିଥିଲା, ସେଇଟା ତା'ର ସନ୍ତକ। ତାକୁ ଯତ୍ନସହକାରେ ରଖିବ।

ଅବେଳାରେ ମୁଦି ହଜିବା ଘଟଣା ଭଲ ନୁହଁ କହିଲାବେଳେ ତାଙ୍କ ଆଖି ଲୁହରେ ଜକେଇ ଆସିଲା।

ସୁନନ୍ଦା ଲୁହକୁ ନିଜ କାନିରେ ପୋଛି ଦେଇ କହିଲେ- ଛିଃ, ମନଦୁଃଖ କରନାହିଁ। ଆଜି ଭଳି ଦିନରେ କାନ୍ଦନ୍ତି ନାହିଁ। ଠାକୁରଙ୍କୁ ଡାକ, ଆସ୍ତେ ଆସ୍ତେ ସବୁ ଠିକ୍ ହୋଇଯିବ। ସୁନନ୍ଦା ଯେତେ ବୁଝାଇଲେ ବି ମୋ' ମନ ଜମା ବୁଝୁନାହିଁ। ଆଜି ଭାରି ବୋଉ କଥା ମନେପଡୁଛି।

ସେ କିଛି ନୁହଁ। ତୁମେ ଗୋଡ଼ ହାତ ଧୋଇ ଫ୍ରେଶ୍ ହୋଇ ଆସ। ରାତି ପାହିଲେ ଯାହା ଚିନ୍ତା କରିବା। ରାତି ପାହି ସକାଳ ହେଲା। ସୁଧା ବାବୁ ମୋବାଇଲ ଫୋନ୍ ଆଣି ଦେଖିଲେ, ଗାଁରୁ ଭାଇଙ୍କ ୫ଟା ମିସ୍‌କଲ୍। ଭାଇ, କ'ଣ ହେଲା ? ବୋଉ ଦେହ କେମିତି ଅଛି ?

ସେ ପଟୁ କୋହଭରା କଣ୍ଠରେ ଭାଇ କହୁଥିଲେ, ବୋଉ ଆଉ ନାହିଁରେ ସୁଧା। ଭୋରୁ ଚାଲିଗଲା। କାଲି ରାତିରେ ତୋତେ ବହୁତ ଖୋଜିଲା। ସୁଧା ଆସି ନାହିଁ! ମୋ' ସୁଧାକୁ ଡାକ, ମୁଁ ତାକୁ ଟିକେ ଦେଖିବି କହିଲାବେଳେ ଫୋନ୍‌ରେ କାନ୍ଦବୋବାଳିର ଶବ୍ଦ ତୁହାକୁ ତୁହା ବର୍ଷୁଥିଲା।

ସୁଧା ବାବୁ ଜଡ଼ ପାଲଟିଗଲେ। ତାଙ୍କ ହାତରୁ ଫୋନ୍‌ଟି ଅଚାନକ ଖସିପଡ଼ିଲା।

ସୁନନ୍ଦା ଦଉଡ଼ି ଆସି ପଚାରିଲେ, କ'ଣ ହେଲା ? କିଏ ଫୋନ୍ କରିଥିଲେ ?

ସୁଧା ବାବୁ କାନ୍ଦି କାନ୍ଦି କହୁଥିଲେ, ସୁନନ୍ଦା କି ବେଳାରେ ଆମେ ଘରୁ ଗୋଡ଼ କାଢ଼ିଥିଲେ ଯେ, ମୁଦି ହଜିଗଲା, ମୁଦି ପଛେ ପଛେ ବୋଉ ବି ଚାଲିଗଲା। ତାଙ୍କ ହୃଦୟରୁ ଭାସି ଆସୁଥିଲା ଏକ କରୁଣ ସ୍ୱର, 'ମୋ ବୋଉ, ବୋଉର ମୁଦି... ମୋ ବୋଉ, ବୋଉର ମୁଦି।'

ମୋ: ୯୪୩୮୩୨୯୦୫୯

## ପୁସ୍ତକ ପରିଚୟ

### ଅସରନ୍ତି ଅନୁରାଗ



**କବି:** ମନୋଜ ମେହେର
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/-

ମୋଟ ୩୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କିନ୍ତୁ କବିତାଗୁଡ଼ିକ ମଧ୍ୟରୁ ବେଶ୍ କିଛି କବିତା ଚିରାଚରିତ ଛାଞ୍ଚ ଦୃଷ୍ଟିରୁ କବିତା ପରି ନ ଦିଶି ଗଦ୍ୟ ପରି ଦିଶନ୍ତି। ଯଥା: 'ହାତ', 'ବାପା: ସରଳ ସତ୍ୟର ବିଦ୍ୟାଳୟ', 'ଶ୍ରବଣ କୁମାର', 'କ୍ୟାନ୍‌ସରର ବଡ଼ଭାଇ', 'ସବୁକିଛିର ଊର୍ଦ୍ଧ୍ୱରେ ଏକ ଉଚ୍ଛ୍ୱସିତ ଉଡ଼ାଣ', 'ପତ୍ନୀ: ଏକାଧିକ ଆରମ୍ଭ', 'ଦୁଃଖର ଝୋଟିଚିତା', 'ଅନ୍ତରଙ୍ଗ ଲୁହ', 'ପିଆଜୀୟ ପ୍ରଶ୍ନବାଚୀ', 'ଝୋଟିଅଙ୍କା କାନ୍ଥ', 'ଇଚ୍ଛାଶକ୍ତିର ପୃଥିବୀ', 'ପ୍ରେମର ଗୁଡ଼ିଉଡ଼ା', 'ଊର୍ଦ୍ଧ୍ୱ ଉଡ଼ାଣ', 'ଶୂନ୍ୟ ଦର୍ପଣର ଛବି', 'ଅବଶିଷ୍ଟ ଜୀବନ' ଓ 'ଅସରନ୍ତି ଅନୁରାଗ'। ପୁଣି 'ସାକ୍ଷାତ୍‌କାର' କବିତାଟି କବିତା ନା 'ସାକ୍ଷାତ୍‌କାର' ? ଏ ସବୁକୁ ବାଦ୍ ଦେଲେ ଅନ୍ୟ କବିତାଗୁଡ଼ିକ କବିତାର ପ୍ରତ୍ୟାଶିତ ଢଙ୍ଗରେ ଉପସ୍ଥାପିତ। କିନ୍ତୁ ଗଦ୍ୟପ୍ରତିମ କବିତାରେ ମନୋଜ ଅନୁଭବର ମଞ୍ଜି ଭିତରକୁ ପଶିବାର ଦକ୍ଷତା ରଖନ୍ତି। ଗ୍ରଥିତ ଶବ୍ଦମାନଙ୍କ ଭିତରେ ନୀରବରେ ଦର୍ଶନର ଛୋଟ ଛୋଟ ଝରଣା କେଉଁଠି ନା କେଉଁଠି ବହୁଥାଏ। ଯଥା: ''ବାପା! ତମେ ପାହାଡ଼ୀ ଝରଣା ପରି ବହିଯାଉଥିବା ଅସରନ୍ତି ଭଲପାଇବା। ତମେ ଦମ୍ଭ, ବିଶ୍ୱାସ ଓ ପ୍ରେରଣାର କୁହୁକ ଗଛ। ତମେ ମୋ' ପାଇଁ ବନିଛ ଆକାଶ କିମ୍ବା ତା'ଠୁ ବଡ଼। କେଉଁଠି ବି ଠିଆ ହେଉଛ ଦର୍ପଣ ହୋଇ। ତମକୁ କଳିବାର ଶକ୍ତି ନାହିଁ ମୋର।'' (ବାପା: ସରଳ ସତ୍ୟର ବିଦ୍ୟାଳୟ, ପୃ:୧୨)। ସାନ ସାନ ପଂକ୍ତିରେ କବି ଅନୁରାଗର ବିରଳ ଆୟତନ ଗଢ଼ିତୋଳନ୍ତି। ଯଥା: ''ଗୋଟିଏ ନୀଳକଇଁ ହିଁ ଯଥେଷ୍ଟ/ ମୋର ଲୁହବତୁରା ବଗିଚାର ଶୋଭା ବଢ଼ାଇବା ପାଇଁ।/ ଏକୁଟିଆ ଚାଲୁଛି/ ନିଜକୁ ଅତିକ୍ରମ କରିବା ଦାୟରେ/ ଏବେ ଜହ୍ନ ସାଙ୍ଗ ହେବା ପାଇଁ ଡାକୁଛି।'' (ଶିଶିର ବିନ୍ଦୁର ପୃଥିବୀ, ପୃ:୭୨)। କବିତା ଗଦ୍ୟରେ ଲେଖାଯାଉ କି ପଦ୍ୟରେ, କବି ତହିଁରେ ଜୀବନକୁ ଗରିମାମୟ କରି ଓ କେତେ ଗଭୀରରେ ସମ୍ପାଦି ପାରୁଛି, ତାହା ଉପରେ କବିତାର ସଫଳତା ନିର୍ଭର କରେ। ଏହି ମାନଦଣ୍ଡରେ ଆଲୋଚ୍ୟ କବିତା ବହିଟି ଉତ୍ତୀର୍ଣ୍ଣ ମନେହୁଏ।

### ଆମ ପାଲା ଆମ ସଂସ୍କୃତି



**ଲେଖକ:** ଡ. ଦୀନବନ୍ଧୁ ଦାଶ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ପ୍ରବନ୍ଧ ସଂକଳନରେ ରହିଛି ୨୭ଟି ଉପଶୀର୍ଷକ, ଯାହା ତତ୍‌ନିହିତ ବକ୍ତବ୍ୟର ସୂଚନା ଦିଏ। 'ନିଜକଥା'ରେ ପ୍ରାବନ୍ଧିକ କହନ୍ତି: ''ମୋ' ବିଚାରରେ ସତ୍ୟପୀର ପାଲାରୁ ଠିଆପାଲାର ବିକାଶ ହୋଇଛି ଓ ଏହା ଊନବିଂଶ ଶତାବ୍ଦୀର ଘଟଣା। ସତ୍ୟପୀର ପାଲାକୁ ହିନ୍ଦୁ-ମୁସଲମାନ ଧର୍ମ ସମନ୍ୱୟର ଅମୃତ ଫଳ ବୋଲି କରାଯାଇଥିବା ବିବେଚନାରେ ମୋର ଆପତ୍ତି ଅଛି। ଏହା ସମନ୍ୱୟର ସାଧନ ନୁହେଁ, ବରଂ ଅତ୍ୟାଚାର ଓ ଧର୍ମାନ୍ତରୀକରଣ ପରିପ୍ରେକ୍ଷୀରେ ଏହା ହିନ୍ଦୁର ଆତ୍ମରକ୍ଷାର କୌଶଳ ବୋଲି ମୋର ଧାରଣା।'' ଏପରି ଉଲ୍ଲେଖରୁ ସ୍ପଷ୍ଟ ହୋଇଯାଏ ଯେ ଆଲୋଚ୍ୟ ନିବନ୍ଧଗ୍ରନ୍ଥଟି ପାଲାକୁ ନେଇ ମୌଳିକ ବିଚାରବୋଧର ଏକ ବିଶ୍ୱସ୍ତ ଦଲିଲ। ଗ୍ରନ୍ଥରେ ପାଲାର ବିକାଶ ଓଡ଼ିଶାରେ କିପରି ହୋଇଛି, ତା'ର ବିଶ୍ଳେଷଣ କରାଯିବା ସହ ପାଲା ମଧ୍ୟରେ ଥିବା ପ୍ରଭେଦ ବା ସାମ୍ୟ, ଠିଆପାଲାର ଉଦ୍ଭବ ଓ ବିକାଶ, କବିର ଗାନ ଓ ଠିଆପାଲାର ତୁଳନାତ୍ମକ ବିଚାର, ପାଲା କଳାକାରଙ୍କ ପୋଷାକ ଓ ଆଭୂଷଣ, ଠିଆପାଲାରେ କାବ୍ୟାଲୋଚନା, ପାଲାର ଭାଷା, ସଂଗୀତ ଓ ଲୋକ ଉପାଦାନ ଆଦି ଚର୍ଚ୍ଚା ସହିତ ବାଦୀପାଲା ସମ୍ପର୍କରେ ଆଲୋଚନା କରାଯାଇଛି। ପାଲା କିପରି ଏକ ବୌଦ୍ଧିକ ପ୍ରଦର୍ଶନ ତାହାର ତର୍ଜମା କରାଯାଇ ପାଲାର ବିପର୍ଯ୍ୟୟ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରାଯାଇଛି। ଗ୍ରନ୍ଥରେ କତିପୟ ପ୍ରମୁଖ ପାଲାଗାୟକଙ୍କ ସମ୍ପର୍କରେ ଦିଆଯାଇଥିବା ସୂଚନା ତାତ୍ପର୍ଯ୍ୟପୂର୍ଣ୍ଣ।

## କବିତା

### କୁରୁକ୍ଷେତ୍ର

ଡ. ଗୌରୀଶଙ୍କର ସାହୁ

ଲୋଭ ଓ ଲାଳସାର ନଗ୍ନ ନାଚ
ଆଜି ଭାଙ୍ଗିଦେଇଛି ଜାନୁ
ଅସୂୟା, ପ୍ରତିହିଂସା, କାମନା,
ପରଶ୍ରୀକାତରତାରେ ଗଢ଼ା ରଥ
ଭାଙ୍ଗିରୁଜି ପଡ଼ିଛି ଆଜି
ଧୂଳିଧୂସରିତ ହୋଇ
ସରିଯାଇଛି କୁରୁକ୍ଷେତ୍ର
ଲଢ଼େଇ।

ମତ୍ତ ହୋଇ ମଣିଷ କରିପାରେ
ଅପମାନିତ ସ୍ୱୟଂ ଠାକୁରଙ୍କୁ
ଫେରାଇ ଦେଇପାରେ
ରିକ୍ତ ହସ୍ତେ ଯାଚକମାନଙ୍କୁ
ଧର୍ମର ଧ୍ୱଜାଧାରୀମାନେ
ବାଜି ଲଗାଇ ପାରନ୍ତି
ଜୁଆଖେଳରେ
ଅର୍ଦ୍ଧାଙ୍ଗିନୀ, ଗୃହଲକ୍ଷ୍ମୀ
ସତ୍ୟସନ୍ଧ ବି ମିଛ କହିପାରନ୍ତି
ସତ୍ୟର ମୁଖା ତଳୁ
ଶର ବି କାହାପାଇଁ
ହୋଇପାରେ ଶେଯ
ଏ ସବୁର ସାକ୍ଷୀ ଓ ସନ୍ତକ
ବିଛେଇ ହୋଇ ପଡ଼ିଛି କୁରୁକ୍ଷେତ୍ରେ
ହେଇ ଦେଖ!

ଆମେ ଯାହା ଦେଖିଲେ
କେତେ ସତ କେତେ ମିଛ
ବେଲାଳସେନକୁ ପଚାରି ଦେଖ
ପୂଜା-ପାଠ, ଜପ-ତପରୁ
ମିଳିନଥିଲା ଯାହା କାଳକାଳ
ସେଇ ମହାର୍ଘ ଗୀତାଜ୍ଞାନ
ବିସରିଗଲା ଧରାରେ ସେଦିନ
ଯୋଚିବା ପାଇଁ ଯୁଦ୍ଧଟିଏ
ବିଭୁଙ୍କ ବିଶ୍ୱରୂପ
ବିଜେ ହୋଇଥିଲେ
କେବଳ ସେଇଠି
ସବୁ ଆଜି ବିସ୍ମରଣ
ଡାକବାଜିରେ ମୁଖର
ପ୍ରବଞ୍ଚକର ପ୍ରବଚନ
ସକାଳୁ ପାହାନ୍ତାଯାଏ ସେଇ ସେଇ
ଧରାବନ୍ଧାର ଜୀବନ।

ମୋ: ୭୯୭୮୪୨୧୮୩୫

### ଜୀବନର ଚିତ୍ରକଳ୍ପ

ସନ୍ନ୍ୟାସୀ ନାୟକ

ଦୁଃଖ ଅଛି ବୋଲି ତ
ମୁଁ କବିତା ଲେଖେ,
ତୁମ ଭଲପାଇବା
ମୋତେ ବଞ୍ଚାଇ ରଖେ,
ପର ଭିତରେ
ଆପଣା ପଣ ଖୋଜେ...

ପ୍ରେମ ହେଲେ ବି
କହିପାରେନି କାହା ଆଗେ,
କେବଳ ଦୁଃଖ ପାଇଁ
ଜୀବନ ଜିଇଲା ପରି ଲାଗେ...

ସୁଖ ଦୁଃଖ
ପଇସାର ଦୁଇପାଖ,
କେବେ ଆସିବ
କେବେ ଯିବ
କ'ଣ କହିହେବ ?
ସୁଖ ଦୁଃଖର
ଲୁଚାଛପା ଖେଳରେ,
ଏ ମଣିଷ
ବଞ୍ଚିବା ପାଇଁ ବିକଳ,
ଯିଏ ସବୁବେଳେ
ପାଖରେ ଥାଏ...
ସେ ଦୁଃଖ ହିଁ କେବଳ...

ସୁଖ ତ ପଦ୍ମଫୁଲ ପରି
ପବନରେ ଢଳଢଳ,
ଦୁଃଖ ପଙ୍କ ଭର୍ତ୍ତି ଥଳକୂଳ,
ପ୍ରତ୍ୟେକ ଦୁଃଖ
ସୁଖର ଜନ୍ମସ୍ଥଳ,

ସବୁ ଅଭାବ ଭିତରେ
ଦୁଃଖଟିଏ ଥାଏ,
ନୂତନ ସମ୍ଭାବନା ଜନ୍ମ ନେଉଥାଏ,
ବଡ଼ଭାଇ ପରି ଦୁଃଖ
ସାନଭାଇ ସୁଖକୁ
ମା' ପେଟରୁ ବୋହି ଆଣୁଥାଏ...

ମୋ: ୯୪୩୭୩୫୨୫୬୦

ଗୀତି-କବିତା

### ପାରେକି ଲିଭାଇ

ଲକ୍ଷ୍ମୀପ୍ରିୟା ପୃଷ୍ଟି

ଶୀତଳ ସମୀର ପାରେକି ଲିଭାଇ
ଦହନର ଜ୍ୱାଳା କାର
ସିକତାର ଶେଯ ପାରେନି ଝରେଇ
ତଟିନୀ ବୁକୁର ଝର।
ପ୍ରତିମା ବୁଝେନି ପ୍ରେମର ମହକ
ଅବା ତା'ର ଭାଷାନ୍ତର
ପଲ୍ଲବିତ ପ୍ରାଣ ଦୋହଲି ଉଠଇ
ପ୍ରତାରଣା ପାଏ କାର।
ସାଗର ବୁକୁରେ ଅନେକ ଶାମୁକା
ରିକ୍ତ କିଏ ମୁକ୍ତା ବିନା
ସହଜରେ ସୁଖ ମିଳେନା ଭାଗ୍ୟରେ
କାହା ପାଇଁ ବିଡ଼ମ୍ବନା।
ସବୁ ଶ୍ରାବଣ ତ ପାରେନି ଭିଜେଇ
ମନ ଅଙ୍ଗନ କାର
ଚିପୁଡ଼ା ଲୁହରେ ଭାଜେ କା ସପନ
ଭୁଲି ସବୁ ଅଙ୍ଗୀକାର।
ସବୁ ତିଥି ନୁହେଁ ପୂନେଇଁର ତିଥି
ବରଷିବ ମଧୁ ଧାର
ଶୀତଳ ସମୀର ପାରେକି ଲିଭାଇ
ଦହନର ଜ୍ୱାଳା କାର।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



**''ଲେଖକ ସେଇ ଜଣକ,
ଯିଏ ନିଜ ଦ୍ୱିତୀୟ ସତ୍ତାର
ଆବିଷ୍କାର ପାଇଁ ଧୈର୍ଯ୍ୟର ସହ
ବହୁ ବର୍ଷ ବ୍ୟୟ କରେ।''**
**-ଓରହାନ୍ ପାମୁକ୍**

**ଓରହାନ୍ ପାମୁକ୍‌ଙ୍କ** ଜନ୍ମ ତୁର୍କୀର ଇସ୍ତାନବୁଲ୍‌ରେ ୭ ଜୁନ୍ ୧୯୫୨ରେ। ବୃତ୍ତି ଅଧ୍ୟାପନା। ତାଙ୍କର ପ୍ରସିଦ୍ଧ ଉପନ୍ୟାସଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'ସାଇଲେଣ୍ଟ ହାଉସ୍', 'ଦ ହ୍ୱାଇଟ୍ କେସଲ', 'ଦ ବ୍ଲାକ୍ ବୁକ୍', 'ଦ ନ୍ୟୁ ଲାଇଫ୍', 'ମାଇଁ ନେମ୍ ଇଜ୍ ରେଡ୍' ଓ 'ସ୍ନୋ'। ପାମୁକ୍ ହେଉଛନ୍ତି ତୁର୍କୀର ପ୍ରଥମ ନୋବେଲ ବିଜେତା, ଯାହାଙ୍କୁ ୨୦୦୬ରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳିଥିଲା। ନୋବେଲ ବ୍ୟତୀତ ସେ ତାଙ୍କର ଉଲ୍ଲେଖନୀୟ ସାହିତ୍ୟକୃତି ପାଇଁ ଅନ୍ୟ ବହୁ ବିଶିଷ୍ଟ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି, ଯହିଁରୁ ଅନ୍ୟତମ ୨୦୦୩ରେ ସେ ପାଇଥିବା ଅନ୍ତର୍ଜାତୀୟ ଡବ୍ଲିନ୍ ସାହିତ୍ୟ ପୁରସ୍କାର। ପାମୁକ୍ କହନ୍ତି: ''ଜୀବନ ସଂକ୍ଷିପ୍ତ, ତେଣୁ ଏହାର ପ୍ରତ୍ୟେକଟି ମୁହୂର୍ତ୍ତକୁ ସମ୍ମାନ ଦିଅ।''

# ତୁଟାତାରା

ସୁନନ୍ଦା ମହାନ୍ତି

ଲଘୁଗଳ୍ପ

ସ୍ୱପ୍ନଦୀପ ଜୀବନରୁ ଲିଜା ଚାଲିଗଲା ସିନା ହେଲେ ଭଲପାଇ ଭୁଲିଯିବା ଧର୍ମ ନ ଥିଲା ସ୍ୱପ୍ନଦୀପର। ଏବେ ସେ ବୁଝିସାରିଥିଲା ଯେ ତା' ମାତା ପିତାଙ୍କର ଘର, ଗାଡ଼ି, ବ୍ୟାଙ୍କ ବାଲାନ୍ସ ସହ ତା'ର ମୋଟା ଅଙ୍କର କମ୍ପାନୀ ଚାକିରି ଦେଖି ହିଁ ଲିଜା ତାକୁ ଭଲପାଇଥିଲା। ଯେମିତି ସ୍ୱପ୍ନଦୀପର ଲେ ଅଫ୍ ଖବର ଆସିଲା, ଲିଜା ଠିକ୍ ସେହି ସମୟରେ ବିଦେଶ ଯିବାକୁ କାହିଁକି ଯେ ବାହାରିଲା ବୁଝି ନ ପାରିଲେ ମଧ୍ୟ ସ୍ୱପ୍ନଦୀପ କୋଉଠିନା କୋଉଠି ଧୋକା ଖାଉଥିଲା। ମାଆ ବାପାଙ୍କ କଥାରେ ଯେ ଲିଜାର ବାହାଘର ଭାଙ୍ଗି ବିଦେଶ ଯିବାର କାରଣ କେବଳ ତା'ର କମ୍ପାନୀରୁ ବହିଷ୍କୃତ ହେବାର ଖବର ବୋଧେ। ଏ କଥାକୁ ସ୍ୱପ୍ନରେ ସୁଦ୍ଧା ବିଶ୍ୱାସ କରୁ ନ ଥିବା ସ୍ୱପ୍ନଦୀପକୁ କଥାଟା ଖଟ୍‌କା ଲାଗିଥିଲା। ଯେବେ ତା' ସହ ଦେଖାକରିବା ଦୂରେଥାଉ, ଲିଜା ଫ୍ଲାଇଟ୍‌ରେ ବସିବା ଆଗରୁ ଅନ୍ତତଃ ଫୋନ୍‌ଟିଏ ମଧ୍ୟ କରି ନ ଥିଲା, ଯଦିଓ ସି ଅଫ୍ କରିବାକୁ ଚାତକ ପରି ଅପେକ୍ଷା କରି ରହିଥିଲା ସ୍ୱପ୍ନଦୀପ।

ସେହିଦିନ ରାତିରେ ତା' ଆଖିକୁ ନିଦ ନ ଥିଲା। ପାଖରେ ଥିବା କାଠଯୋଡ଼ି ନଦୀର କଳକଳ ଛଳଛଳ ଶବ୍ଦ ଯେମିତି ହାତଠାରି ତାକୁ ନିମନ୍ତ୍ରଣ କରି ଡାକୁଥିଲେ କାଠଯୋଡ଼ି କୂଳକୁ। ସ୍ୱପ୍ନଦୀପ କିନ୍ତୁ ଆକାଶକୁ ଚାହିଁ ଦେଖୁଥିଲା ଉଲ୍‌କାପାତକୁ ଓ ଭାବୁଥିଲା ଲିଜାର ପ୍ରତ୍ୟାଖ୍ୟାନ ସବୁକୁ। ଠିକ୍ ସେତିକିବେଳେ ତା'ର ସାଙ୍ଗ ଦୀନେଶ କଥା ମନେପଡୁଥିଲା। ଗୋଟେ ଝିଅର ପ୍ରେମରେ ପଡ଼ି ସେ କେମିତି ଘରୁ ଟଙ୍କା ସୁନା ରୁପା ସବୁ ଚୋରି କରିନେଇ ବିଶ୍ୱାସରେ ପ୍ରେମିକା ଲିଲି ହାତକୁ ଦେବା ପରେ ଦିନ ଦୁଇଟା ଯାଇଛି କି ନାହିଁ ଲିଲି ଦୀନେଶକୁ ଧୋକା ଦେଇ ଆଉଜଣଙ୍କ ସଙ୍ଗେ ସେସବୁ ନେଇ ଚାଲିଯାଇଥିଲା ବହୁ ଦୂରକୁ। କଥାଟାକୁ ସେତେବେଳେ ହାଲୁକା ମନେକରୁଥିବା ସେଦିନର ସ୍ୱପ୍ନଦୀପ ଆଜି ଭାବୁଥିଲା ପ୍ରେମରେ ସତରେ କ'ଣ ପ୍ରତାରଣା ଥାଏ, ନା ଏହା କେବଳ ସାହିତ୍ୟର ଗୋଟେ ଅସମାହିତ ଶବ୍ଦ ? ଆଜି କିନ୍ତୁ କାହିଁକି ତାକୁ ସେସବୁ ସତ ଓ ବାସ୍ତବ ମନେହେଉଥିଲା କେଜାଣି! ଏତିକିବେଳେ ପୁଣି ଉଲ୍‌କାପାତ ତା' ମନରେ ନୂତନ ସମ୍ଭାବନାର ସ୍ୱପ୍ନ ବୁଣିଦେଲା। ଶୁଭ ହେବ ବୋଲି ଭାବି କାଠଯୋଡ଼ି କୂଳ ନୁହେଁ ବରଂ ଶୋଇବାକୁ ଗଲା ଶାନ୍ତିରେ। ସ୍ୱପ୍ନ ଦେଖିଲା ହାତୀ ପିଠିରେ ବାଘ ବସିଛି, ବାଘ ପିଠିରେ ହଳଦୀବସନ୍ତ ଚଢ଼େଇ। କହୁଛି ଯା' ଉଡ଼ି ଉଡ଼ି। ଜୀବନରେ ତ ଆସିବ ଅନେକ ନଈବଢ଼ି। ନିଦ ଭାଙ୍ଗିଗଲା ଯେବେ ଫୋନ୍ ବାଜୁଥିଲା, ତତେ କିଏ ଖୋଜୁଛି କହୁଥିଲା ମାଆ ତ ଦଉଡ଼ି ଯାଇ ଫୋନ୍ ଧରିଲା ସ୍ୱପ୍ନଦୀପ। ଭାବୁଥିଲା ନିଶ୍ଚୟ ଲିଜା ପହଞ୍ଚି ଫୋନ୍ କରୁଛି। କେତେ କଥା ତାକୁ କହିବ ଓ ସେ ମଧ୍ୟ ତାକୁ କେତେ କଥା ଜଣେଇବ। ଜଣେଇବ କାଲି ଉଲ୍‌କାପାତ ଦେଖିଥିଲା ବୋଲି ଆଜି ସକାଳୁ ସକାଳୁ ଲିଜା ତୁମର ଫୋନ୍ ଆସିଛି ନିଶ୍ଚୟ। ହେଲେ ଲିଜା ନ ଥିଲା ବରଂ ସେ ଆପ୍ଲାଇ କରିଥିବା ପୋଷ୍ଟରେ ତା'ର ବିଦେଶରେ ଚାକିରି ହୋଇଯିବା ଖବର ଥିଲା।

ସ୍ୱପ୍ନଦୀପ ବେଡ଼ିଂ ସଜାଡୁଥିଲା ବିଦେଶ ଯିବାକୁ। ମାଆ କହୁଥିଲା ଲିଜା ତ ମୁହଁ ମୋଡ଼ି ଚାଲିଗଲା। ତୁ ତା' ପଛରେ ପଡ଼ି ବେଙ୍ଗାଲୁରୁ ଯିବା କ'ଣ ଦରକାର ପୁଅ ? ଇଟାର ଜବାବ ପଥରରେ ନ ଦେଲେ ନାହିଁ କି କୁକୁର ଆମକୁ କାମୁଡ଼ିଲେ ଆମେ କୁକୁରକୁ ନ କାମୁଡ଼ିବା ଉଚିତ।



କିନ୍ତୁ ଛାଡ଼ିଯାଇଥିବା ବନ୍ଧୁ ଓ ପ୍ରତ୍ୟାଖ୍ୟାନ କରିଥିବା ପ୍ରେମିକାକୁ ପୁଣି ବିଶ୍ୱାସ କରିବା କ'ଣ ଉଚିତ! ଉତ୍ତର ନ ଦେଇ ଘର ଛାଡ଼ିବାବେଳେ ସ୍ୱପ୍ନଦୀପ କହିଥିଲା ନିଜ ଭୁଲ୍‌କୁ ସଂଶୋଧନ କରିବାକୁ ଯାଉଛି ମାଆ। ବାପା ଆଗେ ଆଗେ ସ୍ୱପ୍ନଦୀପର ବେଡ଼ିଂ ଧରି ଏୟାରପୋର୍ଟ ବାହାରୁଥିଲେ। ଫ୍ଲାଇଟ୍‌ରୁ ଓହ୍ଲାଇବା ବେଳକୁ ନୂଆ ଏମ୍‌ଡିଙ୍କୁ ସ୍ୱାଗତ କରିବାକୁ ବଡ଼ କମ୍ପାନୀର ଷ୍ଟାଫ୍‌ମାନେ ଆସିଯାଇଥିଲେ ୱେଲ୍‌କମ୍ କରିବାକୁ ତ ଆଗରେ ଥିଲା ଲିଜା। ତା' ହାତରୁ ଫୁଲତୋଡ଼ା ଗ୍ରହଣ ନ କରି ଆଗକୁ ଆଗେଇ ଯାଉଥିଲା ସ୍ୱପ୍ନଦୀପ, ହସି ହସି ହାଲୋ ହାଏ ହାଏ କରି କରି। ଖୁବ୍ ଶୀଘ୍ର ମାଆବାପାଙ୍କ ପସନ୍ଦର ଝିଅକୁ ବିବାହ କରିଥିଲା ସ୍ୱପ୍ନଦୀପ। ଓଢ଼ଣା ଉଠାଇ ପ୍ରଥମ ରାତିରେ ନବବଧୂର ମୁହଁ ଦେଖି ଚମକି ପଡ଼ିଥିଲା ସ୍ୱପ୍ନଦୀପ। କାରଣ ସେ ଲିଜା ହିଁ ଥିଲା। ଲିଜା ତା'ର ପାଦ ଛୁଇଁ ପ୍ରଣାମ କରି କ୍ଷମା କରିଦେବାକୁ ଅନୁରୋଧ କରିବା ସ୍ୱପ୍ନଦୀପକୁ ଲାଗୁଥିଲା ଆକାଶରୁ ଉଲ୍‌କାପାତ ହେଉଛି।

ମୋ: ୯୦୪୦୯୭୭୩୨୭

# ପର୍ଯ୍ୟଟନ ସଚିବ, ପ୍ରତ୍ନତତ୍ତ୍ୱ ଅଧିକାରୀଙ୍କ କପିଳାସ ପରିଦର୍ଶନ


କପିଳାସ ପୀଠ ପରିଦର୍ଶନ କରୁଛନ୍ତି ସଚିବ, ଏଏସ୍ଆଇ ଅଧିକାରୀ।


ଯୋରନ୍ଦାଠାରେ ସାଧୁମାନଙ୍କ ସହିତ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୬।୬(ରତନ ନାୟାର)

ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ କମିଶନର ସଚିବ ବଲବନ୍ତ ସିଂହ ଓ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଅଧିକାରୀ ଡି.ବି ଗଡନାୟକ ଗୁରୁବାର ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ରାଜ୍ୟ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ସରୋଜ କୁମାର ସ୍ୱାଇଁ, ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଅଧିକାରୀଙ୍କ ଉପସ୍ଥିତିରେ ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ସଚିବ, କପିଳାସ ମନ୍ଦିର ଏବଂ ପୀଠ ଚତୁପାର୍ଶ୍ୱରେ ହେବାକୁ ଥିବା ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ପୀଠ ପରିସରକୁ ବୁଲି ଦେଖିଥିଲେ । ପୀଠରର ଉନ୍ନତିକରଣ ଏବଂ ସମସ୍ୟା ସମ୍ପର୍କରେ ଜିଲାପାଳ ଓ ଜିଲା ଦେବୋତ୍ତର ଅଧିକାରୀ ପର୍ଯ୍ୟଟନ କମିଶନର ସଚିବ ଓ ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏହାପରେ ପର୍ଯ୍ୟଟନ କମିଶନର ସଚିବ, ଜିଲାପାଳ, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ, ଉପଜିଲାପାଳ ଓ ଜିଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦା ପରିଦର୍ଶନ କରିଥିଲେ। ପର୍ଯ୍ୟଟନ କମିଶନର ସଚିବ ଯୋରନ୍ଦା ପୀଠରେ ମହିମା ସାଧୁମାନଙ୍କ ସହ ମଧ ପୀଠର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏ ସଂକ୍ରାନ୍ତରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କୁହନ୍ତି ଯେ, କପିଳାସ ପୀଠରର ଉନ୍ନତୀକରଣ ପାଇଁ ଆମେ ଡିପିଆର ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଇବୁ । ମହିମାଗାଦି ଯୋରନ୍ଦାର ଉନ୍ନତିକରଣ ନିମନ୍ତେ ଅନୁଦାନ ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି । ଏହାର ଉନ୍ନତିକରଣ କାର୍ଯ୍ୟ ସମ୍ପର୍କରେ ପୀଠ ପରିସର ପରିଦର୍ଶନ କରି ଅନୁଧ୍ୟାନ କରାଯାଇଥିଲା ବୋଲି ଜିଲାପାଳ ସୂଚନା ଦେଇଥିଲେ । ପ୍ରକାଶଥାଉ କି, ଗତ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ ଏକ ବିଶାଳ ଜନସମାବେଶରେ ଉଦବୋଧନ ଦେଇ ମହିମାଗାଦି ଯୋରନ୍ଦାର ଉନ୍ନତୀକରଣ ପାଇଁ ୧୭୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ୟାବିନେଟ ମଞ୍ଜୁରୀ ହୋଇଛି ବୋଲି ଘୋଷଣା କରିଥିଲେ। ସେହିପରି କିଛିଦିନ ତଳେ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ କପିଳାସ ପୀଠର ଉନ୍ନତୀକରଣ ପାଇଁ ଆର୍କୋଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ସହ ଆଲୋଚନା କରି ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ୫୩ ଯୁବତୀ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ


ଅତିଥିମାନଙ୍କ ସହିତ ପୁରସ୍କୃତ ପ୍ରତିଭା।

ଢେଙ୍କାନାଳ,୬।୬(ରତନ ନାୟାର)

## ଅମୃତ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ

ଢେଙ୍କାନାଳ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍ (ଆଇପିଏଲ୍) ଓ ରାଇଜ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଅମୃତ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ୫୩ଜଣ ଯୁବତୀ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଆଇପିଏଲ୍ ସୁଗାର ୟୁନିଟ୍ ଓ ଜିବିଡି ପ୍ଲାଂଟ୍ କଳାହାଣ୍ଡିର ମହାପ୍ରବନ୍ଧକ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଆଇପିଏଲ୍ ସୁଗାର ୟୁନିଟ୍ ଢେଙ୍କାନାଳର ୟୁନିଟ୍ ହେଡ୍ ସନ୍ତୋଷ କୁମାର ଦାସ ଓ ଆଇପିଏଲ୍ ସୁଗାର ୟୁନିଟ ଢେଙ୍କାନାଳର କେନ୍‌ହେଡ୍ ରାଜେଶ କୁମାର ସିଂହ ପ୍ରମୁଖ ଯୋଗଦେଇ ଇଣ୍ଟର୍ନଶିପ୍‌ମାନଙ୍କୁ ସାମାଜିକ ସେବା, ଆତ୍ମନିର୍ଭରତା ଓ ନେତୃତ୍ୱ କୌଶଳ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ ଏବଂ ଭାରତର ଗ୍ରାମୀଣ ଉନ୍ନତିରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ। ରାଇଜ୍ ଫାଉଣ୍ଡେଶନର ସଚିବ ଅଭୟ ତ୍ରିପାଠୀ ଯୋଗଦେଇ ଅମୃତ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ଯୁବତୀ ଯୁବକମାନେ ଗ୍ରାମୀଣସ୍ତରର ଚ୍ୟାଲେଞ୍ଜଗୁଡ଼ିକୁ ଅନୁଭବ କରି ସମ୍ବେଦନଶୀଳ, ଦାୟିତ୍ୱଶୀଳ ଓ ସମାଧାନମୁଖୀ ନେତୃତ୍ୱ ନେବାକୁ କହିଥିଲେ। ତାଲିମ ନେଇଥିବା ଇଣ୍ଟର୍ଣ୍ଣସିପ୍ ମାନେ ଗାଁରେ କୃଷକମାନଙ୍କ ସହିତ ଆଲୋଚନା ଓ ସାକ୍ଷାତକାର ସହିତ ୧୦୦ ଠାରୁ ଅଧିକ କୃଷକଙ୍କ କୃଷି, ପରିବେଶ, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ତଥ୍ୟ ସଂଗ୍ରହ ଏବଂ କରିଥିଲେ । ଇଣ୍ଟର୍ନଶିପ୍ ଅବଧିରେ ପ୍ରତ୍ୟେକ ଇଣ୍ଟର୍ନଶିପ୍‌କୁ ମୋଟ୍ ୧୮ ହଜାର ଲେଖାଏଁ ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତ ଇଣ୍ଟର୍ଣ୍ଣସିପମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଇଣ୍ଟର୍ନଶିପ୍‌ମାନେ ସେମାନଙ୍କର ଅନୁଭବ ବଖାଣିଥିଲେ । ଏହି ଅବସରରେ ଆଇପିଏଲ୍ ସୁଗର୍ ୟୁନିଟିର ଉପପ୍ରବନ୍ଧକ ଜୟପାଳ ଖମାରୀ, ଅଶୋକ କୁମାର, ଏବଂ ୟୁନିଟିର ଅନ୍ୟାନ୍ୟ କର୍ମଚାରୀ ଓ ସମସ୍ତ ଇଣ୍ଟର୍ନଶିପ୍‌ମାନେ ଉପସ୍ଥିତ ଥିଲେ।

# ବଣିଆପଡ଼ା ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ



ଢେଙ୍କାନାଳ,୬।୬(ରତନ ନାୟାର)

## ଗ୍ରାମ ରାସ୍ତାଦେଇ ବେଆଇନ ବାଲି ଚାଲାଣ ରୋକାଯାଉ

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଓଡାପଡା ପଞ୍ଚାୟତ ସମିତି ବଣିଆପଡା ଗ୍ରାମବାସୀ ଶୁକ୍ରବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟରେ ଜିଲାପାଳଙ୍କୁ ଭେଟି ଗ୍ରାମ ରାସ୍ତାଦେଇ ବେଆଇନ ବାଲି ଚାଲାଣ ରୋକିବା ପାଇଁ ଦାବି କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗରୁ ଜଣାପଡିଛି ଯେ, ଗ୍ରାମ ରାସ୍ତାରେ ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଯାତାୟତ କରୁଛନ୍ତି। ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ବୋଝେଇ କରି ଶହଶହ ଭାରିଯାନ ଗ୍ରାମର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାରେ ଯାଉଥିବାରୁ ରାସ୍ତାଟି ଖାଲଖମଣ ହୋଇ ବିପଦସଙ୍କୁଳ ହୋଇଛି । ବର୍ଷାହେଲେ ପାଣି କାଦୁଅ ବୋଲି ଦୁର୍ଘଟଣାର କାରଣ ସାଜିଛି । ରାସ୍ତା ବିପଦସଙ୍କୁଳ ଯୋଗୁ ଗ୍ରାମକୁ ଆମ୍ବୁଲାନ୍ସ ମଧ ଆସିପାରୁନାହିଁ। ପ୍ରସବ ମହିଳାଙ୍କୁ ମେଡିକାଲ ନେବାକୁ ସମ୍ଭବପର ହେଉନଥିବା ବେଳେ ଛୋଟ ପିଲା ବିଦ୍ୟାଳୟକୁ ଯିବାରେ ସମସ୍ୟା ଭୋଗୁଛନ୍ତି । ଏ ସମ୍ପର୍କରେ ଓଡାପଡା ତହସିଲଦାର, ବିଡିଓ, ମୋଟଙ୍ଗା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଦିଆଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର ତଦନ୍ତ କରାଗଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲି ବ୍ୟବସାୟୀମାନେ ଓଡାପଡା ତହସିଲ ଓ ପୋଲିସ ବାବୁମାନଙ୍କୁ ହାତକରି ଅବାଧରେ ବାଲି ଚୋରା ଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେଉଛି । ପ୍ରତିବାଦ କଲେ ଧମକଚମକ ମିଳୁଛି । ଗ୍ରାମବାସୀ ଆତଙ୍କିତ ହୋଇ ରହିଛନ୍ତି । ତେଣୁ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀମାନଙ୍କ ସହ ଢେଙ୍କାନାଳ ଜିଲା ପରିଷଦ ପୂର୍ବତନ ସଭାପତି ରେବତୀ ବେହେରା, ଜିଲା ପରିଷଦ ସଭ୍ୟ ସାବିତ୍ରୀ ମହାରଣା, ବଦ୍ରି ନାରାୟଣ ମିଶ୍ର, ପ୍ରୀୟବ୍ରତ ମହାକୁଡ, ପୂର୍ଣ୍ଣେନ୍ଦୁ ସାହୁ, ବିଶ୍ୱ ରଞ୍ଜନ ସାହୁ, ପ୍ରବୀର ମହାରଣା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

## ମହାଲକ୍ଷ୍ମୀ ଏସ୍ଏଚ୍‌ଜି ପ୍ରଥମ


ଖାଦ୍ୟର ମାନ ପରୀକ୍ଷା କରୁଛନ୍ତି ବିଚାରକ ମଣ୍ଡଳୀ।

ଢେଙ୍କାନାଳ,୬।୬(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସୁଭଦ୍ରା ଶକ୍ତି ଦ୍ୱାରା ଶୁକ୍ରବାର ଏକ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ବାଇଁସିଆ ଗ୍ରାମ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ କାବେରା ଗ୍ରାମର ଜଗତଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ପଦ୍ମାଳୟା ସ୍ୱୟଂ ସହାୟକ ଗୋଷ୍ଠୀ ପୋରୁହଖୋଜ, ଶକ୍ତି ମା’ ଭବାନୀ ହାତୀବାରୀ, ଶକ୍ତି ମା’ ଭଗବତୀ ଏସ୍ଏଚ୍‌ଜି ଡାଳସିଙ୍ଗା ମାର୍ଥାପୁର, ଶକ୍ତି ମା’ ତାରେଣୀ ଏସ୍ଏଚ୍‌ଜି ସନ୍ଥସରା, ମା’ ଶ୍ରୀୟା ଏସ୍ଏଚ୍‌ଜି ଗଁଦିଆ, ମହିମା ଶ୍ରୀଗଣେଶ ଏସ୍ଏଚ୍‌ଜି ଝରଦା, ଜଗତଜନନୀ ଏସ୍ଏଚ୍‌ଜି କେବରା, ଶକ୍ତି ଅମ୍ବିକା ଏସ୍ଏଚ୍‌ଜି ସାନ୍ତାପଶିପାଟଣା, ମା’ ତାରେଣୀ ଏସଏଚ୍‌ଜି କେନ୍ଦୁପଡା, ମହାଲକ୍ଷ୍ମୀ ଏସ୍ଏଚ୍‌ଜି ବାଇଁସିଆ ପ୍ରମୁଖ ଯୋଗ ଦେଇଥିଲେ । ଆମ ରାଜ୍ୟର ପାରମ୍ପରିକ ଖାଦ୍ୟ ପୋଡପିଠା, ମଣ୍ଡା, ଆରିଶା, କାକରା, ବରା ଓ ଚକୁଳି ଆଦି ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ବିଚାରକ ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ରହିଥିଲେ । ବିଚାରକମାନେ ଖାଦ୍ୟର ମାନ ପରୀକ୍ଷା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ହୋଇଥିବା ଦଳ ଆଗାମୀ ଦିନରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା ବାଇଁସିଆ ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ହଜାର ଟଙ୍କା ଓ ଦ୍ୱିତୀୟ ହୋଇଥିବା ଜଗତଜନନୀ ସ୍ୱୟଂ ସହାୟକ ଗୋଷ୍ଠୀ କାବେରାକୁ ୪ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ବିଡିଓ ପବିତ୍ର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ ମହାନ୍ତି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନସୀ ଦାସ, ଗଁଦିଆ ଅଗ୍ନିଶମ ଅଧିକାରୀ ଦିନବନ୍ଧୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ବିଦ୍ୟାକାନ୍ତ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟ୍ରକ୍‌କୁ ପଛରୁ ପିଟିଲା ଆମ୍ବୁଲାନ୍ସ

କାମାକ୍ଷାନଗର,୬।୬
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ନୂଆପାଣି ନିକଟରେ ଶୁକ୍ରବାର ସକାଳେ ଟ୍ରକକୁ ପଛରୁ ପିଟିଛି ଆମ୍ବୁଲାନ୍ସ। ଅଳ୍ପକେ ବର୍ତ୍ତିଯାଇଛନ୍ତି ରୋଗୀ ଓ ସମ୍ପର୍କୀୟ । ରାଉରକେଲା ଅଞ୍ଚଳରୁ ରୋଗୀ ନେଇ ଆମ୍ବୁଲାନ୍ସଟି ଭୁବନେଶ୍ୱର ଯାଉଥିବା ବେଳେ ଡ୍ରାଇଭର ରାସ୍ତା ଜାଣିନପାରି ଭୁବନ ଆଡ଼କୁ ଯାଇଥିଲେ। ନୂଆପାଣି ନିକଟରେ ଡ୍ରାଇଭରଙ୍କ ଆଖି ଲାଗିଯିବା କାରଣରୁ ରାସ୍ତା ପାର୍ଶ୍ୱରେରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ଆମ୍ବୁଲାନ୍ସଟି ପିଟି ହୋଇଯାଇଥିଲା। ଆମ୍ବୁଲାନ୍ସର ସାମ୍ନାପଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ସୌଭାଗ୍ୟବଶତଃ ଗାଡ଼ି ଭିତରେ ଥିବା ରୋଗୀ ଓ ଅନ୍ୟ ସମ୍ପର୍କୀୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେମାନେ ଚିକିତ୍ସିତ ହୋଇ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଯାଇଥିବା ଜଣାପଡିଛି।

# ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ



ଢେଙ୍କାନାଳ,୬।୬(ରତନ ନାୟାର)

## ବିପିସିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସଦାଶିବପୁରସ୍ଥିତ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ସିୟୁଏଫ୍ ଡିପୋ ପକ୍ଷରୁ ରାଟୋରୀ କ୍ଲବ ଭୁବନେଶ୍ୱର, ଫ୍ରେଣ୍ଡସ ଅଫ୍ ଏନଭାରୋମେଣ୍ଟ ଓଡିଶା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯିବା ସହ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ୱାନ ନେଶନ-ୱାନ୍ ମିଶନ ଓ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାକୁ ନେଇ ସଚେତନତା କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି ବିଶେଷ ସ୍ୱଚ୍ଛ ଭାରତ, ହରିତ ଭାରତ ଆହ୍ୱାନ ଦେଇ ପରିବେଶକୁ ସୁରକ୍ଷିତ ରଖିବା ସହ ପ୍ଲାଷ୍ଟିକମୁକ୍ତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେଇଥିଲେ । ପ୍ରାୟ ୫୦୦ ଚାରା ଡିପୋ ପରିସରରେ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମରୀକ ବାହିନୀର ଅବସରପ୍ରାପ୍ତ ଅଧିକାରୀ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ, ବିପିସିଏଲର ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିବା ସୂଚନା ଦିଆଯାଇଛି।

# ଗଁଦିଆ ବ୍ଲକରେ ଗଡ଼ିଲା ଆମ ସଂକଳ୍ପ ରଥ

ଢେଙ୍କାନାଳ,୬।୬(ରତନ ନାୟାର)



ଢେଙ୍କାନାଳ ଜିଲା ଗଁଦିଆ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଆମ ସଂକଳ୍ପ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି । ବ୍ଲକ ପରିସରରେ ଗଁଦିଆ ଅବକାରୀ ଅଧିକାରୀ ସୁନିତା କେରକେଟା ଏହାର ଶୁଭାରମ୍ଭ କରି ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ଅପମିଶ୍ରିତ, ବିଷାକ୍ତ ଓ ଚୋରାମଦ କାରବାରର ସମ୍ପୂର୍ଣ୍ଣ ରୋକିବା ସମ୍ପର୍କରେ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ । ନିଶା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ସହ କେଉଁ ଅପରାଧରେ କେଉଁ ଦଣ୍ଡ କିମ୍ବା ଜୋରିମାନା ବ୍ୟବସ୍ଥା ସେ ସମ୍ପର୍କରେ ସୂଚନା ଦେଇଥିଲେ। ଗଁଦିଆ ବ୍ଲକର ୨୯ଟି ପଞ୍ଚାୟତରେ ଏହି ରଥ ବୁଲିବ ବୋଲି ସୂଚନା ଦିଆଯାଇଥିଲା ।

# ୧୪ ଜୁଲାଇରୁ ଜିଲାରେ କାର୍ଯ୍ୟକାରୀ ହେବ ଓସ୍ୱାସ୍ ପଦ୍ଧତି



ଢେଙ୍କାନାଳ,୬।୬(ରତନ ନାୟାର)

ଢେଙ୍କାନାଳ ଦ୍ୱିତୀୟ ପର୍ଯ୍ୟାୟ ଜିଲା ଭାବେ ଆସନ୍ତା ୧୪ ଜୁଲାଇରୁ ଜିଲାରେ କାର୍ଯ୍ୟକାରୀ ହେବ ଓସ୍ୱାସ୍ ପଦ୍ଧତି । ଏ ସଂକ୍ରାନ୍ତରେ ଶୁକ୍ରବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟର ସଦଭାବନା ଗୃହରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଜିଲାର ରାଜ୍ୟ କାର୍ଯ୍ୟପ୍ରବାହ ସ୍ୱଂୟଚାଳିତ ବ୍ୟବସ୍ଥା ଲାଗୁ କରିବା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଜିଲା ସହ ବ୍ଲକଗୁଡିକ ମଧ ଯୋଡିହେବ । ଦୀର୍ଘ ସମୟ ଧରି ଫାଇଲ ଅଧିକାରୀଙ୍କ ନିକଟରେ ପଡ଼ିରହିବ ନାହିଁ ଏସ୍‌ପିଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରୁ ବ୍ଲକ ଓ ତହସିଲସ୍ତର ପର୍ଯ୍ୟନ୍ତ ଜିଲାର ୪୦ଟି ବିଭାଗୀୟ ଅଫିସରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ପ୍ରଶାସନ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥାକୁ ସମୃଦ୍ଧ କରିବା ପାଇଁ କର୍ମଚାରୀଙ୍କୁ ତାଲିମ ଦିଆଯାଉଛି। କୌଣସି ବି ଫାଇଲ ଧାର୍ଯ୍ୟ ସମୟ ଠାରୁ ଅଧିକ ସମୟ କୌଣସି ଅଧିକାରୀ ନିଜ ପାଖରେ ରଖିଲେ ତାହା ଜିଲାପାଳ, ଅତିରିକ୍ତ ଜିଲାପାଳ, ବିଭାଗୀୟ ମୁଖ୍ୟଙ୍କ ଠାରୁ ବିଭାଗୀୟ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆଇଟି ମାଧମରେ ସ୍ୱୟଂଚାଳିତ ବ୍ୟବସ୍ଥା ହୋଇଛି । ଏହି ବୈଠକରେ ଓକାକର ଡୋମେନ୍ ପରାମର୍ଶଦାତା ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠି, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ବିଡିଓ, ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

# ବର୍ଷକରେ ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇଛି

ଢେଙ୍କାନାଳ,୬।୬(ରତନ ନାୟାର)



## ଭାଜପା ପକ୍ଷରୁ ଜିଲାସ୍ତରୀୟ କର୍ମଶାଳା

କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଜିଲା ଭାଜପା କାର୍ଯ୍ୟାଳୟରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରି କହିଲେ ଯେ, କେନ୍ଦ୍ର ସରକାର ୧୧ବର୍ଷ ମଧ୍ୟରେ ଦେଶକୁ ସବୁ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚାଇ ଏକ ବିକଶିତ ରଷ୍ଟ୍ରରେ ପରିଣତ କରିବାକୁ ଯାଉଛନ୍ତି। ଅର୍ଥନୀତି କ୍ଷେତ୍ରରେ ବିଶ୍ୱରେ ଭାରତ ୪ର୍ଥ ସ୍ଥାନରେ ପହଞ୍ଚିଛି । ବର୍ତ୍ତମାନ ଭାରତ ସଶକ୍ତ ଓ ସୁରକ୍ଷିତ । ସେହିଭଳି ରାଜ୍ୟରେ ଭାଜପା ସରକାର ଏକବର୍ଷ ଭିତରେ ଜନସାଧାରଣଙ୍କୁ ଦେଇଥିବା ପ୍ରାୟ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାରେ ସଫଳ ହୋଇଛି। ସେଥିମଧ୍ୟରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ହଜାର ଟଙ୍କା ସହାୟତା, ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ ଲାଗୁ କରିବା, ଓବିସିଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ଆଦି ଯୁଗାନ୍ତକାରୀ ପଦକ୍ଷେପ ବୋଲି ସେ କହିଥିଲେ । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସଫଳତାକୁ ନେଇ ଆସନ୍ତା ୯ ତାରିଖ ଠାରୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ପ୍ରତ୍ୟେକ ଗାଁ ଓ ୱାର୍ଡସ୍ତରରେ ସଭା ସମିତି ଆୟୋଜନ କରି ପ୍ରଚାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଉପରେ ଆଲୋକପାତ କରିବା ସହିତ ଜିଲାରେ ବୁଦ୍ଧିଜୀବୀ ସମ୍ମିଳନୀ, ଖବରଦାତା ସମ୍ମିଳନୀ ଓ ଆଲୋଚନାଚକ୍ର ଆୟୋଜନ ପାଇଁ ନିଷ୍ପତ୍ତି ନେଇଥିଲେ। ଜିଲା ଉପସଭାପତି ମାତୃ ପ୍ରସାଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ସୁନିଲ ଶର୍ମା କର୍ମଶାଳାକୁ ପରିଚାଳନା କରିଥିଲେ। ଜିଲା ସହ ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କା, ଇତିଶ୍ରୀ ସାହୁ, ସୁଶାନ୍ତ ପତି, ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଓ ଜିଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟତମ ଉପସଭାପତି ସନାତନ ବେହେରା, ମହିଳା ମୋର୍ଚ୍ଚା ସଭାପତି ମମତା ସ୍ୱାଇଁ, ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ପରଜଙ୍ଗ ବ୍ଲକ ଉପାଧକ୍ଷା ଯଶସ୍ୱିନୀ ରାଉତ, ବୁଦ୍ଧିଜୀବୀ ସେଲ ଆବାହକ ପ୍ରମୋଦ ନନ୍ଦଙ୍କ ସମେତ ମଣ୍ଡଳ ସଭାପତି, ପୂର୍ବତନ ସଭାପତି, ସରପଞ୍ଚ, ସମିତି ସଭ୍ୟା ଓ ସଭ୍ୟ, ଜିଲା ପଦାଧିକାରୀଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ପୂର୍ବତନ ଜିଲା ସଭାପତି ପ୍ରେମାନନ୍ଦ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।




# ଗାଁରୁ ବାସନ୍ଦ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା

ପାଲଲହଡ଼ା,୬।୬ (ଦିବ୍ୟଜ୍ୟୋତି ଦାଶ)

ଗାଁରୁ ବାସନ୍ଦ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ରଜ ଦୋଳି କାଠକୁ ନେଇ ବଚସାରୁ ଅନୁଗୋଳ ଜିଲା ପାଲଲହଡ଼ା ଥାନା ବାନ୍ଧଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁରେ ଗୁରୁବାର ରାତିରେ ଘଟିଛି ଏହି ଘଟଣା। ଏଥିରେ ଜଣେ ୧୩ ବର୍ଷର ନାବାଳକ ଓ ଅନ୍ୟ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭୀମକାଣ୍ଡ ଗ୍ରାମର ନକୁଳ ପ୍ରଧାନ(୫୫)ଙ୍କ ବୋହୂ ବର୍ଷେ ତଳେ ଅନ୍ୟ ଜଣେ ଯୁବକଙ୍କ ସହ ପଳାଇ ଯାଇଥିଲେ। ଏହି ଘଟଣାକୁ ନେଇ ନକୁଳଙ୍କ ପରିବାରକୁ ଜାତିଭାଇମାନେ ସମାଜରୁ ବାସନ୍ଦ କରିଥିଲେ। ତେବେ ରଜ ଦୋଳି ନିର୍ମାଣ ପାଇଁ କାଠ କାମ ଚାଲିଥିବା ବେଳେ ଗାଁର ଯୁବକ ଜିତୁ ପ୍ରଧାନ (୨୩) ଏବଂ ଜଣେ ୧୩ ବର୍ଷୀୟ ନବମ ଶ୍ରେଣୀ ଛାତ୍ରଙ୍କ ସହ ନକୁଳଙ୍କ ବଚସା ହୋଇଥିଲା। ୨ ଅଭିଯୁକ୍ତ ଭସ୍ମ ହୋଇଯିବେ ବୋଲି ନକୁଳ ଅଭିଶାପ ଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଜିତୁ ଏବଂ ସମ୍ପୃକ୍ତ ନାବାଳକ ରାତି ପ୍ରାୟ ୧୦ଟାରେ ଠେଙ୍ଗାରେ ପିଟି ପିଟି ନକୁଳଙ୍କୁ ହତ୍ୟା କରିଥିଲେ। ମୃତଦେହକୁ ଘର ସମ୍ମୁଖ ଆମ୍ବ ଗଛ ନିକଟରେ ଫିଙ୍ଗି ଦୁହେଁ ଫେରାର ହୋଇଯାଇଥିଲେ। ନକୁଳଙ୍କ ପୁଅ ଲୋଚନ ପ୍ରଧାନ ଶୁକ୍ରବାର ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଥାନା ଆଇଆଇସି ପ୍ରଦୀପ କୁମାର ମହନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ୨୧୭/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ୨ ଭଉଣୀଙ୍କୁ ଅପହରଣ, ଗଣବଳାତ୍କାର

ଗୋପାଳପୁର,୬।୬
(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗ୍ରାମରୁ ଦୁଇ ନାବାଳିକା (ଉଭୟ ସମ୍ପର୍କୀୟ ଭଉଣୀ)ଙ୍କୁ ପ୍ରଲୋଭନ ଦେଖାଇ ୪ଜଣ ଯୁବକ ଅପହରଣ କରି ଦୁଇ ଦିନ ଧରି ଗଣବଳାତ୍କାର କରିଥିବା ଗୁରୁବାର ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍ ଏହାକୁ ଗୁରୁତର ସହ ନେଇ ଗୋଳନ୍ଥରା ଥାନା ପରିଦର୍ଶନ କରି ବ୍ରହ୍ମପୁର ସଦର ଏସ୍‌ଡିପିଓ ଏବଂ ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସ୍ପଟ୍ ଭିଜିଟ୍ କରି ଫେରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି।

ଗତ ୧ ତାରିଖରେ ଗଞ୍ଜାମ ଥାନା ଅଞ୍ଚଳର ଏହି ନାବାଳିକା ଦୁଇ ଭଉଣୀ ମା'ଙ୍କ ସହ ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଥିବା ମାମୁଘରକୁ ବୁଲିବାକୁ ଆସିଥିଲେ। ଉଭୟଙ୍କୁ ଗତ ମଙ୍ଗଳବାର ସେହି ଗ୍ରାମର ୪ ଜଣ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଡାକିନେଇଥିଲେ। ଅଭିଯୁକ୍ତମାନେ ଦୁଇ ନାବାଳିକାଙ୍କୁ ଗ୍ରାମର ବିଭିନ୍ନ ସ୍ଥାନରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଯୁବକମାନେ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ସେମାନଙ୍କୁ ଧମକଚମକ ଦେଇ ସେମାନଙ୍କୁ ନେଇ ଅନ୍ୟ ଏକ ଗାଁ ନିକଟରେ ଛାଡ଼ି ପଳାଇଥିଲେ। ପରଦିନ ପୁଣି ସେମାନେ ନାବାଳିକା ଦୁହିଁଙ୍କୁ ଡାକିଥିଲେ ମଧ୍ୟ ଉଭୟେ ଆସି ନ ଥିଲେ। ଅସୁସ୍ଥ ଅନୁଭବ କରି ଦୁଇ ନାବାଳିକା ଚାଲିପାରୁ ନ ଥିବା ଦେଖି ପରିବାର ଲୋକେ ଉଭୟଙ୍କୁ ପଚାରଥିଲେ। ପରେ ଦୁହେଁ ଘଟଣା ସମ୍ପର୍କରେ କହିଥିଲେ। ଗ୍ରାମରେ ଏହି ଖବର ପ୍ରଚାର ହେବା ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ପୀଡ଼ିତା ପରିବାର ଲୋକେ, ୪ ଅଭିଯୁକ୍ତ ଓ ସେମାନଙ୍କ ପରିବାର ଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଫଳରେ ଏନେଇ କୌଣସି ସମାଧାନ ହୋଇପାରି ନ ଥିଲା। ଏ ନେଇ ପୀଡିତାଙ୍କ ମା'ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୨୪୦/୨୫ରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ଗିରଫ ଭୟରେ ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ ଫେରାର ହୋଇଯାଇଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଶୁକ୍ରବାର ଗ୍ରାମରେ ପୁଣି ଏକ ବୈଠକ କରି ବଳାତ୍କାର କରିଥିବା ଯୁବକଙ୍କ ପରିବାର ଲୋକେ ଘଟଣାକୁ ରଫାଦଫା କରିଦେବାକୁ ପୀଡିତାଙ୍କ ପରିବାର ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ପୋଲିସ ଦୁଇ ନାବାଳିକାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରିବା ପରେ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଛି।

# ସିଏମ୍‌ଓ ଅଫିସ୍ ନାଁରେ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ୨ଲକ୍ଷ ଠକି

## ଅଭିଯୁକ୍ତଙ୍କୁ ଗିରଫ କଲା ଏୟାରଫିଲ୍ଡ ପୋଲିସ

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ପରିଚୟ ଦେଇ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭୀମଟାଙ୍ଗିରେ ରହୁଥିବା ଜାନକୀବଲ୍ଲଭ ମହାପାତ୍ର। ଠକେଇର ଶିକାର ଅଧିକାରୀ ହେଉଛନ୍ତି ଅନୁଗୋଳ (ରାସ୍ତା ଓ ଗୃହ) ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ। ତାଙ୍କ ଏତଲା ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା ୨୯୬ (ବି), ୩୦୮(୪), ୩୦୮(୫), ୩୫୧(୨)ରେ ମାମଲା (ନଂ.୨୦୧/୨୦୨୫) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି। ତେବେ ଗିରଫ ଅଭିଯୁକ୍ତ ଜାନକୀବଲ୍ଲଭଙ୍କୁ କୋର୍ଟ ଚାଲାଣ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ଅଭିଯୋଗକାରୀ ହରିପାଲଙ୍କୁ ଜାନକୀ ଗତ ମାସେ ହେବ ମୋବାଇଲ ନଂ.୯୪୩୭୧୧୨୩୭୯ରୁ ବାରମ୍ବାର କଲ୍ କରିଥିଲେ। ଜାନକୀ ସିଏମ୍‌ଓ ଅଫିସରେ କାମ କରୁଥିବା ପରିଚୟ ଦେଇ ହରିପାଲଙ୍କୁ ୨ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ପାଇଲେ ମାଲକାନଗିରିକୁ ବଦଳି କରିଦେବେ ବୋଲି ଧମକ ଦେଇଥିଲେ। ଫଳରେ ହରିପାଲ ଭୟଭୀତ ହୋଇପଡିଥିଲେ। ଶେଷରେ ଜାନକୀଙ୍କ ଭିମଟାଙ୍ଗୀସ୍ଥିତ ବାସଭବନକୁ ଯାଇ ତାଙ୍କୁ ୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଏହା ପରେ ବି ଜାନକୀ ପୁଣି ଟଙ୍କା ଦାବି କରିଥିଲେ। ଗତ ଜୁନ ୨ରେ ହରିପାଲଙ୍କୁ କଲ୍ କରି ଆଉ ୫ ଲକ୍ଷ ଟଙ୍କା ମାଗିଥିଲେ। ଏଥିରେ ହରିପାଲ କୁଣ୍ଠାବୋଧ କରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସମସ୍ୟାରେ ପକାଇ ଦେବାକୁ ଧମକ ଦେଇଥିଲେ। ଏପରିକି ହତ୍ୟା ଧମକ ଦେବା ସହ ସିଧା ଭୀମଟାଙ୍ଗିକୁ ଆସି ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏନେଇ ହରିପାଲ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ତେବେ ଯନ୍ତ୍ରୀ ଜଣକ ଜାନକୀଙ୍କ କୌଣସି ପରିଚୟପତ୍ର ଯାଞ୍ଚ ନ କରି ୨ ଲକ୍ଷ ଟଙ୍କା ଦେଇଦେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଗତ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଶୁକ୍ରବାର ଘଟଣା ସାମ୍ନାକୁ ଆସିଛି।

# ବୋହୂଙ୍କୁ ଜାଳିଦେଲେ

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର

ଭୋଗରାଇ, ୬।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନିମାତପୁର ଗ୍ରାମରେ ଶୁକ୍ରବାର ସକାଳ ୭ଟାରେ ଜଣେ ମହିଳା ଶୋଇଥିବା ବେଳେ ତାଙ୍କ ଶାଶୁ ଓ ଶଶୁର ମିଶି କିରୋସିନ ଢାଳି ନିଆଁ ଲଗାଇଦେଇଛନ୍ତି। ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଜଳେଶ୍ୱରପୁର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶାଶୁ, ଶ୍ୱଶୁରଙ୍କୁ ଥାନାରେ ଅଟକରଖି ପୋଲିସ ପଚରାଉଚୁରା କରୁଛି।

ଭୋଗରାଇର ଆରୁହାବୃତ୍ତି – ୧ ଗାଁର ଖଗେନ୍ଦ୍ର ସିଂହଙ୍କ ଝିଅ ସୀତାରାଣୀଙ୍କୁ ନିମାତପୁର ଗାଁର ଗୌରାଙ୍ଗ ଗିରିଙ୍କ ପୁଅ ଚନ୍ଦନ ୨୦୨୧ରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯାନି ଯୌତୁକ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ସ୍ୱାମୀ, ଶାଶୁ, ଶଶୁର ଅଧିକ ଯୌତୁକ ଦାବି କରି ସୀତାରାଣୀଙ୍କୁ ମାଡ଼ ମାରିବା ସହ ଛାଡ଼ପତ୍ର ପାଇଁ ଧମକ ଦେଉଥିଲେ। ଏନେଇ ଗାଁରେ ବାରମ୍ବାର ବିଚାର ହୋଇ ସମାଧାନ ଉଦ୍ୟମ ହୋଇଥିଲା। ଶାଶୁଘର ଲୋକେ ବୋହୂକୁ ଶାରୀରିକ ଓ ମାନସିକ ନିର୍ଯାତନାରୁ ନିବୃତ୍ତ ହେଉ ନଥିଲେ । ୩ମାସ ପୂର୍ବେ ଶାଶୁ ଘର ଲୋକେ ସୀତାରାଣୀଙ୍କୁ ମାଡମାରି ଘରୁ ବାହାର କରି ଦେଇଥିଲେ। ସୀତାରାଣୀ ଏକମାତ୍ର ପୁଅଙ୍କୁ ଧରି ବାପାଙ୍କ ଘରେ ରହୁଥିବାର ଅଭିଯୋଗ ହୋଇଛି। ଜ୍ୱାଇଁର କଥା ମାନି ମେ' ୪ତାରିଖରେ ବାପା ଖଗେନ୍ଦ୍ର ନିମାତପୁରରେ ଛାଡି ଆସିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ମାତ୍ର ଶୁକ୍ରବାର ସକାଳେ ଝିଅ ଜଳେଶ୍ୱରପୁର ହସ୍ପିଟାଲରେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଚିକିତ୍ସିତ ହେଉଥିବା ବାପଘର ଲୋକେ ଖବର ପାଇଥିଲେ। ଶାଶୁ ରୁକ୍ମିଣୀ ଓ ଶୁଶୁର ଗୌରାଙ୍ଗ ଝିଅକୁ କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ସୀତାରାଣୀଙ୍କ ମା' ପୁଷ୍ପଲତା ଅଭିଯୋଗ ଆଣିଛନ୍ତି। ଜ୍ୱାଇଁ ଚନ୍ଦନଙ୍କ କଥା ଅନୁଯାୟୀ ମା' ବାପା ଏଭଳି କାଣ୍ଡ ଭିଆଇଥିବା ପୁଷ୍ପଲତା ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ଅପହରଣ

## ନିସ୍ତୁକ ମାଡ଼ ମାରିଲେ ଚୋରା କୋଇଲା ଚାଲାଣକାରୀ

ଭଦ୍ରକ/ବାସୁଦେବପୁର, ୬।୬(ସନାତନ ରାଉତ/କାଳିପଦ ରାୟ)



ଅପହରଣକାରୀଙ୍କ ମାଡ଼ରେ ଆହତ ପ୍ରତାପ ନାୟକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଉଛି।

କୋଇଲା ଚୋରା ଚାଲାଣ ନେଇ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ଯୁବକଙ୍କୁ ଅପହରଣ କରାଯାଇଥିଲା। ତାଙ୍କୁ ନିସ୍ତୁକ ମାଡ଼ ମରାଯିବା ସହ ୭ ଘଣ୍ଟା ଧରି ଅକଥନୀୟ ନିର୍ଯାତନା ଦିଆଯିବାପରେ କୋଇଲା ଚୋରା ଚାଲାଣକାରୀମାନେ ଛାଡ଼ିଛନ୍ତି। ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳରେ ଗୁରୁବାର ଭୋର୍ ସମୟରେ ଏହି ଘଟଣା ଘଟିଥିବା ବେଳେ ଅପହରଣର ଶିକାର ପରିବିନ୍ଧା ମାରପୁର ଅଞ୍ଚଳର ପ୍ରତାପ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ପ୍ରତାପଙ୍କ କହିବା ଅନୁଯାୟୀ, କେତେଜଣ କୋଇଲା ଚାଲାଣକାରୀ ଓ ତାଙ୍କ ସହଯୋଗୀ ଗୁରୁବାର ଭୋର୍ ସମୟରେ ତାଙ୍କୁ ବନ୍ଧୁକ ଦେଖାଇ ଇଚ୍ଛାପୁର ବଜାରରୁ ଅପହରଣ କରିନେଇଥିଲେ। ଏକ ବୋଲେରୋରେ ତାଙ୍କୁ ନେଇଯାଉଥିବା ବେଳେ ହଳଦୀଡିହ ବାଇପାସ୍ ପରେ ତାଙ୍କ ମୁହଁରେ କଳାଗାମୁଛା ଗୁଡ଼ାଇ ନିସ୍ତୁକ ମାଡ଼ ମାରିଥିଲେ। ୩ଟି ଚାରିଚକିଆ ଓ ୨ଟି ବାଇକ୍‌ରେ ୧୪ରୁ ଊର୍ଦ୍ଧ୍ୱ ଅପହରଣକାରୀ ତାଙ୍କୁ ପ୍ରଥମେ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା, ପରେ ବାଲେଶ୍ୱର ଜିଲାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ତେବେ ଅପହରଣ ବିଷୟରେ ଜାଣିବା ପରେ ପ୍ରତାପଙ୍କ ସ୍ତ୍ରୀ କନକଲତା ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ଶେଷରେ କନକଲତା ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ବାଲେଶ୍ୱର ଅତିରିକ୍ତ ଏସ୍‌ପି ଆଲୋକ ରଞ୍ଜନ ରାୟ ଓ ଅନ୍ୟ ଜଣେ ଅଫିସରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଅପହରଣର ୭ ଘଣ୍ଟା ପରେ ଅପହରଣକାରୀମାନେ ପ୍ରତାପଙ୍କୁ ଭଦ୍ରକ ରାଣୀତାଲ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ। ଅତିରିକ୍ତ ଏସ୍‌ପି ରାୟଙ୍କ ନେତୃତ୍ୱରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ୪ ଦିନ ପୂର୍ବରୁ ତାଙ୍କ ସ୍ୱାମୀଙ୍କୁ ଜିଅନ୍ତା ଜାଳିଦେବାକୁ ଧମକ ଦିଆଯାଇଥିଲା ବୋଲି କନକଲତା ଅଭିଯୋଗରେ ଦର୍ଶାଇଛନ୍ତି। ବିଭିନ୍ନ ସମୟରେ କୋଇଲା ଚୋରାଚାଲାଣ ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ତାଙ୍କୁ ଅପହରଣ ଓ ଆକ୍ରମଣ କରାଯାଇଥିବା ପ୍ରତାପ କହିଛନ୍ତି। ଏନେଇ ସାବରଙ୍ଗ ଥାନାରେ ଏକ ମାମଲା(ନଂ.୧୨୫/୨୫) ରୁଜୁ କରାଯାଇଛି। ଅପହରଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯିବ ବୋଲି ବାଲେଶ୍ୱର ଅତିରିକ୍ତ ଏସ୍‌ପି କହିଛନ୍ତି।


# ODISHA PUBLIC SERVICE COMMISSION, CUTTACK

## NOTICE

**No. 3833/P.S.C., Dt. 05.06.2025**
**(2PE-01-25/26, DR-I)**

**No.D-96** : It is for information of all **16(01-w)** provisionally qualified candidates for recruitment to the posts of **Lecturer in Electronics & Telecommunication Engineering under OTE & TS cadre**, pursuant to **Advt. No. 01 of 2023-24** that, Document Verification & Personality Test for the said post will be held on **24.06.2025**, in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the Candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 100757, 200801, 304388, 304463, 304474, 304482, 304510, 304511, 304577 **= 09 Candidates** | 24.06.2025 | 8.00 A.M. | 8.30 A.M. | 10.30 A.M. |
| 2 | 304592, 304650, 304676, 401168, 401225, 501072, 501085 **= 07 Candidates** | | 12.00 P.M. | 12.30 P.M. | 2.30 P.M. |

The candidates are required to produce following original documents along with a set of self- attested photocopies of all Certificates/Documents at the time of document verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form** and **Bio-data Form**.
(To be downloaded from the website of the Commission)
3. **H.S.C. Or equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **B.E. / B.Tech.** Degree Certificate in **Electronics & Telecommunication Engineering** from a recognized University.
6. **M.E./ M.Tech.** Degree Certificate in **Electronics & Telecommunication Engineering** from a recognized University, wherever applicable.
7. **Marksheets** of the above examinations passed **(HSC to M.E./M.Tech. Degree)**.
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
11. **SEBC** Certificate issued by the Competent Authority within the last 03 (three) years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen Candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of Permanent Disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the Online Application.
16. **Four recent Passport Size Photographs (unsigned and unattested)**, which has been uploaded with Online Application Form.
17. **No Objection Certificate** (in case of in-service candidates), wherever applicable.
18. **Document in support of Identity**. (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0238/2526** **Sd./- Secretary**

# ODISHA PUBLIC SERVICE COMMISSION, CUTTACK

## NOTICE

**No. 3827/P.S.C., Dt. 05.06.2025**
**(2PE-02-25/26, DR-I)**

**No.D-95** : It is for information of all **05** provisionally qualified candidates for recruitment to the posts of **Lecturer in Electrical Engineering under OTE & TS cadre**, pursuant to **Advt. No. 01 of 2023-24** that, Document Verification & Personality Test for the said post will be held on **23.06.2025**, in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the Candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 303430, 303670, 304085, 304115, 304212 **= 05 Candidates** | 23.06.2025 | 8.00 A.M. | 8.30 A.M. | 10.30 A.M. |

The candidates are required to produce following original documents along with a set of self-attested photocopies of all Certificates/Documents at the time of document verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form** and **Bio-data Form**.
(To be downloaded from the website of the Commission)
3. **H.S.C. Or equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **B.E. / B.Tech.** Degree Certificate in **Electrical Engineering** from a recognized University.
6. **M.E./ M.Tech.** Degree Certificate in **Electrical Engineering** from a recognized University, wherever applicable.
7. **Marksheets** of the above examinations passed **(HSC to M.E./M.Tech. Degree)**.
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
11. **SEBC** Certificate issued by the Competent Authority within the last 03 (three) years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen Candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of Permanent Disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the Online Application.
16. **Four recent Passport Size Photographs (unsigned and unattested)**, which has been uploaded with Online Application Form.
17. **No Objection Certificate** (in case of in-service candidates), wherever applicable.
18. **Document in support of Identity**. (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0237/2526** **Sd./- Secretary**

# GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, KENDRAPARA-JAJPUR

No.O-251

AT-CHANDIKHOLE, PO-SUNGUDA, JAJPUR-754296, EMAIL-SERW_KPD@YAHOO.COM

**Letter No.1772** **Date : 31.05.2025**

**1st Corrigendum Notice**

1st Corrigendum to Bid Identification No. Tender Online RCK-09/25 invited this office Letter No.-1575 Dt. - 19.05.2025
The changes as detailed below are hereby made in the above N.I.T. :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | | Date & Time of opening of Tender: Technical Bid | | Date & Time of opening of Tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara, Jajpur | Tender Online RCK-09/25 | From 28.05.2025 at 11.00 A.M. to 11.06.2025 upto 05.00 P.M. | From 28.05.2025 at 05.00 P.M. to 21.06.2025 upto 05.00 P.M. | 11.06.2025 upto 02.00 P.M. | 21.06.2025 upto 02.00 P.M. | 12.06.2025 at 11.00 A.M. | 21.06.2025 at 11.00 A.M. | Will be intimated later | Will be intimated later |

**All other conditions of NIT remain unaltered.**

**Sd./- Chief Construction Engineer**
**Rural Works Circle, Kendrapara-Jajpur**

**OIPR-25129/11/0049/2526**

# OFFICE OF THE DEPUTY DIRECTOR (P&S) D.P.M.U, NABARANGPUR

**No.X-06:**Applications are invited from Local Youths of the Nabarangpur District to be engaged as enumerator for conduct of field Work pertaining to 7th Minor Irrigation Census and 2nd Census of Water bodies under the supervision of the undersigned.

| Post | No.of Post | Remuneration (In Rs.) | Qualification(s) and Experience |
|---|---|---|---|
| **Enumerator** | **18** | a) Field Allowance @ Rs 900/- & Rs720/- per village for conduct of 7th MI Census and 2nd Census of Water bodies respectively<br>b) Patwari Allowance @Rs300/- per village for conduct of 7th MI Census<br>c) Charges for use of personal mobile devices @Rs750/- for conduct of 2nd Census of Water bodies<br>d) Allowance for attending Training @ Rs.165/- per day<br>e) No TA/DA for conduct of field Work | **[Essential:** Candidates must have passed the 10+2 exam conducted by CHSE, CBSE, ICSE or diploma in Engineering from a recognized institution of the government Candidates must read, write and speak with Odia & English Language. Candidate must have basic Computer Skill. Should have smart phone (Android 10.0 above with access to internet connection RAM should be minimum 6 GB, ROM should be minimum 128 GB, Battery should be minimum 5000 MaH.<br>**Desirable:** Preference will be given to the candidates having experience in conducting data collection by using Digital App of any Govt./Non-Govt. Educational/ Banking Institutions. |

**How to Apply:** The candidates will apply for the post of enumerator through Speed Post/Registered Post or by dropping the application in the Box available in the **O/o the Deputy Director, DPMU, Nabarangpur- 764059.** The detailed advertisement is available at District website **https://nabarangpur.odisha.gov.in.** The Application after due date will not be considered. The starting date of submission of the application **05.06.2025** and date of Closing of receipt of application is **11.06.2025.** The candidates should submit their application duly filled in along with self-attested Photo, copies of the educational qualification, experience, if any within the stipulated dateline. All terms & condition is available in DPMU, Nabarangpur Office interested candidate may collect the same.

**OIPR-21039/11/0002/2526** **Sd./- Deputy Director (P&S), D.P.M.U., Nabarangpur**

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

Lifeline of Odisha

# ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

No.CAD-677

**Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007**

## NOTICE INVITING TENDER

| Sl. No. | Tender Notice No: | Tender Description: |
|---|---|---|
| 1 | 04/BBS/2025-26 | Hiring of commercial registered 7 seater AC Bolero or equivalent on monthly hire basis under EHT (O&M) Circle Bhubaneswar. |
| 2 | 04/2025-26 | Servicing & repairing of Industrial AC installed in Bay kiosk of Grid S/S Bamra and control room AC of Grid S/S Kuarmunda under EHT (O&M) Division, Rajgangpur. |
| 3 | 05/BBSR-DIV/2025-26 | Replacement of Single Suspension Insulator Strings with Double Suspension Insulator Strings of 132kV Chandaka-Nimapara line over different road crossing, parks and canal under EHT (O&M) Division, Bhubaneswar. |
| 4 | 01/2025-26 | Supply of 13 nos. Multi-Function Meter (MFM) Elite 440-446 SECURE make for different Telecom Sections under Telecom Division, Jeypore. |
| 5 | CHP-01/2025-26 | Procurement of Hardware fittings, Clamp and connectors suitable for ACSR twin Zebra conductor for bus Augmentation work of 132/33kV Grid S/S Kharag Prasad under EHT (O&M) Division, Dhenkanal under EHT (O&M) Circle, Chainpal. |

For more details please visit OPTCL's website: **www.optcl.co.in.** FIPR-18/2025-26

OIPR-04011/11/0174/2526 /optcl.odisha /optcl_odisha

# ଗଫ୍-ସାବାଲେଙ୍କା ଫାଇନାଲ ଆଜି


**ଫ୍ରେଞ୍ଚ୍ ଓପନ ଟେନିସ୍**

ପ୍ୟାରିସ୍, ୬।୬(ଏପି)

ବିଶ୍ୱର ଦୁଇ ଶ୍ରେଷ୍ଠ ମହିଳା ଖେଳାଳି ବେଲାରୁଷ୍‌ର ଆରିନା ସାବାଲେଙ୍କା ଓ ଆମେରିକାର କୋକୋ ଗଫ୍‌ଙ୍କ ମଧ୍ୟରେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ସାବାଲେଙ୍କା ସମ୍ପ୍ରତି ବିଶ୍ୱର ନମ୍ବର ୱାନ୍ ଥିବାବେଳେ ଗଫ୍ ଡବ୍ଲ୍ୟୁଟିଏ ର‌୍ୟାଙ୍କିଙ୍ଗ୍‌ର ୨ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୨ରେ ୧୮ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ହାରିଥିବା ୨୧ ବର୍ଷୀୟା ଗଫ୍ ଏଥର ସାବାଲେଙ୍କାଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ୩ ବର୍ଷ ପୂର୍ବେ ସେ ରୋଲାଣ୍ଡ-ଗାରୋସରେ ପଦାର୍ପଣ କରିଥିଲେ। ସେମିଫାଇନାଲରେ ଏହି ଆମେରିକୀୟ ଖେଳାଳି ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ୩୬୧ ର‌୍ୟାଙ୍କ୍‌ପ୍ରାପ୍ତ ଖେଳାଳି ଲୋଇସ ବୋଇସନ୍‌ଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ଇତିମଧ୍ୟରେ ଗଫ୍ ଜଣେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଯାଇଛନ୍ତି। ୨୦୨୩ରେ ସେ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ସଂଯୋଗ ବଶତଃ ସେ ସେହି ଫାଇନାଲରେ ସାବାଲେଙ୍କାଙ୍କୁ ୨-୬, ୬-୩, ୬-୨ରେ ହରାଇଦେଇଥିଲେ। ତେବେ ନିକଟ ଅତୀତରେ ହୋଇଥିବା ମୁକାବିଲାରେ ଗଫ୍‌ଙ୍କୁ ସାବାଲେଙ୍କା ପରାସ୍ତ କରିଛନ୍ତି। ଏଥର ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ସାବାଲେଙ୍କା ଗତଥରର ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ୭-୬ (୧), ୪-୬, ୬-୦ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ତେଣୁ ଆଗାମୀ ମୁକାବିଲା ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।



କୋକୋ ଗଫ୍



ଆରିନା ସାବାଲେଙ୍କା

## ଫାଇନାଲରେ ଅଲ୍‌କାରାଜ

ବିଶ୍ୱର ୨ ନମ୍ବର ଖେଳାଳି ସ୍ପେନର କାର୍ଲୋସ ଅଲକାରାଜ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସେ ୮ମ ସିଡ୍ ଇଟାଲିର ଲୋରେଞ୍ଜୋ ମୁସେଟିଙ୍କଠାରୁ ୱାକଓଭର ପାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଆହତ ସମସ୍ୟା ଯୋଗୁ ମୁସେଟି ଓହରି ଯିବା ବେଳକୁ ଅଲକାରାଜ ୪-୬, ୭-୬ (୭/୩), ୬-୦, ୨-୦ରେ ଅଗ୍ରଣୀ ରହିଥିଲେ।

**ଇଣ୍ଡହୋଭେନ ଇଭେଣ୍ଟ**

# ଓହରିଲେ ବକ୍ସର ଇମାନେ ଖେଲିଫ

**ଇଣ୍ଡହୋଭେନ (ନେଦରଲାଣ୍ଡ), ୬।୬ (ଏପି):** ଅଲିମ୍ପିକ ଚାମ୍ପିୟନ ଇମାନେ ଖେଲିଫ୍ ଇଣ୍ଡହୋଭେନ ବକ୍ସ କପ୍‌ରୁ ଓହରିଯାଇଛନ୍ତି। ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଭାଗନେବାକୁଥିବା ସମସ୍ତ ବକ୍ସରଙ୍କ ଲାଗି ସେକ୍ସ ଟେଷ୍ଟ ବାଧ୍ୟତାମୂଳକ କରାଯାଇଥିବାରୁ ଖେଲିଫ୍ ଏହି ନିଷ୍ପତ୍ତି ନେଇଛନ୍ତି। ଆଲଜେରିଆର ଏହି ବକ୍ସର ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ଖେଲିଫ୍ ଇଣ୍ଡହୋଭେନ ଟୁର୍ନାମେଣ୍ଟରେ ତାଙ୍କ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ। ସୂଚନାଯୋଗ୍ୟ, ଲିଙ୍ଗଗତ ଯୋଗ୍ୟତା ପ୍ରସଙ୍ଗ ନେଇ ଖେଲିଫ୍‌ଙ୍କୁ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଏକ ସ୍ୱର୍ଣ୍ଣ ପଦକ ମୁକାବିଲା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହାଛଡ଼ା ପ୍ୟାରିସ୍ ଅଲିମ୍ପିକ୍ସ ବେଳେ ମଧ୍ୟ ତାଙ୍କୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଗୁକେଶ ଟାଇଟଲ ନିକଟତର

**ନରୱେ ଚେସ୍**

ଷ୍ଟାଭାଙ୍ଗର, ୬।୬(ପି.ଟି.)

ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ଆଉ ଏକ ହର୍ଡଲ୍ସ ଅତିକ୍ରମ କରି ଚାଇନାର ୱେଇ ୟିଙ୍କୁ ହରାଇବା ସହ ନରୱେ ଚେସ୍ ଟାଇଟଲର ନିକଟତର ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୯ମ ରାଉଣ୍ଡରେ ପୂରା ୩ ପଏଣ୍ଟ ହାସଲ କରିଛନ୍ତି ଗୁକେଶ। ଫଳରେ ତାଙ୍କ ପଏଣ୍ଟ ସଂଖ୍ୟା ୧୪.୫ରେ ପହଞ୍ଚିଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ନରୱେ ଷ୍ଟାର ମ୍ୟାଗ୍ନସ କାର୍ଲସେନ ୧୫ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛନ୍ତି। ୬ ଖେଳାଳିବିଶିଷ୍ଟ ଡବଲ ରାଉଣ୍ଡ ରବିନ ଟୁର୍ନାମେଣ୍ଟର ୯ମ ରାଉଣ୍ଡରେ କାର୍ଲସେନ ଏକଦା ପରାସ୍ତ ହେବା ପୋଜିଶନରେ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନକରି ଆମେରିକା ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ହରାଇବାପରେ ଗୁକେଶଙ୍କଠାରୁ ୦.୫ ପଏଣ୍ଟ ଆଗରେ ରହିଛନ୍ତି। ୧୦ମ ତଥା ଅନ୍ତିମ ରାଉଣ୍ଡରେ ଗୁକେଶ ଆମେରିକାନ୍ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ଭେଟିବେ। ଅନ୍ୟପକ୍ଷରେ କାର୍ଲସେନ ଭାରତର ଅର୍ଜୁନ ଇରିଗାସିଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପ୍ରତିଯୋଗିତାର ଚାମ୍ପିୟନଙ୍କୁ ୬୯,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିବ। ଗତଥରର କାର୍ଲସେନ ଯଦି ଜିତନ୍ତି ତେବେ ଏହା ତାଙ୍କର ୯ମ ନରୱେ ଚେସ୍ ଟାଇଟଲ ହେବ। ଅନ୍ୟପକ୍ଷରେ ଦ୍ୱିତୀୟ ପଦାର୍ପଣରେ ଗୁକେଶ ପ୍ରଥମଥର ପାଇଁ ଚାମ୍ପିୟନ ହେବା ଆଶା ରଖିଛନ୍ତି।

ମହିଳା ବର୍ଗରେ ୨ଥର ରାପିଡ୍ ଚାମ୍ପିୟନ ଭାରତର କୋନେରୁ ହମ୍ପି ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରି ଚାଇନାର ଲେଇ ଟିଙ୍ଗ୍‌ଜିଙ୍କଠାରୁ ହାରିଯାଇଛନ୍ତି। ପୂର୍ବ ରାଉଣ୍ଡ ସୁଦ୍ଧା ଲିଡର ଥିବା ହମ୍ପି ଏବେ ୧୩.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ୩୫ ବର୍ଷୀୟା ୟୁକ୍ରେନ୍ ଗ୍ରାଣ୍ଡମାଷ୍ଟର ଆନା ମୁଝଚୁକ୍ ୧୫.୫ ପଏଣ୍ଟ ସହ ଅଗ୍ରଣୀ ରହିଛନ୍ତି। ହମ୍ପି ଶେଷ ରାଉଣ୍ଡରେ ଚାଇନିଜ୍ ୱାର୍ଲ୍ଡ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ମୁଝଚୁକ୍ ଓ ଭାରତର ଆର୍. ବୈଶାଳୀଙ୍କ ମଧ୍ୟରେ ମୁକାବିଲା ହେବ।



ଡି. ଗୁକେଶ

# ରୋନାଲ୍‌ଡୋଙ୍କ ରେକର୍ଡ

ୱାଶିଂଟନ, ୬।୬(ଏପି)

ପର୍ତ୍ତୁଗାଲ୍‌ର ଏଭରଗ୍ରୀନ ଷ୍ଟାର ଫୁଟ୍‌ବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୪୦ ବର୍ଷ ବୟସରେ ପଦାର୍ପଣ କରିସାରିଲେଣି। ତଥାପି ସେ ରେକର୍ଡ ପ୍ରତିଷ୍ଠା କରିବାରେ ଲାଗିଛନ୍ତି। ନେଶନ୍ସ ଲିଗ୍ ସେମିଫାଇନାଲରେ ପର୍ତ୍ତୁଗାଲ ୨-୧ରେ ଜର୍ମାନୀକୁ ପରାସ୍ତ କରିଛି। ରୋନାଲ୍‌ଡୋ ଏଥିରେ ବିଜୟସୂଚକ ଗୋଲ ସ୍କୋର କରିଛନ୍ତି। ଦଳ ରବିବାର ଫାଇନାଲରେ ସ୍ପେନ୍‌କୁ ଭେଟିବ। ପର୍ତ୍ତୁଗାଲ ପକ୍ଷରୁ ରୋନାଲ୍‌ଡୋଙ୍କର ଏହା ଥିଲା ୧୩୭ତମ ଗୋଲ୍। ଏଥିସହ ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲରେ ସର୍ବାଧିକ ଗୋଲସ୍କୋରର ଭାବେ ସେ ଯେଉଁ ରେକର୍ଡ କରିଛନ୍ତି ତାହାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ୨୦୨୧ ସେପ୍ଟେମ୍ବରରେ ତାଙ୍କୁ ଯେତେବେଳେ ୩୬ ବର୍ଷ ବୟସ ହୋଇଥିଲା ୟୁରୋପିଆନ ଲିଗ୍‌ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଗୋଲସ୍କୋର କରିଥିଲେ। ସେତେବେଳେ ପର୍ତ୍ତୁଗାଲ ତରଫରୁ ୧୮୦ ଗେମ୍‌ରେ ୧୧୧ ଗୋଲସ୍କୋର କରି ଇରାନର ଅଲି ଦାଇଙ୍କ ନାମରେ ଥିବା ରେକର୍ଡକୁ ସେ ଭଙ୍ଗ କରିଦେଇଥିଲେ। ରୋନାଲ୍‌ଡୋ ଏବେ ସୁଦ୍ଧା ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନ୍ ୧୪ରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହେବାକୁଥିବା କ୍ଲବ ବିଶ୍ୱକପ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିବେ। ଏଥିରେ ଭାଗନେଉଥିବା ୩୨ଟି ଦଳ ମଧ୍ୟରୁ ରୋନାଲ୍‌ଡୋ ଯେକୌଣସି କ୍ଲବ ତରଫରୁ ଖେଳିପାରିବେ। ଏଥିପାଇଁ ଟ୍ରାନ୍ସଫର ୱିଣ୍ଡୋ ସୃଷ୍ଟି କରାଯାଇଥିବା ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ସୂଚନା ଯେ, ରୋନାଲ୍‌ଡୋ ସାଉଦି ଟିମ୍ ଅଲ୍ ନାସର ତରଫରୁ ଖେଳୁଥିଲେ। ଜୁନ୍‌ରେ ତାଙ୍କ ଚୁକ୍ତି ମିଆଦ ଶେଷ ହେବ।



କ୍ରିଷ୍ଟିଆନୋ ରୋନାଲ୍‌ଡୋ



ମସ୍କୋ ଉଶୁ ଷ୍ଟାର ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ପ୍ରେମ୍ ମୁଣ୍ଡା ୪୮ କେଜି ଏବଂ ରାଜକୁମାର ମୁଣ୍ଡା ୫୨ କେଜି ସିନିୟର ପୁରୁଷ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ୱାଲ୍ଟର ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ୍

ୱେଲିଂଟନ, ୬।୬(ଏପି)

ନ୍ୟୁଜିଲାଣ୍ଡ ପୁରୁଷ କ୍ରିକେଟ୍ ଦଳର ସମସ୍ତ ତିନୋଟି ଫର୍ମାଟ୍‌ପାଇଁ ମୁଖ୍ୟ କୋଚ୍ ହୋଇଛନ୍ତି ରବ୍ ୱାଲ୍ଟର। ଗ୍ୟାରି ଷ୍ଟେଡ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ୱାଲ୍ଟର ୨୦୨୩ ଜାନୁଆରୀରୁ ଚଳିତବର୍ଷ ଏପ୍ରିଲ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦିନିକିଆ ଓ ଟି୨୦ ଫର୍ମାଟ୍ କ୍ରିକେଟ ଦଳର କୋଚ୍ ରହିଥିଲେ। ଏହା ପୂର୍ବରୁ ସେ ନ୍ୟୁଜିଲାଣ୍ଡର ଓଟାଗୋ ପ୍ରୋଭିନ୍ସ ଏବଂ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟସ ଆସୋସିଏଶନର ୫ ବର୍ଷ ଧରି କୋଚ୍ ରହିଥିଲେ। ୱାଲ୍ଟରଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ୨୦୨୩ ବିଶ୍ୱକପ୍ ଏବଂ ଚଳିତବର୍ଷ ପ୍ରାରମ୍ଭରେ ଦିନିକିଆ ଫର୍ମାଟ ଚାମ୍ପିୟନ୍ସ ଟ୍ରଫିରେ ସେମିଫାଇନାଲ ଏବଂ ଗତବର୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଷ୍ଟେଡ୍ ୨୦୧୮ରୁ ଚଳିତ ସପ୍ତାହ ପ୍ରାରମ୍ଭ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ସମସ୍ତ ୩ଟି ଫର୍ମାଟ୍‌ର ମୁଖ୍ୟ କୋଚ୍ ଦାୟିତ୍ୱରେ ଥିଲେ। ସେତେବେଳେ ନ୍ୟୁଜିଲାଣ୍ଡ କ୍ରିକେଟ ତାଙ୍କୁ ବହିଷ୍କାର କରିବାକୁ ଚାହିଁଥିଲା।

# ବିଶ୍ୱକପ୍ ଯୋଗ୍ୟତା ଲକ୍ଷ୍ୟରେ ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୟୁରୋପ ଚରଣ ଆଜିଠାରୁ**

ଆମଷ୍ଟେଲଭିନ, ୬।୬(ପି.ଟି.)

ଭାରତୀୟ ହକି ଦଳର ୟୁରୋପ ଚରଣ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅଭିଯାନ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ୟୁରୋପ ଚରଣ ପ୍ରତିଯୋଗିତାରୁ ଯଥାସମ୍ଭବ ଅଧିକ ପଏଣ୍ଟ ଅର୍ଜନକରି ଭାରତ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛି। ଆସନ୍ତା ବର୍ଷ ହକି ବିଶ୍ୱକପ୍‌କୁ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ମିଳିତଭାବେ ଆୟୋଜନ କରିବେ। ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ୮ ମ୍ୟାଚ୍‌ରୁ ୧୫ ପଏଣ୍ଟ ସହିତ ପ୍ରୋ ଲିଗ୍ ଷ୍ଟାଣ୍ଡିଂର ୩ୟ ସ୍ଥାନରେ ଅଛନ୍ତି। ବେଲ୍‌ଜିୟମ ଓ ଇଂଲଣ୍ଡ ୧୬ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ୟୁରୋପ ଚରଣରେ ଯଦି ଭାରତ ଅଧିକରୁ ଅଧିକ ପଏଣ୍ଟ ହାସଲ କରିବ ତେବେ ଟେବୁଲର ଶୀର୍ଷରେ ରହି ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ପାଇପାରିବ।

ଚଳିତ ବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରୋ ଲିଗ୍‌ର ଘରୋଇ ଚରଣରେ ଭାରତ ୮ ମ୍ୟାଚ୍‌ରୁ ୫ଟିରେ ବିଜୟ ହାସଲ କରିଥିଲା। ୟୁରୋପ ଚରଣରେ ଭାରତ ୭ ଓ ୯ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ କ୍ରମାଗତ ୨ଟି ମ୍ୟାଚ୍ ଖେଳିବ। ଏହାପରେ ଆର୍ଜେଣ୍ଟିନାକୁ ୧୧ ଓ ୧୨, ଅଷ୍ଟ୍ରେଲିଆକୁ ୧୪ ଓ ୧୫ ଏବଂ ବେଲ୍‌ଜିୟମକୁ ୨୧ ଓ ୨୨ ତାରିଖରେ ଭେଟିବ। ବେଲ୍‌ଜିୟମ ଘରୋଇ ପରିବେଶରେ ଏହାର ମ୍ୟାଚ୍ ଆଣ୍ଟୱେର୍ପଠାରେ ଖେଳିବ। ୟୁରୋପ ଚରଣ ପାଇଁ ତାରକା ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ଭାରତୀୟ ଦଳର ଅଧିନାୟକ ଏବଂ ମିଡ୍‌ଫିଲ୍ଡ ସ୍ପେଶାଲିଷ୍ଟ ହାର୍ଦ୍ଦିକ ପାଣ୍ଡ୍ୟା ଉପଅଧିନାୟକ ମନୋନୀତ ହୋଇଛନ୍ତି। କ୍ରିଶନ ବାହାଦୁର ପାଠକ ଓ ସୂରଜ କରକେରା ଗୋଲକିପିଂ ଦାୟିତ୍ୱରେ ଥିବାବେଳେ ଅମିତ ରୋହିଦାସ, ହରମନପ୍ରୀତ ସିଂ, ଯୁଗରାଜ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ନିଲମ ସଞ୍ଜୀପ ଖେସ୍ ରକ୍ଷଣଭାଗ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ପୂର୍ବତନ ଅଧିନାୟକ ମନପ୍ରୀତ ସିଂ, ହାର୍ଦ୍ଦିକ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ଶମ୍‌ଶେର ସିଂ, ରାଜକୁମାର ପାଲ ଓ ରାଜିନ୍ଦର ସିଂ ରହିବେ ଏବଂ ଗୁର୍‌ଜାନ୍ତ ସିଂ, ଅଭିଷେକ, ଶୀଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ ଫରୱାର୍ଡ ଦାୟିତ୍ୱ ନିର୍ବାହ କରିବେ। ମୁଖ୍ୟ କୋଚ୍ କ୍ରେଗ୍ ଫୁଲ୍‌ଟନ ଯୁବ ଖେଳାଳିଙ୍କୁ ପରୀକ୍ଷା ନିରୀକ୍ଷା କରିବା ଅପେକ୍ଷା ଅଭିଜ୍ଞତାକୁ ଗୁରୁତ୍ୱ ଦେଇଛନ୍ତି। ''ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ତାହାକୁ ଲକ୍ଷ୍ୟରେ ରଖି ଦଳ ଚୟନ କରାଯାଇଛି'' ବୋଲି ଫୁଲ୍‌ଟନ ପ୍ରକାଶ କରିଛନ୍ତି। ତେବେ ପେନାଲ୍ଟି କର୍ନର କନ୍‌ଭର୍ସନ ସମେତ ଅନେକ ଦୁର୍ବଳ ଏରିଆ ରହିଛି, ଯାହା ଉପରେ କାମ କରିବା ଆବଶ୍ୟକ ଅଛି ବୋଲି ସେ ସ୍ୱୀକାର କରିଛନ୍ତି।

# ବେଆଇନ ବେଟିଂ, ଗ୍ୟାମ୍ବଲିଂ: ୨ ଗିରଫ

ନୂଆଦିଲ୍ଲୀ, ୬।୬(ପି.ଟି.)

ଆଇପିଏଲ୍ ଓ ଟି୨୦ ବିଶ୍ୱକପ୍ ବେଳେ ବେଆଇନ ଅନ୍‌ଲାଇନ୍ ବେଟିଂ ଓ ଗ୍ୟାମ୍ବଲିଂ ଚାଲିଥିଲା। ଏଥିପାଇଁ ଧରପଗଡ଼ ଚାଲିଛି। ବେଆଇନ ଟଙ୍କା କାରବାର କରାଯାଉଥିବା ସନ୍ଦେହରେ ୭୬୬ ବ୍ୟାଙ୍କ ଆକାଉଣ୍ଟକୁ ବର୍ତ୍ତମାନ ପାଇଁ ଅଚଳ କରିଦିଆଯାଇଛି। ବେଟିଂ ରାକେଟ୍‌ର ଅଂଶବିଶେଷ ମନିଲଣ୍ଡରିଂ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ତରଫରୁ ସୂଚନା ଦିଆଯାଇଛି। ଏହିସବୁ କାର୍ଯ୍ୟ ପଶ୍ଚିମବଙ୍ଗ, ଦିଲ୍ଲୀ, ବିହାର, ଉତ୍ତର ପ୍ରଦେଶ ଓ ଆସାମରେ ହୋଇଥିବା ଜଣାପଡ଼ିଛି। ଖବର ଅନୁସାରେ, ଇତିମଧ୍ୟରେ ୱେଷ୍ଟବେଙ୍ଗଲ ଗ୍ୟାମ୍ବଲିଂ ଓ ପ୍ରାଇଜ୍ କମ୍ପିଟିଶନ ଆକ୍ଟ, ୧୯୫୭ ଏବଂ ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଧାରା ଅଧୀନରେ ପଶ୍ଚିମବଙ୍ଗ ଅନ୍ତର୍ଗତ ସିଲିଗୁଡ଼ି ପୋଲିସ ଥାନାରେ ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ